

ଆଇପିଏଲ୍‌ରେ କିଶନଙ୍କ ପ୍ରଥମ ଶତକ ପୃଷ୍ଠା ୭

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 2 | ଭାଗ ୩୩ | ସଂଖ୍ୟା ୨ | Bhubaneswar | Monday 24 March 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୨୪ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଆଦିବାସୀ ଛାତ୍ରାବାସ ପାଇଁ ନୂଆ ମାର୍ଗଦର୍ଶିକା



- ଛାତ୍ରାବାସ ଓ ଛାତ୍ରୀନିବାସରେ ରହିବେ ୱାର୍ଡେନ
- ସବୁ ହଷ୍ଟେଲରେ ରହିବ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା
- ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ପାଇଁ ରହିବ ବାୟୋମେଟ୍ରିକ୍ସ
- ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ସିସିଟିଭି ଲଗାଇବାକୁ ପ୍ରସ୍ତାବ
- ଆଶ୍ରମ ସ୍କୁଲ ଶିକ୍ଷକଙ୍କ ପାଇଁ ଆସିବ ଟ୍ରାନ୍ସଫର ପଲିସି

**ଭୁବନେଶ୍ୱର, ୨୩।୩(ସଂଚାର ବ୍ୟୁରୋ):** ଆଦିବାସୀ ସ୍କୁଲ ଓ ଛାତ୍ରାବାସରେ ଘଟୁଥିବା ବିଭିନ୍ନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପ୍ରସ୍ତୁତ କରିଛି ନୂଆ ସୁରକ୍ଷା ମାର୍ଗଦର୍ଶିକା। ଏଣିକି ସବୁ ଆଦିବାସୀ ଛାତ୍ରାବାସରେ ରହିବେ ସ୍ୱତନ୍ତ୍ର ୱାର୍ଡେନ୍। ଅଣଛାତ୍ରଙ୍କ ପ୍ରବେଶକୁ ନିୟନ୍ତ୍ରଣ କରିବା ସକାଶେ ଛାତ୍ରାବାସଗୁଡିକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏନେଇ ବିଭାଗୀୟ ଷ୍ଟାଣ୍ଡିଂ କମିଟିରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

ସବୁ ଆଦିବାସୀ ଛାତ୍ରାବାସ ସହ ଅନ୍ୟ ସରକାରୀ ସ୍କୁଲ ହଷ୍ଟେଲରେ ରହିବେ ସ୍ୱତନ୍ତ୍ର ପୁରୁଷ ୱାର୍ଡେନ। ଆଦିବାସୀ ଓ ଅଣଆଦିବାସୀ ବ୍ଲକ୍‌ରେ ଥିବା ସବୁ ଉନ୍ନୟନ ଅଧିକାରୀଙ୍କୁ ହଷ୍ଟେଲ ତଦାରଖ ପାଇଁ ଗସ୍ତ ଖର୍ଚ୍ଚ ସାଙ୍ଗକୁ ସେମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ କରାଯିବନି। ଏପରିକି ସେମାନଙ୍କୁ ନିର୍ବାଚନ, ଜନଗଣନା କିମ୍ବା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରୁ ମଧ ମୁକ୍ତ କରିବାକୁ ଷ୍ଟାଣ୍ଡିଂ କମିଟି ସୁପାରିସ୍ କରିଛନ୍ତି। ସେହିଭଳି ସବୁ ବାଳିକା ଛାତ୍ରାବାସଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷିତ ପାଚେରୀ ନିର୍ମାଣ କରିବା ସହ ମହିଳା ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରିବାକୁ ସୁପାରିସ୍ ହୋଇଛି।

ଉଭୟ ଛାତ୍ର ଓ ଛାତ୍ରୀଙ୍କ ପାଇଁ ସବୁ ହଷ୍ଟେଲରେ କାଉନସିଲର ନିଯୁକ୍ତ କରିବା ସାଙ୍ଗକୁ ସେମାନଙ୍କ ଅଭିଯୋଗ ଶୁଣାଣୀ ପ୍ରକ୍ରିୟାକୁ ସରଳ ଓ ସୁନିଶ୍ଚିତ କରାଯିବ। ସବୁ ଆଦିବାସୀ ସ୍କୁଲ ଓ ହଷ୍ଟେଲରେ ମନିଟରିଂ ସେଲ ଗଠନ କରାଯିବ। ଛାତ୍ରାବାସରେ ଛାତ୍ର କିମ୍ବା ଛାତ୍ରୀଙ୍କ ➪ପୃଷ୍ଠା-୬



ରବିବାର କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରୁଛନ୍ତି

## ଶିକ୍ଷକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍!




**ସିଲ୍ ହୋଇନଥିବାରୁ ପ୍ରଶ୍ନ ଉଠାଇଛନ୍ତି ପରୀକ୍ଷାର୍ଥୀ**


ବ୍ରହ୍ମପୁର, ୨୩।୩(ସଂଚାର ବ୍ୟୁରୋ): ଓଡ଼ିଶା ଷ୍ଟାଫ ସିଲେକସନ୍ କମିଶନ (ଓଏସ୍ଏସ୍‌ସି) ପକ୍ଷରୁ ଆୟୋଜିତ ହୋଇଥିବା ଶିକ୍ଷକ ପରୀକ୍ଷାରେ ଅନିୟମିତତା ଅଭିଯୋଗ ହୋଇଛି। ସିଲ୍ ନ ଥିବା ପ୍ରଶ୍ନପତ୍ରକୁ ନେଇ କେନ୍ଦ୍ରରେ ଅସନ୍ତୋଷ ଜାହିର କରିଛନ୍ତି ପରୀକ୍ଷାର୍ଥୀ। ଲିଭ ଟ୍ରେନିଂ ରିସର୍ଚ୍ଚ (ଏଲ୍‌ଟିଆର୍) ପରୀକ୍ଷା ରବିବାର ସହରର ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରୁ ଶହ ଶହ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବା ସକାଶେ ବ୍ରହ୍ମପୁରକୁ ଆସିଥିଲେ। ତେବେ ବ୍ରହ୍ମପୁରସ୍ଥିତ ସିଟି ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ସମୟରେ ଅଭାବନୀୟ ପରିସ୍ଥିତି ଦେଖାଦେଇଥିଲା। କେନ୍ଦ୍ରରେ ପରୀକ୍ଷା ପ୍ରଶ୍ନପତ୍ର ବଣ୍ଟନ ସମୟରେ ନିୟମ ଅନୁଯାୟୀ ରହୁଥିବା ସିଲ୍ ନଥିଲା। ଏନେଇ ପରୀକ୍ଷାର୍ଥୀ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ପ୍ରଶ୍ନପତ୍ର ବଦଳ କରାଯାଇଥିଲା। ପ୍ରଶ୍ନପତ୍ରରୁ ସିଲ୍ ନ ଥିବାକୁ ନେଇ ପରୀକ୍ଷାର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ଲଗାଇଛନ୍ତି ପରୀକ୍ଷାର୍ଥୀ। ଅନ୍ୟପକ୍ଷରେ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଗୋପାଳ ମିଶ୍ରଙ୍କ କହିବାନୁସାରେ, କେନ୍ଦ୍ର ପକ୍ଷରୁ ସରକାରୀ ନିୟମ ଅନୁସାରେ ସମସ୍ତ କାମ କରାଯାଇଛି। ପ୍ରଶ୍ନପତ୍ର ତ୍ରିସ୍ତରୀୟ ସୁରକ୍ଷାରେ ରହୁଛି। ପ୍ରଥମଟି ହେଲା, ସଂସ୍ଥା ପକ୍ଷରୁ ଆସିବା ସମୟରେ ସିଲ୍ ରହୁଛି। ଦ୍ୱିତୀୟରେ, କେନ୍ଦ୍ରରେ ପହଞ୍ଚିବା ପରେ ଶ୍ରେଣୀଗୃହରେ ପରୀକ୍ଷାର୍ଥୀଙ୍କ ସମ୍ମୁଖରେ ପ୍ୟାକେଟରେ ଥିବା ପ୍ରଶ୍ନପତ୍ରକୁ ସିଲ୍ ଖୋଲି ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ, ପରୀକ୍ଷା ➪ପୃଷ୍ଠା-୬

**ମହାନଦୀ ଓ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ**

## ବଢ଼ିଲା ବିଜେପି-ବିଜେଡି ବୟାନବାଜି

- ଓଡ଼ିଶା କ୍ଷତିଗ୍ରସ୍ତ ହେବ: ଅମର
- ଛାନିଆ ହୁଅନ୍ତୁନି ବିରୋଧୀ: ପୃଥ୍ୱୀରାଜ

ଭୁବନେଶ୍ୱର, ୨୩।୩(ସଂଚାର ବ୍ୟୁରୋ): ବିରୋଧୀ ଦଳ ଭାବେ ବିଜେଡି ହାତରେ ମହାନଦୀ ଓ ସୀମା ପୁନଃନିର୍ଦ୍ଧାରଣ ଭଳି ଦୁଇଟି ବଡ ବଡ ପ୍ରସଙ୍ଗ ଥିଲେ ବି ଦଳର ନେତାମାନେ ଦୋ'ଛକିରେ ପଡ଼ିଛନ୍ତି। ଦୁଇଟିଯାକ ପ୍ରସଙ୍ଗରେ କ'ଣ କହିବେ, କ'ଣ କହିବେନି, ସେନେଇ ଥଥ ମମ ହେଉଛନ୍ତି। କାରଣ ଦୁଇଟିଯାକ ପ୍ରସଙ୍ଗରେ ବିଜେଡି ବ୍ୟାକଫୁଟରେ ରହିଛି। ମହାନଦୀ ବିବାଦରେ ବିଜେଡି ଆରମ୍ଭରୁ ଯେଉଁ ସତର୍କତାମୂଳକ ପଦକ୍ଷେପ ନେଲା, ସେଥିରେ ଫେଲ୍ ମାରିଥିବା ଜଳଜଳ ଦିଶୁଥିଲା। ସେହିଭଳି ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଗତ ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ଆରମ୍ଭ ହୋଇଥିଲା। ସେ ସମୟରେ ବିଜେଡି ମୁହଁରେ ତୁଣ୍ଡି ବାନ୍ଧିଥିଲା।






ଏବେ ହଠାତ ଆକ୍ରମଣାତ୍ମକ ହୋଇଯାଇଛି। ତେଣୁ ବିଜେଡି କିମ୍ବା କଂଗ୍ରେସ ଦୁଇଟିଯାକ ପ୍ରସଙ୍ଗରେ ମୁହଁ ଖୋଲିବା ମାତ୍ରେ ବିଜେପି ବିଧାୟକମାନେ ସେମାନଙ୍କୁ ମୁହଁତୋଡ଼ ଜବାବ ଦେଉଛନ୍ତି।

ମହାନଦୀ ଓ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ବିଜେପିକୁ ବିଜେପି ନେତାଙ୍କୁ ଟେର୍ଛା ବାଣ ମାରିଛନ୍ତି ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ ଅମର ପଟ୍ଟନାୟକ। ମହାନଦୀ ଜଳ ବିବାଦର ଦୀର୍ଘ ଦୁଇ ଦଶନ୍ଧି ଧରି ସମାଧାନ ହୋଇପାରୁନଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆପୋଷ ସମାଧାନ କଥା କହିବାରୁ ଚିହିଁକି ଉଠିଛି ବିଜେଡି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର, ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକାଧିକ ବାର ତ୍ରିପାକ୍ଷିକ ଆଲୋଚନା ହୋଇଛି। ହେଲେ ଛତିଶଗଡ଼ର ଜିଦଖୋର ମନୋଭାବ ପାଇଁ ଆଜି ବି ସମସ୍ୟାର ସାମାଧାନ ହୋଇପାରୁନାହିଁ। କିନ୍ତୁ ଯଦି ଏହି ଦୀର୍ଘକାଳୀନ ସମସ୍ୟାର ସମାଧାନ କରିବାକୁ ଛତିଶଗଡ଼ ଆଗ୍ରହୀ ଅଛି, ତା'ହେଲେ ସରକାର ତୁରନ୍ତ ନିର୍ମାଣ କରୁଥିବା ବାକି ବ୍ୟାରେଜ କାମ ବନ୍ଦ କରିବା ଦରକାର ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି।

ତେବେ ଶ୍ରୀ ଆଚାର୍ଯ୍ୟଙ୍କ ଏପରି ବୟାନକୁ କଡ଼ା ସମାଲୋଚନା କରିବା ସହ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ବିଜେଡି କ୍ଷମତାରେ ଥିବା ସମୟରେ ସମାଧାନ ପାଇଁ ଆଦୌ ଆଲୋଚନା କରିନାହିଁ। ୨୦୧୬ରେ କେନ୍ଦ୍ର ସରକାର ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଉକ୍ତ ବୈଠକରେ ପୂର୍ବତନ ବିଜେଡି ➪ପୃଷ୍ଠା-୬

## ଅଙ୍ଗନବାଡ଼ି ଛତୁଆ ବିଷ

**ଦୁଇ ଭଉଣୀ ମୃତ**

**ଗଜପତି, ୨୩।୩ (ସଂଚାର ବ୍ୟୁରୋ):** ଅଙ୍ଗନବାଡ଼ିରୁ ଆସିଥିବା ଛତୁଆ ବିଷ ସାବ୍ୟସ୍ତ ହୋଇଛି। ଏହି ଛତୁଆ ଖାଇ ଗୋଟିଏ ପରିବାର ଛାରଖାର ହୋଇଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଉକ୍ତ ପରିବାରର ୨ ଭଉଣୀଙ୍କ ଜୀବନ ଯାଇଥିବା ବେଳେ ସେମାନଙ୍କ ବାପା ଓ ଆଉ ଜଣେ ଭଉଣୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଅଭାବନୀୟ ଘଟଣା ଗଜପତି ଜିଲ୍ଲା ରାମଗିରିରେ ଘଟିଛି। ମୃତ୍ୟୁବରଣ କରିଥିବା ଦୁଇ ଭଉଣୀ ହେଲେ ତୁଳସୀ ବଡ଼ମୁଣ୍ଡି (୬) ଓ ଗୁଣବତୀ ➪ପୃଷ୍ଠା-୬

## ଆଜି ଆସିବେ ମହାମହିମ



ଆସନ୍ତାକାଲି ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ନୟାଗଡ଼ ଗସ୍ତ କରି ସେଠାରେକଣ୍ଟିଲୋ ନୀଳମାଧବଙ୍କୁ ଦର୍ଶନ କରିବେ। ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଥିବା ସୂଚନା ଦେଇଛନ୍ତି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ। ରାଷ୍ଟ୍ରପତି ଆସନ୍ତାକାଲି ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିବା ପରେ ଏକ ସ୍ୱତନ୍ତ୍ର ବିମାନରେ କଣ୍ଟିଲୋ ଯିବେ। ସେଠାକାର ପଲଟନ ପଡ଼ିଆରେ ଅବତରଣ ➪ପୃଷ୍ଠା-୬

**କଟକ 'ସେକ୍ସଟର୍ସନ' ମାମଲାରେ କମିଶନରେଟ ପୁଲିସକୁ ସଫଳତା**

## ଦିଲ୍ଲୀରୁ ନାଇଜେରୀୟ ଯୁବକ ଗିରଫ

କଟକ, ୨୩।୩(ସଂଚାର ବ୍ୟୁରୋ): କଟକରେ ଏକ ସେକ୍ସଟର୍ସନ ଅଭିଯୋଗ ହୋଇଛି ଓ ଏହି ମାମଲାରେ କମିଶନରେଟ୍ ପୁଲିସ୍ ନୂଆଦିଲ୍ଲୀରୁ ଜଣେ ନାଇଜେରୀୟ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏନେଇ ଆଜି କଟକ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ସବିଶେଷ ସୂଚନା ଦେବା ସହ ଗିରଫ ନାଇଜେରିଆ ନାଗରିକଙ୍କୁ ରିମାଣ୍ଡ୍‌ରେ ଅଣାଯିବ ବୋଲି କହିଛନ୍ତି। ସେ କହିବା କଥା ଯେ ଗିରଫ ନାଇଜେରୀୟ ଯୁବକ ଜଣଙ୍କ ଏକାଧିକ ବ୍ୟକ୍ତିଙ୍କଠାରୁ ଠକେଇ କରିଛନ୍ତି। ଏପରିକି ନ୍ୟୁଜିଲାଣ୍ଡ୍‌ରୁ ମଧ ତାଙ୍କ ଆକାଉଣ୍ଟ୍‌କୁ ଟଙ୍କା ଆସିଛି। ଗିରଫ ଅଭିଯୁକ୍ତଙ୍କଠାରୁ ୫ଟି ମୋବାଇଲ୍, ୮ଟି ଅନ୍ତର୍ଜାତୀୟ ସିମ୍ ଓ ଗୋଟିଏ ପାସ୍‌ପୋର୍ଟ ଜବତ ହୋଇଥିବା ବେଳେ ତାଙ୍କ ମୋବାଇଲ୍‌ରୁ ଅନେକ ନକଲି ପ୍ରୋଫାଇଲ୍ ମଧ ମିଳିଛି। ତେଣୁ ତାଙ୍କୁ ରିମାଣ୍ଡ୍‌ରେ ଆଣି ଏନେଇ ଅଧିକ ତଥ୍ୟ ହାସଲ କରିବା ସକାଶେ ଉଦ୍ୟମ ହେବ ବୋଲି ଶ୍ରୀ ଦ୍ୟାନଦେଓ କହିଛନ୍ତି।



- ପୀଡ଼ିତାଙ୍କଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରିଥିଲେ
- ଆଇଭରି କୋଷ୍ଟର ମୂଳ ବାସିନ୍ଦା
- ୫ ମୋବାଇଲ୍, ୮ ସିମ୍ ଓ ପାସ୍‌ପୋର୍ଟ ଜବତ

ମିଳିଥିବା ସୂଚନାନୁସାରେ, ଉକ୍ତ ନାଇଜେରୀୟ ଯୁବକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଜନୈକା ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସଂଗ୍ରହ କରିବା ସହ ତା' ଆଧାରରେ କ୍ରମାଗତ ଭାବେ ବ୍ଲାକ୍‌ମେଲ୍ କରିଚାଲିଥିଲେ। ଉକ୍ତ ମହିଳାଙ୍କୁ ହ୍ୱାଟ୍ସଆପ୍ ମାଧମରେ ଅଭିଯୁକ୍ତ ଜଣଙ୍କ ବିଭିନ୍ନ ସମୟରେ ଅର୍ଥ ଦାବି କରିବା ସହ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେବାକୁ ଧମକ ଦେଉଥିଲେ। ଏଥିରେ ଭୟଭୀତ ହୋଇ ଉକ୍ତ ମହିଳା ଜଣଙ୍କୁ ତାଙ୍କୁ ଲକ୍ଷାଧିକ ଟଙ୍କା ମଧ ➪ପୃଷ୍ଠା-୬

**ସହରାଞ୍ଚଳ ବିକାଶ ଅଗ୍ରଗତିର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ**

## ଓଡ଼ିଶା ପାଇଁ ୪୦୦ ଇ-ବସ୍‌କୁ ଅନୁମୋଦନ

ଭୁବନେଶ୍ୱର, ୨୩।୩(ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମୟରେ ଇ-ଯାନର ବ୍ୟାପକ ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଏ କ୍ଷେତ୍ରରେ ଓଡ଼ିଶା କଦାପି ପଛରେ ପଡ଼ିବ ନାହିଁ। ରାଜ୍ୟରେ ଇ-ବସ୍ ସେବାକୁ ବ୍ୟାପକ କରିବା ସକାଶେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ୪୦୦ ଇ-ବସ୍ ଯୋଗାଇଦେବା ସକାଶେ ରହିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିସାରିଛି। ଏହାଦ୍ୱାରା ସ୍ଥାୟୀ ସହରାଞ୍ଚଳ ଗମନାଗମନକୁ ପ୍ରୋତ୍ସାହିତ କରାଯାଇପାରିବ। ଆଜି ଏଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ଏବଂ ଶକ୍ତି ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର୍। ଶ୍ରୀ ଖଟ୍ଟର୍ ସହରାଞ୍ଚଳ ବିକାଶ ସହ ଜଡ଼ିତ ପ୍ରମୁଖ ପଦକ୍ଷେପ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି।




**ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ବ୍ୟବସ୍ଥା**

**ଅଭିବୃଦ୍ଧି କେନ୍ଦ୍ର ବିକାଶ ଉପରେ ଗୁରୁତ୍ୱାରୋପ**

ଓଡ଼ିଶାର ସହରାଞ୍ଚଳ କେନ୍ଦ୍ରଗୁଡ଼ିକର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ର ମନ୍ତ୍ରୀ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର, କଟକ, ପୁରୀ ଏବଂ ଖୋର୍ଦ୍ଧାକୁ ଅଭିବୃଦ୍ଧି କେନ୍ଦ୍ର ଭାବେ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭିତ୍ତିଭୂମିର ଉନ୍ନତି, ଶିଳ୍ପ ଓ ବାଣିଜ୍ୟିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ରଣନୈତିକ ଯୋଜନା ଓ ସରକାରୀ-ଘରୋଇ ସହଭାଗୀତା ମାଧମରେ ସ୍ଥାୟୀ ସହରୀକରଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ବୈଠକରେ ବୃହତ୍ ଭୁବନେଶ୍ୱର ଅଞ୍ଚଳର ଅଂଶ ଭାବେ ଏକ ନୂତନ ସହର ବିକଶିତ କରିବାର ପ୍ରସ୍ତାବ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ପ୍ରକଳ୍ପ ପାଇଁ ସମ୍ପୂର୍ଣ୍ଣ ସମର୍ଥନ ଯୋଗଦେବା ସକାଶେ ପ୍ରତିଶ୍ରୁତି ଦେବା ସହ ପଞ୍ଚଦଶ ଅର୍ଥ କମିଶନ ଓ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ ପାଣ୍ଠି ସୁଯୋଗ ଅନୁସନ୍ଧାନ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଏକ ପ୍ରମୁଖ ଆବାସ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ)ର ଶୁଭାରମ୍ଭ ସ୍ଥାନ ଥିଲା। ପିଏମଏୱାଇ-ସହରାଞ୍ଚଳ (ପିଏମଏୱାଇ-୨) ଅଧୀନରେ ୫୦ ହଜାର ନୂତନ ଘର ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଓ କେନ୍ଦ୍ର ମନ୍ତ୍ରୀ ଏହାର ଶୀଘ୍ର ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ଜାରି ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଏଥିସହ କେନ୍ଦ୍ର ମନ୍ତ୍ରୀ ଅଟଳ ମିଶନ ଫର୍ ରିଜୁଭେନେସନ୍ ଆଣ୍ଡ ଅର୍ବାନ୍ ଟ୍ରାନ୍ସଫର୍ମେସନ୍ (ଅମୃତ) ଅଧୀନରେ ଓଡ଼ିଶାର ୧୮ ସହରରେ ଚାଲିଥିବା ୨୪ଘଣ୍ଟିଆ ଜଳ ଯୋଗାଣ ପ୍ରକଳ୍ପର ସଫଳତାକୁ ପ୍ରଶଂସା କରିଥିଲେ। ଏଥିସହ ସ୍ୱଚ୍ଛ ଭାରତ ମିଶନ ୨.୦ ଅଧୀନରେ ରାଜ୍ୟ ପରିଷ୍କାର ପରିଚ୍ଛନ୍ନତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ମଧ ରାଜ୍ୟରେ ପ୍ରଶଂସନୀୟ ଉନ୍ନତି ଦେଖାଯାଇଥିବା ଶ୍ରୀ ଖଟ୍ଟର୍ କହିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଯେଉଁ ସ୍ଥାନରେ ଦୀର୍ଘ ସମୟ ➪ପୃଷ୍ଠା-୬



### କାନ ଡେରିଥା

ମୋବିଲ ହେଉଛି ଜାଲିଆତି ଏଠି
ମଣିଷ ବି ଏଠି ଜାଲିଆ।
ମଟନ ନାମରେ ଗୋମାଂସ ଚାଲିଛି
ବିକୁଥିବା ଲୋକ ବେହିଆ।
ଚାଉଳ ବି ଏଠି ସେୟା...
ନିଜ ସ୍ତ୍ରୀ ଆଉ ବୋଲ ଯେ ମାନୁନି
ସ୍ୱାମୀକୁ ଡାକୁଛି ଭେୟା।

■ ଦେବାଶିଷ

**ବିଜେବି କଲେଜରେ ଛାତ୍ରୀଙ୍କୁ ଅସଦାଚରଣ ମାମଲା**

## ରିପୋର୍ଟ ମାଗିଲା ଉଚ୍ଚଶିକ୍ଷା ବିଭାଗ

**ଅଧ୍ୟାପକଙ୍କ କାରନାମାକୁ ଘୋଡ଼ାଇବାକୁ କସରତ**

**ଭୁବନେଶ୍ୱର, ୨୩।୩(ସଂଚାର ବ୍ୟୁରୋ):** ବିଜେବି କଲେଜରେ ଏମବିଏ ପରୀକ୍ଷା ଦେଉଥିବା ଜଣେ ଛାତ୍ରୀଙ୍କୁ ସେହି କଲେଜର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର କରିଥିବା ଅସଦାଚରଣର ରିପୋର୍ଟ ମାଗିଛି ଉଚ୍ଚଶିକ୍ଷା ବିଭାଗ। ଘଟଣାର ତଦନ୍ତ କରି କାହିଁକି ରିପୋର୍ଟ ଦେଇନାହଁ ବୋଲି ପ୍ରଶ୍ନ କରି ବିଜେବି କଲେଜ ଅଧକ୍ଷଙ୍କୁ ପତ୍ର ଲେଖିଛନ୍ତି ବିଭାଗର ଅତିରିକ୍ତ ଶାସନ ସଚିବ।

ଉଚ୍ଚଶିକ୍ଷା ବିଭାଗ ଲେଖିଥିବା ପତ୍ରରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପାଣ୍ଡବ ପ୍ରଧାନ ଇଗ୍‌ନୋ ଅଧିନରେ ଏମବିଏ ପରୀକ୍ଷା ଦେଉଥିବା ଜନୈକା ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣଙ୍କ କଲେଜର ଆର୍ଟସ ବ୍ଲକରେ ପରୀକ୍ଷା ଦେଉଥିବା ସମୟରେ ଏହି ଘଟଣା ଘଟିଛି। ଏହି ଘଟଣାର ତଦନ୍ତ କଲେଜର ଆନ୍ତଃ କମିଟି କରିଥିଲା। କମିଟି ତା'ର ରିପୋର୍ଟ ପ୍ରଦାନ ପାଇଁ ବିଭାଗ ପକ୍ଷରୁ ଗତ ଜାନୁଆରୀ ୧୫ ତାରିଖରେ ପତ୍ର ଲେଖାଯାଇଥିଲା।




ହେଲେ ବିଭାଗକୁ ତଦନ୍ତ ରିପୋର୍ଟ ନ ମିଳିବାରୁ ବିଭାଗ ପୁଣି ଥରେ ଚିଠି ଲେଖିଛି। ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଦୁଇ ମାସରୁ ଅଧିକ ସମୟ ବିତିଥିଲେ ମଧ ତଦନ୍ତ ରିପୋର୍ଟ କ'ଣ ପାଇଁ ବିଭାଗକୁ ପଠାଯାଉନାହିଁ। ଏହି ମାମଲା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ତୁରନ୍ତ ଏହାର ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। ରିପୋର୍ଟ ପାଇଲା ପରେ ବିଜେବି କଲେଜ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି, ତା' ଉପରେ ଏବେ ସମସ୍ତଙ୍କ ନଜର।

ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅତ୍ୟନ୍ତ ସମ୍ବେଦନଶୀଳ ଏହି ଘଟଣାକୁ ଚାପିବା ପାଇଁ କଲେଜ କର୍ତ୍ତୃପକ୍ଷ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଘଟଣାଟି ଗତ ବର୍ଷ ଡିସେମ୍ବରରେ ଘଟିଥିଲା। ତତ୍କାଳୀନ କଲେଜ ଅଧକ୍ଷା ଏହାର ସରଜମିନ ତଦନ୍ତ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ହେଲେ ଡିସେମ୍ବର ୩୧ ତାରିଖରେ ସିଏ ଅବସର ନେବାକୁ ଥିବାରୁ ମାମଲାରେ ଛନ୍ଦି ହେବାକୁ ଚାହିଁନଥିଲେ। କୌଣସି ପ୍ରକାରେ ସମୟ ଟାଳିବା ସହ ସେ ଅବସର ➪ପୃଷ୍ଠା-୬

## ଅନ୍ଧାକାନୁନ୍
**ଶୋଭାମୟୀ ପତ୍ରୀ**

ଦୂରେ ବହୁଦୂରେ ଘନଅନ୍ଧକାରେ
ହଜିଛି ସ୍ୱାଧୀନ ସ୍ତୁପ,
ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାର
ଦମ୍ଭରେ ଝାଡୁଛି ରୋପ୍ ।
ଧରମ ଦେବତା ପୂଣ୍ୟ ଭାରତରେ
ନେଉନାନ୍ତି ଅବତାର,
ହତ୍ୟା, ଲୁଣ୍ଠନର ହାହାକାର ସ୍ୱରେ
ଫାଟିଯାଏ କର୍ଣଗିର ।
କଳିଯୁଗେ ଶାନ୍ତି ସୁରକ୍ଷା
ବିଚାର
ଆଇନି କାନ୍ଧରେ ନ୍ୟସ୍ତ,
ନିୟମ କାନୁନ୍ ବ୍ୟବସ୍ଥାପକ ଯେ
ନିଜ ସ୍ୱାର୍ଥେ ସଦା ବ୍ୟସ୍ତ ।
ଅଣ୍ଟି ପୁରୁଥିଲେ ତଣ୍ଟି ଭିଜୁଥିବ
ନିରୀହ ମରୁ ତ ମରୁ,
ବଡପଣ୍ଡା ଆମେ ନ୍ୟାୟ ଆମ ହାତେ
ଜନତାଏଁ ମେଣ୍ଢା ଗୋରୁ ।
ଅନ୍ଧ କୁରୁବଂଶୀ ଆୟତେ ଶାସନ
କୁଚକ୍ରି କରନ୍ତି ଧନ୍ଦା,
ଦଣ୍ଡ ବା ଖଲାସ ନିଷ୍ପତ୍ତି ନିଜସ୍ୱ
ବ୍ୟତିକ୍ରମେ ନ୍ୟାୟ ପନ୍ଥା ।
ଭୂଲ୍ ଠିକ୍ ସତ୍ୟ ଅସତ୍ୟ ବିଚାରେ
ସାତକେରା ଦୀନ ଚୁଟି,
ନ୍ୟାୟ ମୁର୍ତ୍ତି ହାତେ ଧରମ ନିକିତି
ଆଖିରେ ତା କଳାପଟି ।
ପୋକମାଛି ପରି ଗଡୁଛି ଜୀବନ
ପ୍ରମାଣ ବିହିନ ହୋଇ,
ଅନ୍ଧାକାନୁନ୍ ମାରେ ଖଣ୍ଡିକାଶ
ଦୁଷ୍ଟର ସୁରକ୍ଷା ପାଇଁ ।
ଦୁର୍ବଳ ଉପରେ ଶବଳର ଦାଉ
ଛିଡେ ଆଇନି ଶୃଙ୍ଖଳ,
ହେ ଧର୍ମ ଦେବତା ନିଅ ଅବତାର
ଆସିଛି ଉଦ୍ଧାର ବେଳ ।
**ତୁଳସୀକ୍ଷେତ୍ର, କେନ୍ଦ୍ରାପଡ଼ା**



## କବିତା ପରା ମୋ ଜୀବନ ଧନ
**ପୁଷ୍ପଲତା ମିଶ୍ର**

କବିତା ପରା ମୋ ଜୀବନ ର ଧନ
କବିତା ମୋ ଗଳା ମାଳି,
ଦିନେ ନ ଲେଖିଲେ ମନ ମୋ ବୁଝେନା
ମନେ ମନେ ହୁଏ ଭାଳି ।।
ମୋ ହୃଦ ସପନ ଶବ୍ଦ ର କୁସୁମ
ପଦ ସହ ପଦ ବୁଣେ,
କବିତା ସୁନ୍ଦରୀ କେତେ ଯେ ହୃନ୍ଦରୀ
ଅକୁହା କଥା କୁ ଆଣେ ।।
ଛନ୍ଦ ଅଳଙ୍କାର ଭାଷା ର ଝଙ୍କାର
ଲେଖେ ଯେ ଛନ୍ଦ କବିତା,
ଅତି ଶରଧା ରେ ସରଳ ଭାଷାରେ
ମନ ଗହନ ର କଥା ।।
ଗୀତା ଭାଗବତ ରାମାୟଣ କଥା
ଆଣ ଇ କବିତା ମୋର,
ପୁରାତନ ସହ ନୂତନ ସମ୍ଭାର
ସଂସ୍କୃତି ରେ ଭରପୁର ।।
ଜୀବନ ଦର୍ଶନ ଋତୁ ର ବର୍ଣ୍ଣନ
କଳ୍ପନା ର ଚିତ୍ର ପଟ,
ଶବ୍ଦ ଯୋଡ଼ି ଲେଖେ ଅନ୍ତର ର ଭାବ
କରେନି କେବେ ବି ମଠ ।।
ମହା ପୁରୁଷ ଙ୍କ ଜୀବନ କାହାଣୀ
ଦିଏ କବି ପରିଚୟ,
କବିତା ମାଧମେ ଗଢି ହୁଏ ସେତୁ
କବିତା ମୋର ହୃଦୟ ।।
**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮ ୨୯୪୬୫୭**



**ଡଃ ତାନଶ୍ରୀ ପାଣିଗ୍ରାହୀ**



# ଶେଷରେ ମୋତେ ଭୁଲିଗଲ ନା

ସୀମାହୀନ ନୀଳ ବିସ୍ତୃତ ଆକାଶରେ ପକ୍ଷ ବିସ୍ତାରି ଉଡିବାର ସ୍ୱପ୍ନ କେଉଁ ବିହଙ୍ଗର ବା ନ ଥାଏ... କିନ୍ତୁ ଆହତ ବିହଙ୍ଗଟି...ନିଜଭିତରେ ନିଜ ସ୍ୱପ୍ନକୁ ସାକାର କରିବାର ଅଭିଳାଷ ନେଇ କେବଳ ଛଟପଟ ହେବା ବ୍ୟତୀତ କିଛି ଉପଚାର ନ ଥାଏ ତା ପାଖରେ... ଭଗ୍ନମନସ୍କତା ଭିତରେ ଆନ୍ଦୋଳିତ ହୁଏ ସ୍ୱାଧୀନତାର ସ୍ୱପ୍ନରାଜି... ଆଜି ଠିକ ସେହିପରି ଆଶାର ମନ ଭିତରେ ପୂର୍ବ ସ୍ମୃତିସବୁ ଭାସି ଆସୁଛି...

ପ୍ରଥମ ଦେଖାରେ ଆକାଶର ମିଠା ମିଠା କଥା... ମାର୍ଜିତ ବ୍ୟବହାର, ଅପରୂପ ଚେହେରା ଚେହେରା... ଆକର୍ଷିତ କରିଥିଲା ଆଶାକୁ...ସେଦିନ ଥିଲା ବର୍ଷାଋତୁର ଏକ ସନ୍ଧ୍ୟା.... ମେସରୁ ଚାଲି ଚାଲି ଯାଉଥିଲା ବସଷ୍ଟାଣ୍ଡ... ଆସିଲା ପ୍ରବଳ ବର୍ଷା ଭିଜିଗଲା... ପଛରୁ ବାଇକରେ ଆସୁଥିବା ଯୁବକ ଜଣକ ଆସି ଅଟକି ଗଲେ ଆଶା ପାଖରେ... ପଚାରିଲେ ବର୍ଷାରେ ଏମିତି ଭିଜି ଭିଜି...କୁଆଡ଼େ ଯିବେ... ?

ବସଷ୍ଟାଣ୍ଡ...ଯଦି କିଛି ନ ଭାବିବେ ତାହାଲେ ବସନ୍ତୁ... ମୁଁ ନେଇ ଛାଡିନେବି... କିଛି ଉତ୍ତର ନ ଦେଇ ବସିଥିଲା ଆକାଶର ବାଇକରେ... ବସଷ୍ଟାଣ୍ଡ ପହଂଚିବା ବେଳକୁ ବର୍ଷା ଛାଡି ଯାଇଥିଲା... ବର୍ଷାର ମିଠା ମିଠା ମହକରେ ଓଦା ଓଦା ସ୍ପର୍ଶରେ ପରସ୍ପର ଆକର୍ଷିତ ହୋଇଥିଲେ ସେହି ମୁହୂର୍ତ୍ତରେ... ପରସ୍ପର ଫୋନ ନମ୍ବର ପାଖରେ ରଖିଥିଲେ ସେହି ଦିନଠୁ ଆକାଶ ଓ ଆଶା ଅଧିକରୁ ଅଧିକ ନିକଟ ହୋଇ ଉଠିଲେ... ପ୍ରତିଦିନ ଫୋନରେ କଥା ନ ହେଲେ ଦୁହିଁଙ୍କୁ ଭଲ ଲାଗେନା ...ଦୁହିଁଙ୍କ ମନ ଏକ... ବେଦନାର ଅନୁଭବ ବି ସମାନ... ଆକାଶ ବୁଝିପାରନ୍ତି ଆଶାର ନିରୀହ ଶବ୍ଦମାନଙ୍କୁ... ପ୍ରତ୍ୟେକ ମାସରେ ଦୁହେଁ ଦୁହିଁଙ୍କୁ ଦେଖା କରନ୍ତି... ମନେପଡେ ସେ ଦିନର ସେହି ଆଦ୍ୟ ବୈଶାଖର ଅପରାହ୍ନଟା କେମିତି ମାଡି ମାଡି ପଡୁଛି... ଆକାଶରେ ଅଦିନିଆ ମେଘର ଧୂସର ଓଢଣୀ... ଚପଳାର ବକ୍ରରେଖା ତା ଦେହରେ ଟାଣିଗଲା ବେଳକୁ ଘୁମ ସୁମ ଗର୍ଜନ ବି ରହି ରହି ଗୁମୁରି ଉଠିଲା... ଆଶା ଡରରେ ଆକାଶକୁ ଜଡ଼ାଇ ଧରି ଭୟରେ ଥରୁଥିଲା...ଆଶାର ସ୍ପର୍ଶରେ ଆକାଶ ଦେହରେ ଅଜଣା ଶିହରଣ ଖେଳିଗଲା... ଆଶାର ମୁହଁ ଲାଜରେ ଲାଲ ପଡି ଯାଇଥିଲା... ଆକାଶର ମୃଦୁ ଚୁମ୍ବନରେ...

ଆକାଶକୁ ଠେଲି ଦେଇ କହିଲା ଆଶା କହିଲା... ଇସ କି ଦୁଷ୍ଟ ତମେ... ଆକାଶ ଶୁଣୁଥିଲା ଯାହାର କଣ୍ଠସ୍ୱର ଏତେ ଲଳିତ... ମନଲୋଭା... ଚକ୍ଷୁଦ୍ୱୟ ଅନୁପମ... ରମ୍ଭା ମେନକା ବି ତା ଆଗରେ ଫିକା ପଡିଯିବେ... ଆକାଶର ଏମିତି ଚାହାଣିରେ... ଆଶା ବାଧା ଦେଇ କହିଲା... ଏ କଣ ଭାବୁଛ... ନାଇଁ କିଛି ନାହିଁ... ତୁମେ ମୋତେ କେବେ ଭୁଲି ଯିବନି ତ... ତୁମକୁ ଜୀବନ ସାଥୀ ରୂପେ ନ ପାଇଲେ ମୁଁ ପାଗଳ ହୋଇଯିବି ଆଶା ... ଏ କୁହନା..

ଦୁହିଁଙ୍କ ଆଖିରେ ମିଳନର ଆକାଂକ୍ଷା... ପାଖରେ ଠାକୁରାଣୀ ମନ୍ଦିରର ସିନ୍ଦୁର ଆଣି ଆଶାର କପାଳରେ ଲଗାଇ ଦେଲା ଆକାଶ ... ଆଜିଠାରୁ ତୁମେ ମୋ ସ୍ତ୍ରୀ... ଆମ ଘରେ ଜଣାଇ ଶୀଘ୍ର ମୁଁ ମୋ ରାଣୀ ସଜାଇ ନେଇଯିବି... ଏବେ ତମେ ଖୁସି ତ... ଆଶା ଆକାଶର ପାଦ ଛୁଇଁ ପ୍ରଣାମ କଲା... ଈଶ୍ୱରଙ୍କୁ ଶତ ଧନ୍ୟବାଦ ଦେଲା... ଆକାଶ ଭଳି ଜୀବନ ସାଥୀ ପାଇ... ଓଏଏସ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥାଏ ଆକାଶ ... ଆଶା ତାର +୩ ଶେଷ ବର୍ଷର ବିଜ୍ଞାନ ଛାତ୍ରୀ ନିଜ ପଢା ପ୍ରତି ଧ୍ୟାନ ରଖି ମଧ୍ୟ ପ୍ରତି ମୁହୂର୍ତ୍ତରେ ଉତ୍ସାହିତ କରୁଥାଏ ଆକାଶକୁ.... ତାର ଦେହ, ଖାଇବାପିଇବା...ଭଲ ମନ୍ଦ ବୁଝେ... ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଆକାଶ .. ବହୁତ ଖୁସି ହେଲା ଆଶା ... ଫାଇନାଲ ପରୀକ୍ଷା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଲା ତା ହୃଦୟର ସାଥୀ ପାଇଁ... ଓଏସ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେଲା ଆକାଶ ... ଏବେ କିନ୍ତୁ ବହୁତ ପରିବର୍ତ୍ତନ ହୋଇଛନ୍ତି ଆକାଶ ... ଆଗ ଭଳି ପ୍ରତିଦିନ କଥା ନାହିଁ... ପାଞ୍ଚ ଛଅ ଦିନରେ କଥା... ପୁଣି ଅଳ୍ପ ସମୟ... ବ୍ୟସ୍ତ କହି ଫୋନ କାଟି ଦେଉଛନ୍ତି... ଏହା ଭିତରେ ମାସଟିଏ ବିତି ଯାଇଛି... ଦିନେ ମେସେଜଟିଏ ଆକାଶ ପାଖରୁ ଆସିଲା... ଆଶା ତୁମେ ବିଶ୍ୱାସ କର... ମୁଁ ତୁମକୁ ହୃଦୟ ଦେଇ ଭଲ ପାଏ... ହେଲେ ମୋ ବାପାମାଆ ମୋ ବାହାଘର ଆଉ ଜଣେ ଝିଅ ସହିତ ଠିକ କରିଛନ୍ତି...ମୋତେ କ୍ଷମା କରିଦେବ ଆଶା ... ପାଦ ତଳରୁ ମାଟି ଖସିଗଲା ଆଶାର ...ପାଖରେ ସାଇତି ରଖିଥିବା ଆକାଶର ଫଟୋକୁ ଚାହିଁ ଅଶ୍ରୁରେ ଭିଜାଇ ଦେଲା... ଏ... ତୁମ ମନରେ ଯଦି ଏହା ଥିଲା... ମୋତେ ଏତେ ଭଲ ପାଉଥିଲ କାହିଁକି... ? ମୋ ମଥାରେ ସେଦିନ ଠାକୁର ସିନ୍ଦୁର ଦେଇ ଜୀବନ ସାଥୀ କରିବାର ପ୍ରତିଶ୍ରୁତି ଦେଉଥିଲ କାହିଁକି... ମୋତେ ତୁମେ କେମିତି ଭୁଲି ଗଲ ଆକାଶ ...ଏ ଜନ୍ମ କଣ ସାତ ଜନ୍ମ ପାଇଁ ତୁମକୁ ଅପେକ୍ଷା କରିଥିବି.. ମୁଣ୍ଡ ପିଟି କାନ୍ଦୁଥିଲା ଆଶା ... ଏକ ଛୋଟ ଅବୋଧ ଶିଶୁ ପରି...ତାର କରୁଣ କ୍ରନ୍ଦନ ଭିତରେ ବାରମ୍ବାର ଆନ୍ଦୋଳିତ ହେଉଥାଏ...


ଏତେ କଥା... ଏତେ ପ୍ରତିଶ୍ରୁତି... ଠାକୁରଙ୍କ ସିନ୍ଦୁର ଦେଇ ସ୍ତ୍ରୀ ବୋଲି କହି ସାରିଲା ପରେ ଶେଷରେ ମୋତେ ଭୁଲିଗଲ ନାଁ... ?

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର**
**ବାଲିଆ,ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ହେ କବିତା, ତୁମେ ମୋ ଜୀବନ
**ସ୍ୱାଗତିକା ସାହୁ**

ଭାବନାର ପାହୁଲା ପାହୁଲା ପୃଷ୍ଠାରେ
ସଂଗପିତ ସଂସ୍ଥିତା ତୁମେ ବ୍ରୀଡ଼ାଶୀଳା
ଲିଖନୀ ବନ୍ୟାରେ କର ଚୁର ଚୁର...!
ତୁମ ବିନା ସୃଜି ପାରେନା ଆୟୁତ କଳ୍ପନା
କାବ୍ୟକ ଚେତନାର ଲିଖନୀ ପରଶେ
ମୃତ୍ୟୁ ମଲାଟର ଅମୃତ ଅକ୍ଷରେ
ହାତ ଚିରା କେଇଟା ଶବ୍ଦରେ ସୁସଜ୍ଜିତ କର
ତୋଳିଧର ଆଶାବରୀ ରାଗେ
କବିତା କୁଞ୍ଜ...!
ନୀରବ ବିପ୍ଳବୀ ସେ ଦ୍ୱିତୀୟ ଈଶ୍ୱର
ତପ୍ତ ତିନିମାର ତୃପ୍ତ ରାଗିଣୀରେ...
ହୋଇଯାଅ ଜୀବନ୍ତ...!
ମନ୍ଦ୍ରକଣ୍ଠେ ଅନେକ ଉଦ୍ଘୋର୍ଷ
ଛାଇର ଛଇଳି ଭଙ୍ଗୀ ମଧେ
ଅସ୍ଫୁଟ ଭାଷାରେ ବି ତୁମେ ଚିକ୍ ମିକ୍...
ସ୍ୱପ୍ନମାଗ୍ନା ଉଆଁସୀ କାନିରେ
ତୁମେ ବାସ୍ତବ ଦେବ...
କବିର ମାନସୀ କନ୍ୟା ହେ କବିତା
କ୍ରିୟାଶୀଳ କର କଳ୍ପନା କଲମ...!
ଫୁଆର ଫୁଟାଇ ଚାଲିଆସ
ଅସ୍ପଷ୍ଟ ଭାଷାରେବି...
ନିମିଳିତ ନୟନ ଉଦ୍ଦୀପ୍ତ ଦୃଷ୍ଟି ତୁମ
ଜଡ଼ତାକୁ ଭଙ୍ଗ କର ଶବ୍ଦର
ବିପୁଳ ଗର୍ଜନେ
ବାସ୍ତବତାର କି ନୂଆ ରୂପ ନେଲଣି...
ପିନ୍ଧାଆ ନିର୍ବାଣର କବଚ କୁଣ୍ଡଳ
ହେ କବିତା, ତୁମେ ତ ମୋ
ସଞ୍ଚର ଜ୍ୱଳନ୍ତ ସଳିତା....!
କାହାପାଇଁ ତୁମେ ଆଶା ଆଶ୍ୱଶନା
ମୋ ପାଇଁ ଆଶକ୍ତିର କାଦମ୍ବରି ନିଶା
ନିଗାଡି ଶବ୍ଦ ରଶ୍ମୀର ବେଣୀ
ଭଗ୍ନ ଅସ୍ତରାଗେ ଫୁଟାଅ ଆତସବାଜି
କେବେ ନଗ୍ନ ଅନାବନା ଶବ୍ଦ ସମ୍ଭାରରେ
ପୁଣି କେବେ ଆଳଙ୍କାରିକ ଛନ୍ଦରେ
ବାସ ରଜନୀ ଗାନ୍ଧାର ମହକ...
ରାଜସାକ୍ଷୀ ଏଇ ସଂସାର କାଳେ
ଶବ୍ଦ ଶବ୍ଦରେ ସୃଷ୍ଟି ଇତିହାସର
ସଦା ତୋଳ ତୁମେ କ୍ରାନ୍ତିର ସୁର...
ଜଗତରେ ତୁମେ ଗୋଟେ ଅନନ୍ୟା
ହସୁଛ କାହାପାଇଁ ଗୋ ପ୍ରଣୟୀନି ?
ମଧୁକ୍ଷରା ତୁମେ ସୌମ୍ୟା ଚାରୁଶୀଳା
ଉଷୁମ ହୋଇଉଠେ ହାତପାଖ ଜୀବନ
ତୁମ ସମସ୍ତ ପୂର୍ଣ୍ଣାହୁତି....!!
ମୁଠାଏ ସର୍ବୋଷଧି ମୋ ନିମନ୍ତେ
କାଳଜୟୀ ତୁମେ ସ୍ୱପ୍ନ ନାୟୀକା
ଚୁଲବୁଲି ପ୍ରେୟସୀ ହେ ମଧୁଭାଷୀନି
ଏ ସୃଷ୍ଟି ଆୟୁଷେ ଭରି ଦିଅ ଗୋ...
ଅନୁଦାନର ନିଖିଳ ସାହିତ୍ୟ ଭଣ୍ଡାର
ତୁମକୁ ନେଇ କବି ହୁଏ ଚିର ଆୟୁଷ୍ମାନ
ଶବ୍ଦ ପାଉଁଜିରେ ଏମିତି ହୁଅ ରୁଣୁଝୁଣୁ
**ଉମରକୋଟ, ନବରଙ୍ଗପୁର**





## ତୁମେ ରାଧାର ନା ମୀରାର
**ଅନୁପମା ବିଶ୍ୱାଳ**

ଶ୍ରୀଚରଣ ସେବି ରାଧା ବିକିଅଛି ପରାଣ
ପୀରତି କରେ ଗୋପନେ ଭୟ ଲଜ୍ଜା ତେଜିଣ
କାହ୍ନୁ ଗୋ,ତୁମ ପାଇଁକି ନିନ୍ଦା କରେ ଶ୍ରବଣ
ତୁମ ନାମ ମୁଖେ ଧରି ସରେ ତା' ରାତି ଦିନ।
ତୁମ ପ୍ରେମ ପାଇବାକୁ ହୁଏ ସଦା ଆତୁର
ଶୁଣୁଥାଏ କାନ ଡେରି ତୁମ ବଇଁଶୀ ସୁର
କାହ୍ନୁ ଗୋ,ତୁମ ପାଇଁକି ନାଚେ ମନ ତାହାର
ଯମୁନା ଘାଟକୁ ଧାଏଁ ସେ ଯେ ଥରକୁ ଥର।
ପୀରତି ପାଗଳୀ ରାଈ ଛାଡି ଘର ଦୁଆର
ତୁମ ପ୍ରେମ ଲଭିବାକୁ ପିଏ ମିଠା ଜହର
କାହ୍ନୁ ଗୋ,ତୁମ ପାଇଁକି ରଚେ ରସ ଶୃଙ୍ଗାର
ପାଣି ଆଣିବା ଆଳରେ ଯାଏ ଯମୁନା ଧାର।
ତୁମ ନାମ ଜପି ମୀରା ତେଣେ ହୁଏ ବିଭୋର
ଭକ୍ତି ପ୍ରେମ ରସ ପିଇ ପୂରାଏ ତା' ଉଦର
କାହ୍ନୁ ଗୋ, ତୁମ ପାଇଁକି ବାଜେ ବୀଣା ଝଙ୍କାର
ପୁଣ୍ୟ ନାମ କୀର୍ତ୍ତନରେ ଆହା ପରାଣ ସାର।
ବାଲୁତ କାଳରୁ ମଣେ ବର ରୂପେ ତୁମକୁ
ତୁମ ମୂର୍ତ୍ତି ସହ ଖେଳି ତୃପ୍ତି ଦିଏ ହୃଦକୁ
କାହ୍ନୁ ଗୋ,ତୁମ ପାଇଁକି ଭୁଲି ଯାଏ ନିଜକୁ
ଭଜନ ଜଣାଣ ଗାଇ ଲଭେ ତୁମ ପ୍ରେମକୁ।
ମୁଖ ମଣ୍ଡଳର ଜ୍ୟୋତି କରୁଥିଲ ପ୍ରକାଶ
ଚାହୁଁଥିଲା ଏକଲୟେ ହୋଇ ସିଏ ହରଷ
କାହ୍ନୁ ଗୋ,ତୁମ ପାଇଁକି ଓଠେ ଫୁଟିଛି ହସ
ପ୍ରେୟସୀ ସାଜି ତୁମର ପିଇଛି ମଧୁ ରସ।
ରାଧାନାମେ ଯୋଡି ହୋଇ ରଚିଅଛ ଯେ ଲୀଳା
ପ୍ରେମ ରଙ୍ଗ ବୋଳି ହୋଇ ମନ ହୁଏ ବାଉଳା
କାହ୍ନୁ ଗୋ,ତୁମ ପାଇଁକି ରାଧା ମୁଖ ଶୋଭିଲା
ବାହୁ ବନ୍ଧନରେ ଝୁଲି ଆତ୍ମସୁଖ ଲଭିଲା।
ମୀରା ସହ ଭାବେ ଥାଇ ଦେଲ ପୀରତି ଧାର
ପରମ ଗତି ଲଭିଲା ଭକତି ଚେତନାର
କାହ୍ନୁ ଗୋ,ତୁମ ପାଇଁକି ପ୍ରେମ ଯୁଗ ଯୁଗର
କହିଦିଅ ଥରେ ତୁମେ ରାଧା ଅବା ମୀରାର।
ସମ୍ବଲପୁର



## ଆଶା
**ସୁଶୀଳ କୁମାର ମିଶ୍ର**

ମୋର ଏହି ମାନସ ପଟରେ
କୁହେଳିକା ସୃଷ୍ଟି କରି,
ଆଶା ରୂପୀ ଇନ୍ଦ୍ରଧନୁ
ଦେଖାଦିଏ କ୍ଷଣ କ୍ଷଣ କରେ।

ମୋର ଏହି ଆକାଶ ମନରେ,
ସ୍ୱପ୍ନର ବଉଦ ପରି
ତୁମେ ଭାସିବୁଲ ଦୃଶ୍ୟ ଅନ୍ତରାଳେ।

ଆଶାର ସ୍ୱପ୍ନିଳ ନଈରେ
କାତହରା ମୁଁ ଏକ ନାବିକ
ଲାଗିଛି ମୁଁ ଓଏସିସ ସନ୍ଧାନେ!!

ଏ ସ୍ୱପ୍ନର ଅନ୍ତ ନାହିଁ,
ବାଟବଣା ମୁଁ ଏକ ପାନ୍ଥ
ଆଶାୟୀ ଭାବେ ଖୋଜୁଛି ତୁମକୁ,
ଭେଟ ପାଉ ନାହିଁ।
**ପଡ଼ିଆବାହାଲ, ସମ୍ବଲପୁର**



## ମା
**ଡ. ଶୁଭେନ୍ଦୁ ମେହେର**

ଗୋଟିଏ ଅକ୍ଷରରେ ସମାହିତ
ବିରାଟ ଶବ୍ଦଟିଏ !
ନା ତା'ର କଳନା ଅଛି
ନା ବର୍ଣ୍ଣନା......
ବିରାଟ ଶବ୍ଦକୋଷ ବି ଶବ୍ଦ ଦେବାରେ
ଅସମର୍ଥ ହେବ ନିଶ୍ଚୟ ,
ସେ' ଭୂମି ରୁ ଭୂମା
ସର୍ବବ୍ୟାପି,
ସକଳ ଶକ୍ତିର ଆଧାର ।
ସୃଷ୍ଟିର ଶ୍ରେଷ୍ଠ ହିଁ ସିଏ...
ଅସୁସ୍ଥ ଥାଇ ଓଷା କରେ
ନିଦରୁ ଉଠେ
ଦିନ ତମାମ ଖଟେ,
ରାତିରେ ବଳକା ତୋରାଣି ପିଇ
ଶୋଇଯାଏ ନିଶ୍ଚିନ୍ତରେ
ସାକ୍ଷାତ ଈଶ୍ୱରୀ ଟିଏ ସେ,
ନିସ୍ୱାର୍ଥ ସେବା ଓ ସମର୍ପଣରେ
ପଣତକାନିର ଶୀତଳତା ଦେଇ
ନାନା ବାୟା ଗୀତ ଓ
ଗଜଲ ଶୁଣାଏ ।
ନା ତା'ର ଆକାର ଅଛି
ନା ବିକାର......
ଏକୁଡ଼ିରୁ ମଶାଣୀ ଯାଏ
ସେ' ଏକ ସୁଦୃଢ଼ ବିସ୍ତୃତ ଭୂଇଁ
ଆଉ କେବେ ଚିରସ୍ରୋତା ନଈ
ସିଏ ତ ମୋ' ପାଇଁ
ଝଙ୍କାଳିଆ ବରଗଛ ଛାଇ ।
ତା' ସ୍ନେହ ମମତାର ଓହଳରେ
ଝୁଲୁଛି ଆଉ ଝୁଲିବି
ତମାମ ଜୀବନ !
ତାକୁ ଡାକିଲେ
ମୁଁ ପାଏ ଅମୃତର ଉପଲବ୍ଧି
ସେ' ତ ମୋ'ର ଅନନ୍ତ ମହୋଦଧି ।
ସେ' ମୋ'ର
ମମତାର ମନ୍ଦାକିନୀ
ପ୍ରେରଣାର ମେରୁ ହିମାଳୟ,
ନିବିଡ଼ତାର ଆବେଗ
ଆଉ ସ୍ନେହ ସୁରକ୍ଷାର
ନିବୁଜ ବଳୟ ।

ତା' ଆଖିରେ ଆଖିଏ ପ୍ରେମ ଥାଏ
ମୋ' ପାଇଁ ।
ହାତଧରି ଲେଖିବା,କହିବା,ବୁଲିବା
ଖେଳିବା ବି ସିଏ ଶିଖାଇଛି,
ତା' ପାଇଁ ଦୁନିଆଁ ଦେଖିଛି
କବିତା ଲେଖିଛି ।

ତ୍ୟାଗ ଓ ତପସ୍ୟାର ତପସ୍ୱିନୀ ସିଏ
ରାମାୟଣ ଠାରୁ ଅଧିକ ରସମୟ
ଭାଗବତ ଠାରୁ ଅଧିକ ଭାବମୟ !
ସିଦ୍ଧି ଓ ସାଧନାର ସୁଗମ ମାର୍ଗ
ସ୍ନେହ ଓ ମମତାର ମଧୁର ସ୍ୱର୍ଗ ।

ବାରମ୍ବାର ପଚାରେ ନିଜକୁ ନିଜେ
କିନ୍ତୁ ପାଏନା ଉତ୍ତର ।
ଏତେ ପରିସ୍ଥିତି ଦେଇ
ପରିଶ୍ରମ କରି
ସେ' କଣ ପାଏ ?

ଶେଷରେ ଏତିକି ଜାଣେ.....
ଦେବାରେ ଆନନ୍ଦ ପାଏ ବୋଲି
ସେ' ଦେବୀ ।

ତେଣୁ ଭକ୍ତି ଗଦଗଦ ହୋଇ
ଭକ୍ତ ଗାଏ....
ସର୍ବ ମାଙ୍ଗଲ୍ୟ ମାଙ୍ଗଲ୍ୟେ ର ଆବାହନୀ ମନ୍ତ୍ର ।।
**ଯାଲୋଏ, ସୁବର୍ଣ୍ଣପୁର**



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

# ଭାରତୀୟ ପରିବାର ଓ ଇଡିପସ କମ୍ପ୍ଲେକ୍ସ ଥିଓରୀ




ଗ୍ରୀକ୍ ନାଟ୍ୟକାର ସଫୋକ୍ଲିସ୍ ରଚିତ ନାଟକ ରାଜା ଇଡିପସ ବିଷୟରେ ଆମେ ଅଳ୍ପ ବହୁତେ ଜାଣୁ। ଏହି ଦୁଃଖଦ ନାଟକରେ ରାଜା ଲାଇଆସ ଓ ରାଣୀ ଜୋକଷ୍ଟା ନିଜ ଜନ୍ମିତ ପୁତ୍ର ବିଷୟରେ ହୋଇଥିବା ଭବିଷ୍ୟବାଣୀ (ଦିନେ ସେ ପିତାଙ୍କୁ ମାରି ମାତାଙ୍କୁ ବିବାହ କରିବ ଓ ଦେଶର ଦୁର୍ଭାଗ୍ୟର କାରଣ ହେବ)ଶୁଣି ତାକୁ ଜଙ୍ଗଲରେ ହତ୍ୟା କରି ଫିଙ୍ଗି ଦେବାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଧିର ନିର୍ଦ୍ଦେଶ ଅଲଗା। ଭୃତ୍ୟ ଦୟା ପରବଶ ହୋଇ ସେ କାର୍ଯ୍ୟକୁ ସମ୍ପାଦିତ କରି ପାରି ନାହିଁ ।ଶିଶୁ ଟିକୁ ଜଣେ ମେଷ ପାଳକ ପାଇ କୋରିନ୍ଥର ରାଜାଙ୍କୁ ହସ୍ତାନ୍ତର କରି ଦେଇଚି । ସେଠାରେ ପ୍ରାପ୍ତ ବୟସ୍କ ହେବା ପରେ ଘଟଣା ଚକ୍ରରେ କୌଣସି ଏକ ଶିକାର କାର୍ଯ୍ୟକ୍ରମରେ ବାହାରି ଥିବା ରାଜା ଲାଇଆସଙ୍କ ସହ ତାର ସମ୍ମୁଖ ଯୁଦ୍ଧ ହେଉଚି ଏବଂ ରାଜା ତା ଦ୍ୱାରା ମୃତ୍ୟୁ ବରଣ କରିଛନ୍ତି। ସେ ନିଜେ ରାଜା ହୋଇଛି ଓ ପ୍ରଥା ଅନୁସାରେ ମୃତ ରାଜାଙ୍କ ରାଣୀ କୁ ବିବାହ କରିଚି। ତାଙ୍କ ଔରସ ରୁ ସନ୍ତାନ ମଧ୍ଯ ଜାତ ହୋଇଛନ୍ତି। ମାତ୍ର କିଛି ବର୍ଷ ପରେ ରାଜ୍ୟରେ ଅକାଳ, ଅଜଣା ରୋଗ ଆଦିରେ ରାଜ୍ୟବାସୀ ମରଣ ଲଭିବ ବେଳେ ରାଜାଙ୍କର କୌଣସି ପାପ ରୁ ଏପରି ହେଉଚି ବୋଲି ପୁନଶ୍ଚ ପଣ୍ଡିତ ମାନେ ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ଭବିଷ୍ୟ ବକ୍ତା, ପଣ୍ଡିତ ଆଦିଙ୍କ ପରାମର୍ଶ, ରାଜପରିବାରର ଅଭିଶାପ ଇତ୍ୟାଦିର ଯାଞ୍ଚ ବେଳେ ସତ୍ୟ ପ୍ରକଟିତ ହୋଇଛି। ରାଣୀ ଏହି ପାପ ଭାର ସହି ନପାରି ଆତ୍ମହତ୍ୟା କରିଛନ୍ତି। ରାଜା ନିଜର ଚକ୍ଷୁ ଫୁଟାଇ ନିଜକୁ ଦାଣ୍ଡର ଭିକାରୀ କରି ସବୁ ତ୍ୟାଗ କରି ଚାଲି ଯାଇଛନ୍ତି। ଏହା ଏତେ ଦୁର୍ଭାଗ୍ୟଜନକ ଓ ହୃଦୟ ବିଦାରକ ଯେ ପ୍ରତି ଥର ଏହାକୁ ପଢ଼ାଇଲା ବେଳେ ମୁଁ ଭାବବିହ୍ୱଳ ହେଇ ଯାଏ।ଏସବୁ ତ ଅଜାଣତରେ ହୋଇଥିଲା। ଈଶ୍ୱରୀୟ ନ୍ୟାୟ ମଧ ପ୍ରତିଫଳିତ ହେଲା। ମାତ୍ର ପରବର୍ତ୍ତୀ ସମୟରେ ବିଶିଷ୍ଟ ମନସ୍ତତ୍ତ୍ୱବିତ ସିଗମଣ୍ଡ ଫ୍ରଏଡ ଇଡିପସ କମ୍ପ୍ଲେକ୍ସ ବୋଲି ଗୋଟିଏ ଥିଓରୀ ପ୍ରସ୍ତୁତ କଲେ। ଏହା ମାତା, ପୁତ୍ର ମଧରେ ସ୍ଥାପିତ ଭିନ୍ନ ସମ୍ପର୍କକୁ ବୁଝାଇଲା। ଆମେ ଯାହାକୁ ଅନୈତିକ ବୋଲି କହି ଥାଉ। ପରବର୍ତ୍ତୀ ସମୟରେ ଆଲୋଚକ ମାନେ ଏହାକୁ ଲରେନ୍ସଙ୍କ ଉପନ୍ୟାସ ସନସ୍ ଆଣ୍ଡ ଲଭର୍ସ ଓ ସେଇପରି ଅନ୍ୟ ଲେଖା ଗୁଡିକରେ ସଂଯୁକ୍ତ କଲେ। ଧୀରେ ଧୀରେ ଏହା ଶାରୀରିକ ଆବେଦନରହିତ ଅବେଗପ୍ରବଣତା କୁ ମଧ୍ଯ ବୁଝାଇଲା। ଅନେକାଂଶରେ ସିଙ୍ଗଲ ମଦରର ପୁଅ ପ୍ରତି ଥିବା ଅତିରିକ୍ତ ଭାବପ୍ରବଣତାକୁ ମଧ୍ଯ ଏଥିରେ ସ୍ଥାନିତ କରାଗଲା। ଏହାକୁ ସତରେ ଶ୍ରେଣୀରେ ବୁଝାଇବା କଷ୍ଟ। ରାଜା ଇଡିପସଙ୍କ ଜୀବନରେ ଯାହା ଘଟିଲା ସମ୍ପୂର୍ଣ୍ଣ ଅଜାଣତରେ। ମାତ୍ର ଆଧୁନିକ ସମୟରେ ସମ୍ପର୍କରେ ବିଚ୍ୟୁତି ବା ଦିଗହରା ସଂପର୍କକୁ ନେଇ ଏହି ଥିଓରୀ କିପରି ଓ କାହିଁକି ଲାଗୁ ହେବ? ଯଦିଓ ଏଇ ଦୁଇ ପ୍ରକାର ସମ୍ପର୍କରେ କୌଣସି ସମାନତା ନାହିଁ। ଅନେକ ଜାଗାରେ ଭାରତୀୟ ଶାଶୂ ମାନଙ୍କର ବୋହୂ ମାନଙ୍କ ପ୍ରତି ହେଉ ଥିବା ଅସୂୟା ଭାବ, ତାକୁ ମାରି ଦେବାର ଇଛା ହେବା ଇତ୍ୟାଦି ଏଇ ଥିଓରୀ ଅନ୍ତର୍ଭୁକ୍ତ ବୋଲି ସମାଜବିତ୍ ମାନେ ମତବ୍ୟକ୍ତ କରନ୍ତି। ଅନେକ ପରିବାରରେ ବୋହୂ ଟିଏ ଆସୁ ଆସୁ ତା ଉପରେ କାମର ଭାର ଏପରି ଲଦି ଦିଆ ଯାଏ ଯେପରି ଘରଟି ଆଗରୁ ସମ୍ପୂର୍ଣ୍ଣ ଅଚଳ ଥିଲା। ଗୋଟିଏ ବିବାହ ଉତ୍ସବରେ ପୁଅ ବିବାହ କରିବାକୁ ଗଲା ବେଳେ ମାଆ ତା ପାଟିରେ ଦହି ଛେନା ଖୁଆଇ ଦେଉ ଦେଉ ଝର ଝର କାନ୍ଦି ପକାଉଥାନ୍ତି। କାହିଁକି କାନ୍ଦୁଛନ୍ତି ବୋଲି ପଚାରିବାରୁ ଆଉ ଜଣେ ମହିଳା କହିଲେ, "ଆଉ, କାନ୍ଦିବନି ? ଆଜିଠୁ ପୁଅ ଯେ କାନିରୁ ବହାରି ଗଲା। ଏଥର ବୋହୂ କାନିରେ ବନ୍ଧା ହେଲା। ମାଆର ଅଧିକାର ଅଧା ହେଇ ଗଲା। " "ତେବେ ଯଦି ଏତେ ଦୁଃଖ ପାଇବେ, ବିବାହ ଆଉ କରାଉଛନ୍ତି କାହିଁକି ?" "କି କଥା!" କହି ସେ ଯୁକ୍ତିରୁ ଓହରି ଗଲେ। ସତରେ କଣ ମାଆର ଅଧିକାର ଅଧା କରି ଦିଏ ନବାଗତା ଝିଅଟି ? ସେ ବି ତ କେତେ ଆଶା ଓ ସ୍ୱପ୍ନ ନେଇ ଆସିଥାଏ ନୂଆ ଘରକୁ। ମାତ୍ର ତାକୁ ସବୁବେଳେ ଛୋଟ ଛୋଟ କଥା ପାଇଁ ବଡ଼ ବଡ଼ ଗାଳି ଶୁଣିବାକୁ ପଡେ। ସମସ୍ତଙ୍କ ଆଦେଶ, ଉପଦେଶ ଶୁଣି ଶୁଣି ସେ ନିଜସ୍ୱ ପରିଚୟଟି ଶେଷରେ ଭୁଲି ଯାଏ। ଅଚିରେ ସେ ଶାଶୂଙ୍କୁ ନିଜର ଶତ୍ରୁ ବୋଲି ଭାବେ ଓ ନିଜର ଆତ୍ମରକ୍ଷା ନିମନ୍ତେ ସ୍ୱାମୀଙ୍କୁ ମାଆ ଠାରୁ ଦୂରେଇ ଦେବାକୁ ଚେଷ୍ଟା କରେ। ଏହି ଠାରୁ ଆରମ୍ଭ ହୁଏ ଘରୋଇ ଅଶାନ୍ତି। ଶେଷରେ ପୁଅ ବୋହୂ ମାଆ କୁ ପଚାରୁ ନାହାନ୍ତି ବୋଲି ଅପବାଦ ସୃଷ୍ଟି ହୁଏ। ବୃଦ୍ଧା ଅବସ୍ଥାରେ ମାଆ ବାପା ଙ୍କୁ ଏକା ଛାଡ଼ି ଦେଇ ପୁଅ ବୋହୂ ଅଲଗା ହୋଇ ଯାଆନ୍ତି। ମୁଁ ଏପରି ଅନେକ ଘଟଣା ନିଜେ ଦେଖିଚି ଯେଉଁଠି ନୂଆ ବୋହୂ ଟିକୁ ଶାଶୁ ଆଦୌ ବରଦାସ୍ତ କରି ପାରେ ନାହିଁ। ପୁଅ ବୋହୂ ଏକାଠି କଥା ହେବାକୁ, ବୁଲି ଯିବାକୁ ବା ସମୟ କାଟିବାକୁ ସେ ପସନ୍ଦ କରେ ନାହିଁ। ଆମେ ଏଠାରେ ଅତୀତକୁ ତୁଳନା କରି ଠିକ୍ ଭୁଲର ନିର୍ଣ୍ଣୟ ନେବା ଅନୁଚିତ୍। ପୁରୁଣା ସମୟରେ ମହିଳା ମାନେ କେବଳ ଗୃହକର୍ମରେ ସୀମିତ ଥିଲେ ତେଣୁ ଝିଅ ମାନଙ୍କୁ ଗୃହିଣୀ ହେବାର ଶିକ୍ଷା ଦିଆ ଯାଉଥିଲା। ମାତ୍ର ଏବେ ଝିଅ ମାନେ ପାଠ ପଢ଼ା ସହ ସବୁ କାମରେ ପାରଙ୍ଗମ। ପିତା ମାତା ପୁଅ ଝିଅ ଭିତରେ ପ୍ରଭେଦ ରଖୁ ନାହାନ୍ତି। ମାତ୍ର ବୋହୂ ପ୍ରତି ଥିବା ଚିନ୍ତାଧାରାରେ ପରିବର୍ତ୍ତନ ଆସିନାହିଁ।ନିଜସ୍ୱ ଇଛା ଓ ସ୍ୱପ୍ନ ନେଇ ବଞ୍ଚୁଥିବା ଝିଅଟି ଆସିବା ମାତ୍ରେ ତାକୁ ସେସବୁ ଭୁଲି ଯିବାକୁ ପଡ଼େ। ଏବଂ ମାଆର ସ୍ଥାନରେ ଦେଖୁଥିବା ଶାଶୁ ଏଥିରେ ପ୍ରମୁଖ ଭୂମିକା ନିଅନ୍ତି।

କର୍ମଜୀବୀ ଝିଅର ଅବସ୍ଥା ତ ଆହୁରି ଖରାପ। ସେ ଘର କାମ, ବାହାର କାମ ଭିତରେ ଛନ୍ଦି ହୋଇ ପଡ଼ିଲା ବେଳେ ଶାଶୂଙ୍କ ପ୍ରତିଦ୍ୱନ୍ଦୀ ମନୋଭାବ ବେଶୀ କଷ୍ଟ ଦିଏ। ପୁଅ ପ୍ରତି ଆସକ୍ତ ମାଆ ମାନଙ୍କୁ ବୁଝିବା ଆବଶ୍ୟକ ଯେ ଆସୁଥିବା ଝିଅଟି ତାଙ୍କରି ପୁଅର ଅର୍ଦ୍ଧାଙ୍ଗିନୀ। ତେଣୁ ତାଙ୍କର ସ୍ନେହ ପ୍ରେମ ପାଇବାର ହକଦାର। ପୁଅକୁ ଦେଉଥିବା ସ୍ନେହ ବୋହୂକୁ ଦେଲେ ସେ ମଧ ସ୍ନେହ ସମ୍ମାନରେ ଊଣା କରିବ ନାହିଁ। ପ୍ରକୃତରେ ମଣିଷର ଅବଚେତନରେ ଚାଲୁଥିବା ସବୁ କିଛି କୁ ଆକଳନ କରିବା ସମ୍ଭବ ନୁହେଁ। ଆମେ କେବଳ ଅନୁମାନ ହିଁ କରି ପାରିବା। ମାତ୍ର ନିଜସ୍ୱ ଆବେଗ ଓ ଉଦବେଗ ଉପରେ ଆମେ ନିୟନ୍ତ୍ରଣ ରଖି ପାରିବା। ପାରିବାରିକ ସମ୍ପର୍କକୁ ସନ୍ତୁଳିତ ରଖିବା ପାଇଁ ପରସ୍ପରକୁ ବୁଝିବା ମଧ୍ଯ ଅତ୍ୟନ୍ତ ଆବଶ୍ୟକ।



ଆଜି ଆସୁଛନ୍ତି ରାଷ୍ଟ୍ରପତି: ରବିବାର ରାଜଧାନୀରେ କମିଶନରେଟ୍ ପୁଲିସ୍ ପକ୍ଷରୁ କାରକେଡ୍ ରିହର୍ସାଲ। ଫଟୋ: ଚନ୍ଦ୍ରଶେଖର

**ଯୁକ୍ତ ଦୁଇ ଅଧ୍ୟାପକଙ୍କ ଚେତାବନୀ**

# ୩୧ ସୁଦ୍ଧା ଦାବି ପୂରଣ ନହେଲେ ଖାଦଦେଖା ବର୍ଜନ

**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ଆସନ୍ତା ୩୧ ତାରିଖ ସୁଦ୍ଧା ସେମାନଙ୍କ ବିଭିନ୍ନ ଦାବି ପୂରଣ କରାନଗଲେ ଏପ୍ରିଲ୍ ୨ରୁ ଆରମ୍ଭ ହେବାକୁ ଥିବା ଯୁକ୍ତ ୨ ମୂଲ୍ୟାୟନ ବର୍ଜନନ କରିବେ ବୋଲି ଅଧ୍ୟାପକମାନେ ଚେତାବନୀ ଦେଇଛନ୍ତି। ସେମାନେ ୨ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲୋୟର ପିଏମଜିରେ ଆନ୍ଦୋଳନ କରିବେ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ (ଓଏସ୍‌ଏନ୍‌ଏଲ୍‌ଇଏ) ପକ୍ଷରୁ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ବିଶ୍ୱରଞ୍ଜନ ଦାସ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଜୁନ ୨୦୦୮ରୁ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତବର୍ଷ ଡିସେମ୍ବର ୧୯ ତାରିଖରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଏହି କମିଟି ଉପଯୁକ୍ତ ପରାମର୍ଶ ଦେବା ସହ ଏହାର ରିପୋର୍ଟ ୩ ମାସ ମଧ୍ୟରେ ସ୍ଥାୟୀ କମିଟି-୪ରେ ଦାଖଲ କରିବାର ଥିଲା। କିନ୍ତୁ ଗତ ୧୯ରେ ଏହି କମିଟିକୁ ୩ ମାସ ପୂରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ରିପୋର୍ଟ ଦାଖଲ ହୋଇନାହିଁ। ଗତ ୨୭ ତାରିଖରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ, ସମସ୍ତ ବିଧାୟକ, ବିଭାଗୀୟ ସଚିବ ଦାବିପତ୍ର ପ୍ରଦାନ କରାଯାଇଥିଲେ ବି ଅଦ୍ୟାବଧି ଏଥିପ୍ରତି କେହି ବି କର୍ଣ୍ଣପାତ କରୁନାହାନ୍ତି। ଏହି ମାମଲାରେ ସଂଘ ପକ୍ଷରୁ ଏକ ଦସ୍ତଖତ ଅଭିଯାନରେ ୧.୫ ଲକ୍ଷ ଲୋକଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଡାକରେ ପଠାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ବେଳେ ସରକାର ଆସନ୍ତା ୩୧ ତାରିଖ ସୁଦ୍ଧା ନୂତନ ଅନୁଦାନ ନୀତି ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ନଚେତ୍ ଅଧ୍ୟାପକମାନେ ଆନ୍ଦୋଳନ ଆରମ୍ଭ କଲେ, ଯୁକ୍ତ ଦୁଇ ଖାତା ଦେଖାରେ ଯେଉଁ ବିଭ୍ରାଟ ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଭାପତି କହିଛନ୍ତି।

**କମିଶନରେଟ୍ ପୁଲିସ୍‌ର ନବକଳେବର ପାଇଁ ପ୍ରସ୍ତାବ**

# ଦୁଇଭାଗ ହେବ ଭୁବନେଶ୍ୱର ସହରାଞ୍ଚଳ ପୁଲିସ୍ ଜିଲ୍ଲା

- ● ଅପରାଧ ନିୟନ୍ତ୍ରଣ ମୁଖ୍ୟ ଉଦ୍ଦେଶ୍ୟ
- ● ଅପରାଧଠୁ ଅଲଗା ହେବ ଆଇନ୍‌ଶୃଙ୍ଖଳା ବିଭାଗ
- ● ଡିଜିଙ୍କୁ ଦିଆଯାଇଛି ପ୍ରସ୍ତାବ

**ଭୁବନେଶ୍ୱର, ୨୩।୩ (ସଂଚାର ବ୍ୟୁରୋ):** ରାଜଧାନୀରେ କ୍ରମଶଃ ଅପରାଧ ସଂଖ୍ୟା ବେଲଗାମ୍ ହେଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଆଗାମୀ ଦିନରେ କମିଶନରେଟ୍ ପୁଲିସର ନବକଳେବର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏପରି ହେଲେ, ଭାଗ ଭାଗ ହେବ ଭୁବନେଶ୍ୱର ସହରାଞ୍ଚଳ ପୋଲିସ୍ ଜିଲ୍ଲା ଓ ଗଠନ ହେବ ଭୁବନେଶ୍ୱର ଇଷ୍ଟ ଓ ଭୁବନେଶ୍ୱର ୱେଷ୍ଟ ଯୁପିଡି। ଏଥିସହ ଅପରାଧଠାରୁ ଆଇନ ଶୃଙ୍ଖଳା ବିଭାଗକୁ ଅଲଗା କରାଯିବ ଅର୍ଥାତ୍ ଅପରାଧ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ପୁଲିସ୍ କର୍ମଚାରୀମାନେ ଆଇନ ଶୃଙ୍ଖଳା ସ୍ଥିତି ଓ ଭିଭିଆଇପି ଡ୍ୟୁଟିରେ ରହିବେ ନାହିଁ।

ଅପରାଧ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ପରସ୍ପରଠାରୁ ପୃଥକ୍ କରିବା ସକାଶେ ପୁଲିସ ଡିଜି ୱାଇବି ଖୁରାନିଆଙ୍କୁ କଟକ-ଭୁବନେଶ୍ୱର ପୁଲିସ କମିଶନରେଟ୍ ପକ୍ଷରୁ ଏପରି ଏକ ପ୍ରସ୍ତାବ ଦିଆଯାଇଛି। ଏଥିରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାକୁ ଦୁଇ ଭାଗ କରାଯାଇ ଭୁବନେଶ୍ୱର ଇଷ୍ଟ ଓ ଭୁବନେଶ୍ୱର ୱେଷ୍ଟ ଗଠନ ହେବ। ସେହିପରି ପ୍ରତି ପୁଲିସ୍ ଜିଲ୍ଲା ଦାୟିତ୍ୱରେ ଜଣେ ଲେଖାଏଁ ଡିସିପି ରହିବେ ଏବଂ ପ୍ରତି ପୁଲିସ୍ ଜିଲ୍ଲାରେ ୩ଟି ଲେଖାଏଁ ଜୋନ୍ ରହିବ। ଭୁବନେଶ୍ୱର ଇଷ୍ଟ ପୁଲିସ୍ ଜିଲ୍ଲା ଅଧୀନରେ କ୍ୟାପିଟାଲ, ଶ୍ରୀ ଲିଙ୍ଗରାଜ ଓ ଲକ୍ଷ୍ମୀ ଜୋନ୍ ପାଇଁ ପ୍ରସ୍ତାବ ଥିବା ବେଳେ ଭୁବନେଶ୍ୱର ୱେଷ୍ଟ ପୁଲିସ୍ ଜିଲ୍ଲା ଅଧୀନରେ ଆଉ ତିନିଟି ଜୋନ୍ ଖଣ୍ଡଗିରି, ମୈତ୍ରୀ ବିହାର ଓ ନନ୍ଦନକାନନ ରହିବ।

ଦିନକୁ ଦିନ ରାଜଧାନୀର ଜନସଂଖ୍ୟା ବଢୁଥିବାରୁ ଆଗାମୀ ଦିନରେ କମିଶନରେଟ୍ ପୁଲିସରେ ମଧ୍ୟ ତଦନୁଯାୟୀ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। ଗତ ୨୦୦୮ରେ କଟକ-ଭୁବନେଶ୍ୱର ପୁଲିସ୍ କମିଶନରେଟ୍ ଗଠନ ସମୟରେ ରାଜଧାନୀର ଜନସଂଖ୍ୟା ୧୨ ଲକ୍ଷ ୬୬ ହଜାର ଥିଲା। ଏହି ଅନୁସାରେ ସେତେବେଳେ ୧୬ଟି ଥାନା କାମ କରୁଥିଲା। କିନ୍ତୁ ଗତ ବର୍ଷ ସୁଦ୍ଧା ଭୁବନେଶ୍ୱରର ଲୋକସଂଖ୍ୟା ଦୁଇ ଗୁଣାରୁ ଅଧିକ ବଢ଼ି ୨୭ ଲକ୍ଷ ୬୪ ହଜାରରେ ପହଞ୍ଚିସାରିଛି। ସେହି ଅନୁସାରେ ଅବଶ୍ୟ ଥାନା ସଂଖ୍ୟା ବଢ଼ି ୨୯ରେ ପହଞ୍ଚିଛି। ତା'ଛଡ଼ା ଦ୍ରୁତଗତିରେ ବଢୁଥିବା ଗାଡ଼ି ସଂଖ୍ୟାକୁ ଦେଖି ୧ରୁ ୨କୁ ବଢ଼ିଛି ଟ୍ରାଫିକ୍ ଥାନା ସଂଖ୍ୟା। ସେହିପରି ବାର୍ଷିକ ପଞ୍ଜୀକୃତ ଅପରାଧ ମାମଲା ସଂଖ୍ୟା ୪ ହଜାର ୫୬୫ରୁ ୧୩ ହଜାର ୪୧୧କୁ ମଧ୍ୟ ବୃଦ୍ଧି ପାଇଛି। ଏହାଛଡ଼ା ଦ୍ରୁତଗତିରେ ବଢୁଥିବା ରାଜଧାନୀର କଳେବର ସାଙ୍ଗକୁ ବଢିଚାଲିଥିବା ଶିକ୍ଷାନୁଷ୍ଠାନ, ହସ୍ପିଟାଲ୍ ଓ ଶିଳ୍ପ କାରଖାନା ପାଇଁ ପ୍ରତ୍ୟହ ଲକ୍ଷାଧିକ ଲୋକ ଏଠାକୁ ଯିବାଆସିବା କରୁଛନ୍ତି। ଏହିସହ ଜନସଂଖ୍ୟାର ଘନତ୍ୱ ବୃଦ୍ଧି ସହ ତାଳ ଦେଇ ବଢ଼ିଚାଲିଛି ଅପରାଧ ନେଟୱାର୍କ। ଚୋରି, ଛିନତାଇ ରାହାଜାନୀଠୁ ନେଇ ସାଇବର ଅପରାଧ ଯାଏଁ ସବୁଥିରେ ବୃଦ୍ଧି ଘଟିଛି। ଆହୁରି ଭିଭିଆଇପିମାନଙ୍କ ଚଳପ୍ରଚଳ ମଧ୍ୟ ୨୦୦୮ ତୁଳନାରେ ବହୁମାତ୍ରାରେ ବଢ଼ିଛି।

ଗତ ୨୦୦୮ରେ ରାଜଧାନୀରେ ୩୬୮ ଜଣଙ୍କୁ ଜେଡ୍ ପ୍ଲସ୍ ସିକ୍ୟୁରିଟି ଦିଆଯାଉଥିବା ବେଳେ ୨୦୨୪ରେ ଏହା ୫୬୭କୁ ବଢ଼ିଛି। ସେହିପରି ଜେଡ୍ କାଟାଗୋରି ୧୭ରୁ ୧୪୬କୁ ଓ ୱାଇ କାଟାଗୋରି ୮ରୁ ୭୩ ହୋଇଛି। ଏଥିସହ ବିଧାନସଭା, ଲୋକସେବା ଭବନ ସହ ରାଜଭବନ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ୨୪ଘଣ୍ଟିଆ କଡ଼ା ପହରା ଦିଆଯାଉଛି। ତା'ଛଡ଼ା ବିଧାନସଭା ଅଧିବେଶନ ସମୟରେ ବି ବିଭିନ୍ନ ସଂଗଠନର ବିକ୍ଷୋଭ, ରାଲି, ସଭା କମିଶନରେଟ ପୁଲିସ୍‌ର ମୁଣ୍ଡବଥା ବଢ଼ାଇଚାଲିଛି। ତେଣୁ ଏସବୁକୁ ନିୟନ୍ତ୍ରଣ କରିବା କମିଶନରେଟ୍ ପୁଲିସ୍ ପକ୍ଷରେ ଅସମ୍ଭବ ହୋଇପଡ଼ିଛି। ପୁଲିସ୍‌ବ୍ୟବସ୍ଥାର ୫ ଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ସୁପରିଚାଳନା ପାଇଁ ପୁଲିସ ଡିଜିଙ୍କୁ ଉପରୋକ୍ତ ପ୍ରସ୍ତାବ ଦିଆଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ବାରମ୍ବାର ଗୃହ ବିଭାଗ ପାଖକୁ ଏଭଳି ପ୍ରସ୍ତାବ ଯାଇଥିଲେ ବି ତାହା ମଞ୍ଜୁରୀ ପାଇନାହିଁ। ମାନବ ସମ୍ବଳର ଅଭାବ ଦର୍ଶାଇ ଏହାକୁ ଏକାଧିକ ବାର ଖାରଜ କରିଦିଆଯାଇଛି। କିନ୍ତୁ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିଥିବାରୁ ଏହି ପ୍ରସ୍ତାବକୁ ଗୁରୁତ୍ୱ ଦିଆଯରିବା ସହ ମାନବ ସମ୍ବଳ ବୃଦ୍ଧି ଦିଗରେ ପଦକ୍ଷେପ ନିଆଯାଉଛି। ନିକଟରେ ନୂଆପଲ୍ଲୀ ଥାନାର ନୂତନ ଗୃହ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିଗ ପ୍ରତି ଇଙ୍ଗିତ କରିଥିଲେ।

## ନକଲି ମୋବିଲ କାରଖାନା ଠାବ, ୨ ଅଟକ



**ରାଉରକେଲା,୨୩।୩(ସଂଚାର ବ୍ୟୁରୋ):** ରାଉରକେଲା ବିଶ୍ରା ଥାନା ଅଞ୍ଚଳରେ ନକଲି ଇଞ୍ଜିନ ଅଏଲ ତିଆରି କରୁଥିବା ଏକ କାରଖାନା ଠାବ କରାଯାଇଛି। ସ୍ଥାନୀୟ ଆସିୟାନା କଲୋନୀର ଏକ କୋଠାରେ ନକଲି ମୋବିଲ ପ୍ରସ୍ତୁତ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ରାଉରକେଲା ପୁଲିସ୍ ଚଢ଼ାଉ କରିଥିଲା। ସେଠାରେ ନାମୀଦାମୀ ମୋବିଲ କମ୍ପାନୀର ଲୋଗୋ ବ୍ୟବହାର କରାଯାଇ ଲୋକଙ୍କୁ ଠକିବା ସକାଶେ ନକଲି ମୋବିଲ୍ ପ୍ରସ୍ତୁତ ହେଉଥିବା ଚଢ଼ାଉ ପରେ ଜଣାପଡ଼ିଥିଲା। ଚଢ଼ାଉ ସମୟରେ ପୁଲିସ୍ ହଜାର ହଜାର ମୋବିଲ ବୋତଲ, ପୋଡ଼ା ମୋବିଲ ସହ ନକଲି ମୋବିଲ ଜବତ କରିଛି। ଏଥିସହ ଏହି ନକଲି ମୋବିଲ୍ ପ୍ରସ୍ତୁତ କରୁଥିବା ୨ ଜଣଙ୍କୁ ମଧ୍ୟ ପୁଲିସ୍ ଅଟକ ରଖି ତଦନ୍ତ କରୁଛି।

## ବ୍ରିଜ ଉପରେ ଚଢ଼ିଗଲା ବସ୍

● ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ




**ମାଲକାନଗିରି,୨୩।୩(ସଂଚାର ବ୍ୟୁରୋ):** ସଡକ ଦୁର୍ଘଟଣାରେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ଗୋବିନ୍ଦପଲ୍ଲୀଠାରେ ଆଜି ପୂର୍ବାହ୍ନରେ ଏପରି ଏକ ଅଘଟଣ ଘଟିଛି। ଉକ୍ତ ଯାତ୍ରୀମାନେ ଯାଉଥିବା ବସ୍‌ଟି ଭାରସାମ୍ୟ ହରାଇ ଏକ ବ୍ରିଜ ଉପରକୁ ଚଢ଼ିଯାଇଥିଲା। ଦୁର୍ଘଟଣାରେ ଆହତ ହୋଇଥିବା ସମସ୍ତ ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ନିକଟସ୍ଥ ଗୋବିନ୍ଦପାଲି ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜୟପୁରରୁ ଚିତ୍ରକୋଣ୍ଡା ଆସୁଥିବା ସମୟରେ ଉକ୍ତ ବସ୍‌ଟି ଏପରି ଅଘଟଣର ସମ୍ମୁଖୀନ ହୋଇଛି। ତେବେ ଗୋବିନ୍ଦପାଲି ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଆହତମାନଙ୍କୁ ପରବର୍ତ୍ତୀ ସମୟରେ ମାଥିଲି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଥିଲେ ହେଁ ଡ୍ରାଇଭର୍ ଜଣଙ୍କ ଫେରାର୍ ହୋଇଯାଇଛନ୍ତି।

## ଭଉଣୀ ଘରକୁ ଆସି ଆଉ ଫେରିଲାନି ଭାଇ

● ପୋଖରୀରେ ବୁଡ଼ି ଚାଲିଗଲା ଜୀବନ

**କେନ୍ଦୁଝର,୨୩।୩(ସଂଚାର ବ୍ୟୁରୋ):** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଆଜି ସକାଳେ ଜନୈକ ନାବାଳକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ପୋଖରୀରେ ଗାଧୋଉଥିବା ସମୟରେ ହଠାତ ପାଣିରେ ବୁଡ଼ି ଯାଇ ଉକ୍ତ ନାବାଳକ ଜଣଙ୍କ ନିଖୋଜ ହୋଇଯାଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ତେବେ ପାଖାପାଖି ଅପରାହ୍ନ ସାଢ଼େ ୧ଟା ସମୟରେ ଉକ୍ତ ନାବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଉକ୍ତ ନାବାଳକ ଜଣଙ୍କ ସମୀର ବେହେରା (୧୬) ଓ ସେ ଦଶମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ତାଙ୍କ ଦୈତାରୀ ଥାନା ଅନ୍ତର୍ଗତ ଟାଙ୍ଗିରିଆପାଳ ଗ୍ରାମରେ ହୋଇଥିବା ବେଳେ ସେ ତାଙ୍କ ଘର ଲୋକଙ୍କ ସହ କେନ୍ଦୁଝର ନରଣପୁର ରତ୍ନାସାହିରେ ରହୁଥିବା ଭଉଣୀଙ୍କ ଘରକୁ ବୁଲିବାକୁ ଆସିଥିଲେ। କିନ୍ତୁ ରବିବାର ପୋଖରୀକୁ ଯାଇ ସେ ଆଉ ଫେରିନଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ସମୀର ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଏହାପରେ ପୋଖରୀ ପାଖରେ ମହଜୁଦ ଥିବା ଲୋକେ ତୁରନ୍ତ ଏନେଇ ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଏପରି ଏକ ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଲିସ୍ ସମୀରଙ୍କ ମୃତଦେହ ଉଦ୍ଧାର କରିବା ପରେ ଏହାକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

● ଆହୁରି ୪୮ ଘଣ୍ଟା ବର୍ଷା !

## ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ସମ୍ପ୍ରତି କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଆଜି ମଧ୍ୟ ଏହି ଧାରା ଜାରି ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆହୁରି ୪୮ ଘଣ୍ଟା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ବର୍ଷା ସହ ବଜ୍ରପାତ ବି ହେବ। ଏଥିସକାଶେ ଆଜି ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଅନୁସାରେ, ଆଗାମୀ ୪୮ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ଏହାଛଡ଼ା କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ଆଗାମୀ ୪୮ ଘଣ୍ଟା କାଳବୈଶାଖୀ ପ୍ରଭାବ ରହିବା ପରେ ଆସନ୍ତା ୨୫ ତାରିଖରେ ପାଗରେ ପରିବର୍ତ୍ତନ ଆସିବ। ପରେ ଧୀରେ ଧୀରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି। ଏପରିକି ୨୫ ତାରିଖ ପରେ ୨ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ତିନି ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ କୁମାର ମିଶ୍ରଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କରଙ୍କୁ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବାବେଳେ ସିଇଓ କାର୍ଯ୍ୟାଳୟର ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶଙ୍କୁ ଇଡ୍‌କୋ ଭୂ-ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

## ଶହୀଦ ଦିବସରେ ଶୋଭାଯାତ୍ରା




**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ଭାରତମାତାଙ୍କ ପରମ ସନ୍ତାନ ଶହୀଦ ଭଗତ ସିଂହ, ଶହୀଦ ସୁଖଦେବ ଓ ଶହୀଦ ରାଜଗୁରୁଙ୍କ ସ୍ମୃତିରେ ଆଜି ତୃପ୍ତି ଅଟୋୱାର୍ଲ୍ଡ ରୟାଲ୍ ଏନ୍‌ଫିଲ୍ଡ ପକ୍ଷରୁ ଏକ 'ରାଇଡ ଫର୍ ଏ କଜ୍' ଆୟୋଜିତ ହୋଇଛି। ଏହି ବାଇକ୍ ଯାତ୍ରାରେ ପ୍ରାୟ ୫୦ ଜଣ ରାଇଡର୍ ଯୋଗଦେଇ ଦେଶପ୍ରେମ ଦର୍ଶାଇବା ସହ ଶହୀଦଙ୍କ ପ୍ରତି ସମ୍ମାନ ଜଣାଇଥିଲେ। ଏହି ଯାତ୍ରା ତୃପ୍ତି ଅଟୋୱାର୍ଲ୍ଡ ରୟାଲ୍ ଏନ୍‌ଫିଲ୍ଡ ପାତ୍ରପଡ଼ାରୁ ଆରମ୍ଭ ହୋଇ ୟୁନିଟ୍-୩ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବା ରାଇଡର୍‌ମାନେ ଜାତୀୟ ଆନ୍ଦୋଳନରେ ଏହି ତିନି ଯୁବ ଅଗ୍ରଣୀଙ୍କ ସଂଘର୍ଷ ଏବଂ ବଳିଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀରାମ ମନ୍ଦିରରେ ପହଞ୍ଚିବା ପରେ ବୁଲେଟ୍ ରାଇଡର୍‌ମାନେ ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶହୀଦ ଭଗତ ସିଂହ, ଶହୀଦ ସୁଖଦେବ ଏବଂ ଶହୀଦ ରାଜଗୁରୁଙ୍କ ବଳିଦାନ ଭାରତୀୟ ଯୁବପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ ବୋଲି ରାଇଡର୍‌ମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ କମର୍ସ ମେରିଟ୍ ଏକାଡେମୀର ଶିକ୍ଷକ ଓ ଛାତ୍ରଛାତ୍ରୀ ଏବଂ ଯୁବ ସଂକଳ୍ପ ଫାଉଣ୍ଡେସନର ସଦସ୍ୟମାନେ ଯୋଗ ଦେଇଥିଲେ। ଏପରି ଏକ ଉଦ୍ୟମ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଜାଗ୍ରତ କରିବାରେ ସହାୟକ ହେବ ବୋଲି ତୃପ୍ତି ଅଟୋୱାର୍ଲ୍ଡ ରୟାଲ୍ ଏନ୍‌ଫିଲ୍ଡର ପରିଚାଳନା ନିର୍ଦ୍ଦେଶକ ରୁଦ୍ର ନାରାୟଣ ସାମନ୍ତରାୟ ଆଶା ପ୍ରକାଶ କରିଛନ୍ତି।

## ବିଧାନସଭା ଘେରାଉ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** ଆସନ୍ତା ୨୭ ତାରିଖରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବା ସକାଶେ ନିଷ୍ପତ୍ତି ହୋଇଥିବା ବେଳେ ଏନେଇ ଆଜି ଏଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଉକ୍ତ ଘେରାଉରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଅଧିକ ମାତ୍ରାରେ ଜନସାଧାରଣ ଯୋଗଦେବାକୁ ନିବେଦନ କରାଯାଇଛି। ରାଜ୍ୟରେ ଦିନକୁ ଦିନ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଚାଲିଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦାବିରେ ପିସିସି ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ନିଷ୍ପତ୍ତି କ୍ରମେ ଗତ ୧୦ ତାରିଖରେ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ଏହି ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ କରି କମିଟି ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଦଳର ବିଧାୟକମାନେ ଦାବି କରିଥିଲେ। କିନ୍ତୁ ଏହି ପ୍ରସଙ୍ଗରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଅନ୍ୟାୟୋଚିତ ଭାବେ ୭ ଦିନ ନିଲମ୍ବନ କରାଗଲା। ବାଚସ୍ପତିଙ୍କ ଏପରି ନିଷ୍ପତ୍ତି କେତେଦୂର ଯଥାର୍ଥ ବୋଲି ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ପାଖାପାଖି ୪୫ ହଜାର ମହିଳା ଓ ଶିଶୁ ନିଖୋଜ ଅଛନ୍ତି। ବିଜେପି ସରକାରର ୯ ମାସ ଶାସନରେ ୧୨.୯ ପ୍ରତିଶତ ମହିଳା ବିଭିନ୍ନ ଅତ୍ୟାଚାରର ଶିକାର ହୋଇଛନ୍ତି। ବିଭିନ୍ନ ଥାନାରେ ୧୬୦୦ ମାମଲା ପଞ୍ଜିକୃତ ହୋଇଛି। ନାରୀ ନିର୍ଯାତନାରୁ ରାଷ୍ଟ୍ରପତିଙ୍କ ଗାଁ ବି ବାଦ୍ ପଡିନି। କଂଗ୍ରେସ ସବୁବେଳେ ନାରୀ ସୁରକ୍ଷାକୁ ଗୁରୁତ୍ୱ ଦେଉଥିବା ବେଳେ ବିଧାନସଭା ଘେରାଉ ମାଧ୍ୟମରେ ନ୍ୟାୟ ସକାଶେ ପ୍ରୟାସ ଜାରି ରଖିବ ବୋଲି ଡ. ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ ଉପସ୍ଥିତ ଥିବା ବେଳେ ପ୍ରସ୍ତୁତି ବୈଠକରେ ଜିଲ୍ଲା ପ୍ରଭାରୀ ମହମ୍ମଦ ଇମଦାଦ, ପ୍ରଣତି ମିଶ୍ର, ବେଣୁଧର ପାତ୍ର, ଅଶୋକ ଦାଶ, ପ୍ରଶାନ୍ତ ଚମ୍ପତି, ପ୍ରକାଶ ଜେନା, ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୩।୩(ସଂଚାର ବ୍ୟୁରୋ):** ୨୨ ମାଓବାଦୀଙ୍କ ଆତ୍ମସମର୍ପଣ । ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲା ଏସପିଙ୍କ ନିକଟରେ ୨୨ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନାଁରେ ୧୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷିତ ଥିଲା । ମାଓବାଦୀ ଛତିଶଗଡର ମାଓ ପୂନର୍ବାସ ଏବଂ ଥଇଥାନ ନୀତିରେ ଆକର୍ଷିତ ହୋଇ ଆତ୍ମସମର୍ପଣ କରିଛନ୍ତି। ୨୦୨୫ ବର୍ଷରୁ ଏ ପର୍ଯ୍ୟନ୍ତ ଛତିଶଗଡ଼ରେ ୧୦୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୁକମାର ମେଟାଗୁଡା ଜଙ୍ଗଲରେ ଏସ୍‌ଟିଏଫ୍, ଡିଆର୍‌ଜି ଏବଂ କୋବ୍ରା ଜବାନଙ୍କ ମିଳିତ ଅପରେସନ ବେଳେ ମାଓ କ୍ୟାମ୍ପରୁ ବିପୁଳ ପରିମାଣର ବନ୍ଧୁକ ସହ ମାଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସେପଟେ ବିଜାପୁର ଜିଲ୍ଲାର ଗୋରଲା ନାଲା ନିକଟରେ ମାଓବାଦୀଙ୍କ ଆଇଇଡ଼ି ବିସ୍ଫୋରଣରେ ୨ ଯବାନ ଗୁରୁତର ହୋଇଛନ୍ତି ।

# ଆଦାୟ ହୋଇପାରୁନି ଖଣି ଜରିମାନା



**ଭୁବନେଶ୍ୱର,୨୩।୩:** ଖଣି ଓ ବିଭିନ୍ନ କଳକାରଖାନାରେ ଚଢଉ ସମୟରେ ଅନିୟମିତତା ଯୋଗୁଁ ଯେତିକି ଜୋରିମାନା ଲଗାଯାଉଛି ତାହା ଆଦାୟ ହୋଇପାରୁନାହିଁ । ଖଣି ଓ କମ୍ପାନୀମାନେ ଜୋରିମାନା ଅର୍ଥ ପଇଠ କରୁନାହାନ୍ତି। ଗତ ତିନି ବର୍ଷରେ ୧୪୪୦ କୋଟି ଟଙ୍କାର ଜୋରିମାନା ଲାଗିଥିବାବେଳେ ଆଦାୟ ହୋଇଛି ୧୨କୋଟି ଟଙ୍କା।

ଅନିୟମିତତା ଅଭିଯୋଗରେ ରାଜ୍ୟ ସ୍ତରୀୟ ସ୍କ୍ୱାଡ୍ ବିଭିନ୍ନ ଖଣି ଓ ତତ୍‌ସଂଲଗ୍ନ କାରଖାନାରେ ଚଢ଼ାଉ ସଂକ୍ରାନ୍ତରେ ମିଳିଥିବା ସୂଚନା ଅନୁଯାୟୀ ୨୦୨୨-୨୩ ବର୍ଷରେ ରାଜ୍ୟରେ ୫୧ଟି ଖଣି ଓ ୨୫ଟି କାରଖାନାରେ ଚଢଉ ହୋଇଥିଲା। ଏମାନଙ୍କ ଉପରେ କର୍ତ୍ତୃପକ୍ଷ ୮୦୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜୋରିମାନା ଲଗାଇଥିଲେ। ତେବେ ଏଥିରୁ ଆଦାୟ ହୋଇଛି ମାତ୍ର ୮ କୋଟି ୪ ଲକ୍ଷ ଟଙ୍କା। ସେହିଭଳି ୨୦୨୩-୨୪ ବର୍ଷରେ ୪୯ଟି ଖଣି ଓ ୧୩ଟି କାରଖାନାରେ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ଚଢ଼ାଉ କରିଥିବାବେଳେ ୩୮୪ କୋଟି ୩୮ଲକ୍ଷ ଟଙ୍କାରୁ ଅଧିକ ଜୋରିମାନା ଲାଗିଥିଲା। ହେଲେ ଆଦାୟ ହୋଇଛି ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ।

ଚଳିତ ଆର୍ଥିକ ବର୍ଷରେ ୫୪ଟି ଖଣି ଓ ୪ କାରଖାନାର ଯାଞ୍ଚ କରି ସ୍କ୍ୱାଡ୍ ୨୫୧ କୋଟି ୩୪ ଲକ୍ଷ ଟଙ୍କା ଜୋରିମାନା କରିଥିବାବେଳେ ଆଦାୟ ପରିମାଣ ଏକ କୋଟି ଟଙ୍କା ବି ଟପିନାହିଁ। ମୋଟାମୋଟି ଭାବେ ଏହି ତିନି ବର୍ଷରେ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ୧୫୪ଟି ଖଣି ଓ ୪୨ଟି କମ୍ପାନୀର ଯାଞ୍ଚ କରି ଜୋରିମାନା ଲଗାଇଛନ୍ତି। ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ମଧ୍ୟ ଖଣି ଅନିୟମିତତାର ଅଭିଯୋଗ ପାଇ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ । ୨୦୨୨-୨୩ ରୁ ୨୦୨୪-୨୫ ବର୍ଷର ଡିସେମ୍ବର ସୁଦ୍ଧା ୭୯୧ମାମଲା ରୁଜୁ ହୋଇଛି । ଏହି ମାମଲା ରୁଜୁ ସହିତ ସ୍କ୍ୱାଡ୍ ୨ଲକ୍ଷ ୩୫ହଜାର ମେଟ୍ରିକ ଟନ୍ ଖଣିଜ ସାମଗ୍ରୀ ଜବତ କରିଛନ୍ତି। ଖଣିଜ ସାମଗ୍ରୀ ସହିତ ୩୧୧ଟି ଯାନ ବି ଜବତ ହୋଇଛି।

ଜବତ ହୋଇଥିବା ଖଣିଜ ସାମଗ୍ରୀର ମୂଲ୍ୟ ୨୦ କୋଟି ୩୭ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାବେଳେ ଜୋରିମାନା ଓ ଖଣିଜ ସାମଗ୍ରୀର ଦର ବାବଦରେ ଆଦାୟ ହୋଇଛି ପାଖାପାଖି ୬ କୋଟି। ସବୁଠାରୁ ଅଧିକ ମାମଲା ସହ ଜୋରିମାନା ଆଦାୟ ପାଇଁ ୨୦୨୩-୨୪ ବର୍ଷରେ ନିର୍ଦ୍ଦେଶ ଦିଆଯାଇଛି। ଏହି ବର୍ଷ ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ୩୫୧ଟି ମାମଲା ରୁଜୁ କରିଥିବା ବେଳେ ୧୮୫ଟି ଗାଡ଼ି ଜବତ କରିଛି। ଏଥିସହିତ ୧ ଲକ୍ଷ ୫୮ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଖଣିଜ ସାମଗ୍ରୀ ବି ଜବତ କରିଥିଲା। ଯାହାର ମୂଲ୍ୟ ୧୭ କୋଟି ୬୨ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବା ବେଳେ ତହବିଲକୁ ଆସିଛି ମାତ୍ର ୨ କୋଟି ୫୬ ଲକ୍ଷ ଟଙ୍କା।

ମୋଟାମୋଟି ଭାବେ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ସରକାରୀ ଅର୍ଥ ଶ୍ରାଦ୍ଧ କରି ବ୍ୟାପକ ଯାଞ୍ଚ ଓ ଚଢ଼ାଉ କରିବା ସହ ମୋଟା ଅଙ୍କର ଜୋରିମାନା ଲଗାଉଥିଲେ ହେଁ ଖଣି ଓ କାରଖାନାଗୁଡିକ କିନ୍ତୁ ସରକାରଙ୍କୁ ଖାତିର କରୁଥିବା ଭଳି ମନେ ହେଉନାହିଁ। ଭୟଭାବ ନଥିବାରୁ ସରକାର ଲଗାଉଥିବା ଜୋରିମାନା ସେମାନେ ପଇଠ କରୁନାହାନ୍ତି। (ତଥ୍ୟ)

## 'ଜୌରା ନଦୀ ବଞ୍ଚାଅ' ଆନ୍ଦୋଳନ ଆରମ୍ଭ କଲା ବିଜେଡି



**କୋଟପାଡ଼,୨୩।୩(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଅନ୍ତର୍ଗତ ୮ଟି ପଞ୍ଚାୟତର କୃଷକଙ୍କୁ ପ୍ରଭାବିତ କରୁଥିବା ଜଳ ସଙ୍କଟର ମୁକାବିଲା ପାଇଁ ବିଜେଡି ପକ୍ଷରୁ ଆଜି 'ଜୌରା ନଦୀ ବଞ୍ଚାଅ' ଆନ୍ଦୋଳନ ଆରମ୍ଭ ହୋଇଛି। ଇନ୍ଦ୍ରାବତୀ ନଦୀର ଏକ ଗୁରୁତ୍ୱପୂର୍ଣ୍ଣ ଉପନଦୀ ଜୌରାର ପ୍ରାକୃତିକ ପ୍ରବାହର ଜଳଧାରା ପରିବର୍ତ୍ତନ ଯୋଗୁଁ ଉପୁଜିଥିବା ସମସ୍ୟା ଏହି ଅଞ୍ଚଳର କୃଷିକୁ ପ୍ରଭାବିତ କରିଛି।ଜଳସେଚନ ବିଭାଗ 'ଜୌରା ନଦୀ'ର ପ୍ରାକୃତିକ ପ୍ରବାହକୁ ସୀମିତ କରିବା ଦ୍ୱାରା କୋଟପାଡ଼ ବ୍ଲକର ୮ ପଞ୍ଚାୟତରେ ଉତ୍କଟ ଜଳାଭାବ ସୃଷ୍ଟି ହୋଇଛି। ୫୦ଠରୁ ଅଧିକ ଉଠା ଜଳସେଚନ କେନ୍ଦ୍ର ବନ୍ଦ ହୋଇଯାଇଥିବାରୁ ଚାଷୀମାନେ ଦୁର୍ଦ୍ଦଶା ଭିତରକୁ ଠେଲି ହୋଇଯାଇଛନ୍ତି। ଏହାର ତୁରନ୍ତ ସମାଧାନ ନିମନ୍ତେ କୋରାପୁଟ ଜିଲ୍ଲାର ବରିଷ୍ଠ ବିଜେଡି ନେତାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି।

ଏହି ଆନ୍ଦୋଳନ ପରିପ୍ରେକ୍ଷୀରେ ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ଯେ ଇନ୍ଦ୍ରାବତୀ ଜଳ ବଣ୍ଟନ ଚୁକ୍ତି ଅନୁଯାୟୀ ଉଭୟ ଓଡ଼ିଶା ଓ ଛତିଶଗଡ଼ ସମପରିମାଣର ନଦୀ ଜଳ ପାଇବା କଥା। କିନ୍ତୁ ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଛତିଶଗଡ଼ ସପକ୍ଷରେ କାର୍ଯ୍ୟ କରୁଛନ୍ତି ଓ ଏହାର ଫଳସ୍ୱରୂପ ଏହି ଅଞ୍ଚଳର କୃଷି ଓ ଜଳସେଚନ ପ୍ରଭାବିତ ହୋଇଛି। ଆନ୍ଦୋଳନରେ ପୂର୍ବତନ ମନ୍ତ୍ରୀ ରବି ନନ୍ଦ, ପୂର୍ବତନ କୋରାପୁଟ ସାଂସଦ ଝିନ ହିକକା, ପୂର୍ବତନ ଜିଲ୍ଲା ସଭାପତି (କୋରାପୁଟ) ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ୍, ପୂର୍ବତନ ବିଧାୟକ (କୋଟପାଡ଼) ଚନ୍ଦ୍ର ଶେଖର ମାଝୀ, ପୂର୍ବତନ ବିଧାୟକ (ପଟାଙ୍ଗୀ) ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ ଏବଂ ପୂର୍ବତନ ବିଧାୟକ ପ୍ରଭୁ ଜାନିଙ୍କ ସମେତ ଅନେକ ପ୍ରମୁଖ ବିଜେଡ଼ି ନେତା ଅଂଶଗ୍ରହଣ କରିଥିଲେ। ଜୌରା ନଦୀର ପ୍ରାକୃତିକ ପ୍ରବାହର ପୁନରୁଦ୍ଧାର ସହ ହଜାର ହଜାର କୃଷକଙ୍କ ଜୀବିକା ରକ୍ଷା ପାଇଁ ଜଳ ବଣ୍ଟନକୁ ସଂଶୋଧନ କରିବା ନିମନ୍ତେ ଦଳ ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଦଳ ଏହି ଆନ୍ଦୋଳନ ଜାରି ରଖିବ ବୋଲି ନେତାମାନେ ସ୍ପଷ୍ଟ କରିଛନ୍ତି।


# ଆନ୍ଦୋଳନଜୀବୀଙ୍କୁ ଦମନ

ଦୀର୍ଘ ୨୩ ମାସ ପରେ ଦିଲ୍ଲୀର ଶମ୍ଭୁସୀମା ଅବରୋଧ ମୁକ୍ତ ହୋଇଛି। ଆନ୍ଦୋଳନକାରୀ ଚାଷୀମାନେ ଏଠାରେ ଧାରଣା ଦେବା ସହିତ ଏହି ରାସ୍ତାକୁ ସର୍ବସାଧାରଣଙ୍କ ପାଇଁ ଅବରୋଧ ରଖିଥିଲେ। ଧନ୍ୟବାଦ ଦେବାକୁ ପଡ଼ିବ ପଞ୍ଜାବ ସରକାରଙ୍କୁ। ପଞ୍ଜାବ ପୋଲିସ ଆନ୍ଦୋଳନକାରୀ ଚାଷୀ ନେତାଙ୍କୁ ଗିରଫ କରିବା ସହ ବୁଲଡୋଜର ଲଗାଇ ଶମ୍ଭୁସୀମାରୁ ଆନ୍ଦୋଳନକାରୀଙ୍କ ଟେଣ୍ଟ ହଟାଇ ଦେଇଛନ୍ତି। ବହୁ ପୂର୍ବରୁ ଏଭଳି କଠୋର ପଦକ୍ଷେପର ଆବାଶ୍ୟକତା ଥିଲା। ସୁପ୍ରିମକୋର୍ଟ ମଧ ଏଥିଲାଗି ନିର୍ଦ୍ଦେଶ ଦେଇଥିଲେ ଏବଂ ଦିଲ୍ଲୀର ସମସ୍ତ ପ୍ରବେଶ ପଥକୁ ଅବରୋଧ ମୁକ୍ତ କରିବା ସପକ୍ଷରେ ସରକାରଙ୍କୁ ପରାମର୍ଶ ଦେଇଥିଲେ। ନିଜ ଦାବି ପୂରଣ ନିମନ୍ତେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ଆନ୍ଦୋଳନ ନାମରେ ଅରାଜକତା ସ୍ପୃହଣୀୟ ନୁହେଁ। ନିଜ ଅଧିକାର ପାଇଁ ଆନ୍ଦୋଳନ ମାଧମରେ ଅନ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରାଯିବା ଅନୁଚିତ। ଗଣତନ୍ତ୍ରରେ ସବୁ ସମସ୍ୟାର ସମାଧାନ ଆଲୋଚନା ମାଧମରେ, ଆପୋଷ ବୁଝାମଣା ଦ୍ୱାରା ହେବା ଉଚିତ। ଏହା ହିଁ ଶ୍ରେଷ୍ଠ ଉପାୟ। କିନ୍ତୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଆନ୍ଦୋଳନକାରୀ ଚାଷୀଙ୍କ ସହ ଯେତେ ଆଲୋଚନା କଲେ ମଧ, ସେମାନଙ୍କୁ ଯେତେ ଯାହା ପ୍ରତିଶ୍ରୁତି ଦେଲେ ମଧ ସେମାନେ ସେଥିରେ ସନ୍ତୁଷ୍ଟ ନୁହଁନ୍ତି। ଏହା ଠିକ ନୁହେଁ। ସମସ୍ୟାର ସମାଧାନ ସବୁ ପକ୍ଷକୁ ସୁହାଇବା ଭଳି ହେବା କଥା। ଏକପାଖିଆ ଭାବେ ଆନ୍ଦୋଳନକାରୀଙ୍କ ସବୁ ଦାବି ପୂରଣ କରାଯିବା ସମ୍ଭବ ନୁହେଁ। ସରକାରଙ୍କର ବି କିଛି ବାଧବାଧକତା ରହିଛି। ସରକାର ଗୋଟିଏ ରାଜ୍ୟ ବା ସଙ୍ଗଠନ ନୁହେଁ, ପୁରା ଦେଶର ସ୍ୱାର୍ଥ କଥା ଚିନ୍ତା କରନ୍ତି। ଏହାକୁ କୃଷକମାନେ ବୁଝିବା ଉଚିତ। କିନ୍ତୁ ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ? ୫ ବର୍ଷ ତଳେ କେନ୍ଦ୍ର ସରକାର ଏକ ନୂତନ କୃଷି ଆଇନ ପ୍ରଣୟନ କରିଥିଲେ ଯାହାର ଉଦ୍ଦେଶ୍ୟ ଥିଲା ଉତ୍ପାଦନ ବୃଦ୍ଧି ଏବଂ ଚାଷୀଙ୍କୁ ଫସଲର ଉପଯୁକ୍ତ ମୂଲ୍ୟ ପ୍ରଦାନ। ବିରୋଧୀ ଦଳ ସ୍ୱାଭାବିକ ଭାବେ ଏହାକୁ ବିରୋଧ କରିଥିଲେ। ଏହି ଆଇନର ପ୍ରତିବାଦରେ ଶାସକ ଏନଡିଏର ଅନ୍ୟତମ ପ୍ରମୁଖ ଅଂଶୀଦାର ଦଳ ଶିରୋମଣି ଅକାଳି ଦଳ ମେଣ୍ଟରୁ




ଓହରିଯାଇଥିଲା ଏବଂ ଦଳର ପ୍ରତିନିଧି କେନ୍ଦ୍ରମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏହି ଆଇନର ପ୍ରତିବାଦରେ ପଞ୍ଜାବ, ହରିୟାନା ଏବଂ ପଶ୍ଚିମ ୟୁପିର କେତେକ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଦେଶର ଅଶୀଭାଗ ଚାଷୀ ଏହାକୁ ସମର୍ଥନ କରୁଥିଲେ। ଚାଷୀଙ୍କ ହିତରେ ଏହି ଆଇନ ପ୍ରଣୀତ ହୋଇଥିଲା। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି ଚାଷୀ ଓ ସେମାନଙ୍କ ସହଯୋଗୀ ଆନ୍ଦୋଳନ ନାମରେ ଏଭଳି ଅରାଜକତା ଏବଂ ହିଂସାକାଣ୍ଡ ସୃଷ୍ଟି କଲେ ଯେ, କେନ୍ଦ୍ର ସରକାର ବାଧ ହୋଇ ଏହି ଆଇନ ପ୍ରତ୍ୟାହର କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିଲାଗି କୃଷକଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେତେବେଳେ ଏହି କୃଷକ ଆନ୍ଦୋଳନକୁ ନେଇ ଢେର ରାଜନୀତି ହୋଇଥିଲା। ବିଦେଶର କିଛି ବ୍ୟକ୍ତି ଏବଂ ସଙ୍ଗଠନ ଭାରତର ଚାଷୀଙ୍କ ସମର୍ଥନରେ ବାହାରିଥିଲେ। ବିଶେଷ କରି କାନାଡ଼ାର ଭାରତ ବିରୋଧୀ ଖଲିସ୍ତାନ ସଙ୍ଗଠନ ଏହାକୁ ସମର୍ଥନ କରିଥିଲା। ଭାରତରେ କୃଷକ ଆନ୍ଦୋଳନକୁ ତେଜି ରଖିବା ପାଇଁ କାନାଡ଼ାରୁ ବିପୁଳ ଅର୍ଥ ବିନିଯୋଗ ହୋଇଥିଲା। ଭାରତରେ ଅଶାନ୍ତି ଏବଂ ଅରାଜକତା ସୃଷ୍ଟି ଏହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହା ବିଫଳ ହୋଇଥିଲା। ଏବେ ପୁନର୍ବାର ପଞ୍ଜାବ ଓ ହରିୟାନାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବି ହେଲା ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା। ଏହା ବ୍ୟତିତ ଆଉ କେତେକ ଦାବି ମଧ ରହିଛି ଯାହାର ସିଂହଭାଗ କେନ୍ଦ୍ର ସରକାର ମାନି ନେଇଛନ୍ତି। କିନ୍ତୁ ଏମଏସପିକୁ ଆଇନଗତ ସ୍ୱୀକୃତି ପ୍ରଦାନ ଦାବି ନେଇ ସହମତିର ଅଭାବ ଦେଖିବାକୁ ମିଳିଛି ଏବଂ କେନ୍ଦ୍ର ସରକାର ତଥା ଆନ୍ଦୋଳନକାରୀ କୃଷକଙ୍କ ମଧରେ ଆଲୋଚନା ବିଫଳ ହୋଇଛି। ଚାଷୀମାନଙ୍କ ଦାବି ଯେ ଯଥାର୍ଥ ସେଥିରେ ସନ୍ଦେହ ନାହିଁ। କିନ୍ତୁ ଏବେ ସରକାରଙ୍କ କାର୍ଯ୍ୟକାଳ ଶେଷ ହେବା ବେଳକୁ ଠିକ ନିର୍ବାଚନ ପୂର୍ବରୁ ଏଭଳି ଆନ୍ଦୋଳନ ରାଜନୈତିକ ଉଦ୍ଦେଶ୍ୟମୂଳକ ବୋଲି କହିଲେ ଭୁଲ ହେବ ନାହିଁ। ଏବେ ସରକାରଙ୍କ ଉପରେ ଚାପ ପ୍ରୟୋଗ ଅର୍ଥହୀନ। ସରକାରଙ୍କର କହିବା କଥା ହେଲା ଏମଏସପିକୁ ଆଇନଗତ ସ୍ୱୀକୃତି ନେଇ ଏଭଳି ତରବରିଆ ଭାବେ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ଏଥିପାଇଁ ସଂସଦରେ ବ୍ୟାପକ ଆଲୋଚନାର ଆବଶ୍ୟକତା ରହିଛି। କୃଷକମାନଙ୍କର ସବୁ ଦାବି ସରକାର ଏକକାଳୀନ ମାନିନେବେ ସେଭଳି ଆଶା କରିବା ଅନୁଚିତ। ତେବେ ସବୁଠାରୁ ବଡ଼ କଥା ହେଲା କେବଳ ପଞ୍ଜାବ ବା ହରିୟାନାରେ ଚାଷ ହେଉନି। ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ ଚାଷ ହେଉଛି, କୃଷକମାନେ ଅଛନ୍ତି। କେନ୍ଦ୍ର ସରକାର ଯାହା ନିଷ୍ପତ୍ତି ନେବେ ତାହା ସମଗ୍ର ଦେଶର କୃଷକଙ୍କ ହିତ ପାଇଁ ନେବେ। କେବଳ ପଞ୍ଜାବ ଓ ହରିୟାନା ଚାଷୀଙ୍କ ସ୍ୱାର୍ଥରେ କୋ÷ଣସି ନିଷ୍ପତ୍ତି ନେବାର ଯଥାର୍ଥତା ନାହିଁ। କୃଷକଙ୍କ ଦାବି ଯୁକ୍ତିଯୁକ୍ତ। କେନ୍ଦ୍ର ସରକାର ଏହା ଉପରେ ସହୃଦୟତାର ସହ ବିଚାର କରିବା ଉଚିତ। ସରକାରୀ ଅଫିସରେ ବାବୁ ମାନେ ଶୀତତାପ ନିୟନ୍ତ୍ରୀତ କୋଠରୀରେ ବସି ବସି କୋଟି ଟଙ୍କା ଯଙ୍କା ଦରମା ପାଉଛନ୍ତି। ମାସକୁ ୧୦ ଦିନ ଛୁଟି। ଅବସର ପରେ ଘରେ ବସି ମୋଟା ଅଙ୍କର ପେନସନ ପାଇବେ। ତା ବାଦ୍ ଦୁର୍ନୀତିପୂର୍ଣ୍ଣ ଉପାୟରେ ବାବୁମାନେ କଳା ଟଙ୍କାର ପାହାଡ଼ ସୃଷ୍ଟି କରୁଛନ୍ତି। କିନ୍ତୁ ଦେଶବାସୀଙ୍କୁ ଖାଦ୍ୟ ଯୋଗାଉଥିବା ଅନ୍ନଦାତାମାନଙ୍କ ଲାଗି ଟଙ୍କାଟିଏ ଖର୍ଚ୍ଚ କରିବାକୁ ସରକାର କୁଣ୍ଠା କରିବା ଅନୁଚିତ। ଅବଶ୍ୟ କୃଷକଙ୍କର ଅନେକ ଦାବି ବାସ୍ତବବାଦୀ ନୁହେଁ। କିନ୍ତୁ ଯାହା ସମ୍ଭବ ତାହା ସରକାର ତୁରନ୍ତ କରିବା ଉଚିତ। ତେବେ ଆନ୍ଦୋଳନ ନାମରେ ଅରାଜକତା, ସାଧାରଣ ଲୋକଙ୍କ ଜୀବନକୁ ଦୁର୍ବିସହ କରିବାର ଅଧିକାର କାହାର ନାହିଁ। ରାଜଧାନୀ ଦିଲ୍ଲୀକୁ ଅବରୋଧ କରୁଥିବା ବ୍ୟକ୍ତି ସେ ଯିଏ ହୁଅନ୍ତୁ ନା କାହିଁକି ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରାଯିବା ଉଚିତ। ବର୍ତ୍ତମାନ ଯୁଗରେ, ଗଣତାନ୍ତ୍ରିକ ଅଧିକାର ନାମରେ ଏଭଳି ରାସ୍ତାରୋକ, ରେଳରୋକ, ବିକ୍ଷୋଭ ପ୍ରଦର୍ଶନ ଗ୍ରହଣୀୟ ନୁହେଁ। ଆନ୍ଦୋଳନର ଭିନ୍ନ ତରିକା ଆପଣାଇବା ଉଚିତ। ଅନ୍ୟର କ୍ଷତି ନକରି ବା ଅନ୍ୟ କାହାକୁ ଅସୁବିଧାରେ ନପକାଇ ମଧ ଆନ୍ଦୋଳନ କରାଯାଇପାରିବ। କିନ୍ତୁ ମନେ ରଖିବାକୁ ପଡ଼ିବ ଯେ, ଆନ୍ଦୋଳନ ସବୁ ବେଳେ ସ୍ୱାଗତଯୋଗ୍ୟ ହୋଇନଥାଏ। ନିଜର ଦାବି ପୂରଣ ଏବଂ ନ୍ୟାୟ ପାଇଁ ସଂସଦ ଓ ବିଧାନସଭାରେ ସ୍ୱର ଉତ୍ତୋଳନ କରାଯାଇପାରିବ। ଏହା ହିଁ ଶ୍ରେଷ୍ଠ ଗଣତାନ୍ତ୍ରିକ ବ୍ୟବସ୍ଥା। ଏଥିପାଇଁ ଆମେ ଜନ ପ୍ରତିନିଧି ବାଛିଛୁ। ସେମାନଙ୍କ ମାଧମରେ ଆମେ ସରକାରଙ୍କ ଉପରେ ଚାପ ପକାଇପାରିବା। ସେମାନେ ଜନତାଙ୍କ କଥା ସରକାରଙ୍କ ଆଗରେ ଉପସ୍ଥାପନ ପାଇଁ ରହିଛନ୍ତି। ସେମାନଙ୍କୁ ଏହି ଦାୟିତ୍ୱ ଦିଆଯାଉ।

# ଶାନ୍ତି ରାଇଜ ରାଜକୁମାର



## ମୌଲାନା ଫଜଲ ହକ୍ ଖାନ୍



୨୩ ମାର୍ଚ୍ଚ ହେଉଛି ଇସଲାମ ଇତିହାସରେ ଏକ ମହାନ ଦିବସ । ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଦାସାନୁଦାସ ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦ(୧୮୩୫-୧୯୦୮)ଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ତାରିଖରେ ଭାରତ ବର୍ଷର ପଞ୍ଜାବ ପ୍ରଦେଶର ଲୁଧିଆନା ଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ନାମକ ଏକ ଆଧାତ୍ମିକ ଆନ୍ଦୋଳନର ସୂତ୍ରପାତ ହେଲା । ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତ୍ତାର ଧର୍ମ ବୋଲି ବୁଝାଇବା । ସେହିପରି ଇସଲାମ ଆଳରେ ଜେହାଦ ନାମରେ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି,ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ସମଗ୍ର ମାନବ ଜାତି ପାଇଁ କରୁଣାର ପାତ୍ର ହୋଇ ଆସିଥିଲେ ।

ଅଜଣା ବସ୍ତି କାଦିଆନ(ପଞ୍ଜାବ)ରୁ ଉଠିଥିବା ଏହି ଆଧାତ୍ମିକ ଗୁଞ୍ଜନ ଆଜି ବିଶ୍ୱର ଚତୁଃପାଶ୍ୱର୍ରେ ପ୍ରସାରିତ ହୋଇଚାଲିଛି । ''ଏବେ ବି ଏହି ପୁଷ୍ପ ବାଟିକାରେ ଆରାମ ଓ ଶାନ୍ତି ପ୍ରାପ୍ତ ହେଉଛି''ର ଘୋଷଣା କରିବା ସହ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ଅଲ୍ଲାଃ ପରମବ୍ରହ୍ମ ପରମେଶ୍ୱର ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୋତେ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତି ପରେ ଉନ୍ନତି ଦେଇଚାଲିବି ଏପରି କି ରାଜା ମହାରାଜା ମାନେ ମଧ ତୋ ଠାରୁ ଉନ୍ନତିର ଆଶାଇ ହେବେ । ମନେରଖ ଏହା ହେଉଛି ପରମେଶ୍ୱରଙ୍କ ବାଣୀ ଯାହାକି ନିଶ୍ଚିତ ଭାବରେ ଦିନେ ପୂରଣ ହେବ ।

ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ ''ମୈତ୍ରୀ ସଂଦେଶ''କୁ ତାହାଙ୍କ ମହାପ୍ରୟାଣର ମାତ୍ର ଦୁଇ ତିନି ଦିନ ପୂର୍ବରୁ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରା ଯାଇଥିଲା । ସେ ୧୯୦୮ ମସିହାର ମେ ମାସ ୨୬ ତାରିଖରେ ଦେହ ତ୍ୟାଗ କଲେ ଏବଂ ସେହି ପ୍ରସିଦ୍ଧ ବ୍ୟାଖ୍ୟାନକୁ ଜୁନ ୨୧ ତାରିଖ ଦିନ ରାୟ ବାହାଦୂର ପ୍ରତ୍ୟେଲ ଚନ୍ଦ୍ର ଚାଟାର୍ଜୀଙ୍କ ସଭାପତିତ୍ୱରେ ପଢି ଶୁଣାଇ ଦିଆ ଯାଇଥିଲା । ଭାରତ ବର୍ଷର ଦୁଇ ମୁଖ୍ୟ ଜାତିଙ୍କ ଉଦ୍ଦେଶ୍ୟରେ ଏହି ମୈତ୍ରୀ ପୂର୍ଣ୍ଣ ସଂଦେଶ ଅଭିପ୍ରେତ ଥିଲେ ମଧ ଦେଶର ସବୁ ଜାତି ଓ ସମ୍ପ୍ରଦାୟ ମଧରେ ସଦ୍‌ଭାବନା ପ୍ରତିଷ୍ଠା କରିବା ଏବଂ ଦେଶରେ ଏକତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ଏହି ବାର୍ତ୍ତାର ମୁଖ୍ୟ ଉଦ୍ଦେଶ୍ୟ । ହିନ୍ଦୁ ଓ ମୁସଲମାନ ମାନଙ୍କ ମଧରେ ଭେଦଭାବ ଦୂର କରାଇବାକୁ ଯାଇ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ଯେତେବେଳେ ଆପଣମାନେ ବେଦ ଓ ବେଦର ଋଷି ମୁନିମାନଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରିନେବେ ଏବଂ ଠିକ ସେହିପରି ହିନ୍ଦୁମାନେ ଆମ୍ଭର ପବିତ୍ର ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଅବତାରତ୍ୱକୁ ଗ୍ରହଣ କରିନେବେ, ସେତେବେଳେ ମନେ ରଖନ୍ତୁ; ଏହା ହିଁ ହେବ ପ୍ରକୃତ ମୈତ୍ରୀ ସ୍ଥାପନର ଏକ ମାତ୍ର ପନ୍ଥା । ଏବଂ ଏହା ହିଁ ଏପରି ଜଳ, ଯାହା ହୃଦୟର ଆବିଳତାକୁ ଦୂର କରିଦେବ । ଏ ଦୁଇ ଜାତିର ମିଳନର ଦିନ ଯଦି ଆସିଥାଏ, ତେବେ ଈଶ୍ୱର ସେମାନଙ୍କ ହୃଦୟକୁ ଉନ୍ମୁକ୍ତ କରିଦେବେ,ଯାହା ପାଇଁ ମୋର ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି।

ନିଜ ଦେଶବାସୀଙ୍କୁ ସମ୍ବୋଧନ କରି ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ପ୍ରିୟ ବନ୍ଧୁଗଣ ! ଚିର କାଳର ଅନୁଭବ ଏବଂ ପରୀକ୍ଷାରୁ ଏହା ସିଦ୍ଧ ହୋଇଛି ଯେ, ମହାପୁରୁଷମାନଙ୍କୁ ନିନ୍ଦା କରିବା, ସେମାନଙ୍କ ପ୍ରତି ଅନୁଚିତ ଓ ଅପମାନଜନକ କଟୁବାକ୍ୟ କହିବା କିମ୍ବା ଅନ୍ୟ କୌଣସି ପ୍ରକାର ଅସମ୍ମାନ ଓ ଅନାଦାର ପ୍ରଦର୍ଶନ କରିବା ଏପରି ଏକ ବିଷୟ , ଯାହା ଶରୀର, ଆତ୍ମା ଓ ମନକୁ ପ୍ରଦୁଷିତ କରିଦିଏ ଏବଂ ସେମାନଙ୍କ ସାଂସାରିକ ଓ ଧାର୍ମିକ ଜୀବନକୁ ନଷ୍ଟ କରିଦିଏ । ସେହି ଦେଶ କଦାପି ଶାନ୍ତିରେ ରହି ପାରିବ ନାହିଁ, ଯାହାର ଅଧିବାସୀମାନେ ଜଣେ ଅନ୍ୟର ଧାର୍ମିକ ନେତା,ମହାପୁରୁଷ ମାନଙ୍କ ପ୍ରତି କଟାକ୍ଷ ଓ ଆକ୍ଷେପମୂଳକ ମନ୍ତବ୍ୟ ଦେବାରେ ମଗ୍ନ ରହନ୍ତି । ସେହି ଦୁଇ ସମ୍ପ୍ରଦାୟ ମଧରେ କଦାପି ସଦ୍‌ଭାବ ରହିପାରିବ ନାହିଁ ।

ପୁଣି କୁହନ୍ତି,''ମୁଁ ସବୁ ମୁସଲମାନ,ଖ୍ରୀଷ୍ଟିଆନ,ହିନ୍ଦୁ ଓ ଆର୍ଯ୍ୟମାନଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବ ସମାଜକୁ ଏପରି ପ୍ରେମ କରେ,ଯେପରି ଜଣେ କରୁଣାମୟୀ ମାତା ତା' ସନ୍ତାନକୁ ପ୍ରେମ କରେ,ବରଂ ତା' ଠାରୁ ମଧ ଅଧିକ । ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ,ଯାହା ସତ୍ୟର ବିନାଶ କରେ,ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ। ମିଥ୍ୟାକୁ ଅସ୍ୱୀକାର କରିବା ମୋର ନୀତି । ''

ଏହି ପରିପ୍ରେକ୍ଷୀରେ ମୀର୍ଜା ଗୁଲାମ୍ ଅହମଦ୍ ନିଜ ଆଭିମୁଖ୍ୟକୁ ସ୍ପଷ୍ଟ କରି କହନ୍ତି, "ଏହା ଅତ୍ୟନ୍ତ ସୁନ୍ଦର ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବନା ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତାଧାରାର ସମର୍ଥନକାରୀ ସିଦ୍ଧାନ୍ତ, ଯେ ଆମେ ସମସ୍ତ ଅବତାରଙ୍କ ସତ୍ୟତାକୁ ମାନି ନେବା ଆବଶ୍ୟକ। ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତି ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୋ÷ଣସି ଦେଶ କ୍ଷରେ ଆବିର୍ଭାବ ହୋଇଥାନ୍ତୁ ନା କାହିଁକି ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଯାଇଛନ୍ତି।.... ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତକ ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ଇହୁଦୀ ଅବା ଖ୍ରୀଷ୍ଟଧର୍ମ ପ୍ରବର୍ତକ ହୁଅନ୍ତୁ ନା କାହିଁକି ସମସ୍ତଙ୍କୁ ଭକ୍ତିପୂତ ଶ୍ରଦ୍ଧା ଓ ସମ୍ମାନ ଜଣାଇଥାଉଁ।

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପରେ ଗ୍ରହଣ କରି ନିଅନ୍ତେ , ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢି ତୋଳନ୍ତା । ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ମେତ୍ରୀ,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ସର୍ବେଭବନ୍ତୁ ସୁଖିନଃ । ଏହା ହିଁ ଆମର କାମନା ।

**ଆସ ଆସ ଭାଇ ବଡ଼ ହେବା ପାଇଁ, ଲାଗିଯିବା ଲୋକ ଆତ୍ମା ଉପକାରେ,**
**ଏହି ପଥେ ସତ୍ୟ ଏହି ପଥେ ଧର୍ମ,ଏହି ପଥେ ପ୍ରଭୁ ବିଷ୍ଣୁ ମିଳିପାରେ**

**ମଙ୍ଗଳାବାଗ-କଟକ**
**ମୋବାଇଲ: ୯୬୯୨୨୨୫୦୫୭**

# ଗୋଷ୍ଠିଗତ ପ୍ରବଞ୍ଚନାରେ ବିପର୍ଯ୍ୟସ୍ତ ମଣିଷ ସମାଜ-୨

## ପଙ୍କଜ କୁମାର ପାଣିଗ୍ରାହୀ



ପ୍ରକୃତି ପୃଷ୍ଠରେ ମଣିଷ ଜନ୍ମ ହେବା ଆରମ୍ଭରୁ ଏହିସବୁ ଦଳବିଶେଷ ଗୁଡିକ ନଥିଲା। ତଥାପି ମଣିଷ ବଞ୍ଚି ଆସୁଥିଲା, ତେଣୁ ଆମେ ଆଜି ଜୀବନ ଧାରଣ କରି ରହିଛେ। ଏସବୁ ଦଳ ମାନଙ୍କର ସୃଷ୍ଟି ଧିରେ ଧିରେ ସମାଜରେ ପ୍ରଚଳନ କଲେ କ୍ରୁର ଚତୁର, କେବଳ ଜଣେ ଅନ୍ୟ ଜଣକୁ ସହଜରେ ଠକି କମ୍ କାମ କରି ଅଧିକ ଲାଭ ହାସଲ କରିବା ଲକ୍ଷ ରଖି। ସମସ୍ତେ ଜାଣନ୍ତି ଯେ ପ୍ରତ୍ୟେକ ମଣିଷ ଜନ୍ମ ହେବା ପରେ କିଛି ବର୍ଷ ଜୀବନ୍ତ ରହି ନିଶ୍ଚିତ ମୃତ୍ୟୁ ବରଣ କରିବ, ଏହାହିଁ ପ୍ରକୃତିର ନିୟମ। ଜଣେ ମଣିଷ ତା ଜୀବନ କାଳ ମଧ୍ୟରେ ଯାହା ମଧ୍ୟ କରିଦେଉ ପ୍ରକୃତି ପାଇଁ ତାର କୌଣସି ପ୍ରଭାବ ପଡିନଥାଏ। ଅତଏବ ଜଣେ ମଣିଷ ଜନ୍ମ ପରେ ମୃତ୍ୟୁ ପର୍ଯ୍ୟନ୍ତ ନିଜ ଜୀବନକୁ ବଞ୍ଚାଇ ରଖିବା ଲକ୍ଷ ହିଁ ଶେଷ ନିର୍ଦ୍ଧାରିତ ପ୍ରକୃତି ଦ୍ୱାରା ଯିଏ ଆମକୁ ଜନ୍ମ ଦେଇଛି। ଇତି ମଧ୍ୟରେ ମଣିଷ ଏସବୁ ଦଳଗତ କାର୍ଯ୍ୟ କରି କ'ଣ ଯେ ଅଧିକ କରିଥାଏ ତାହାର କୌଣସି ସମ୍ପର୍କ ନଥାଏ ପ୍ରକୃତି ସହିତ।

ବର୍ତ୍ତମାନ ଆଲୋଚ୍ୟ ବିଷୟ ହେଲା ଯେ ଯଦି ଏହିସବୁ ଦଳଗତ କାର୍ଯ୍ୟର କୌଣସି ମୂଲ୍ୟ ନାହିଁ ଅର୍ଥାତ ମଣିଷ ଜୀବନର ପ୍ରାକୃତିକ ଜୀବନ ଶୈଳୀ ଉପରେ ତାହାର କୌଣସି ଆଧାର କି ପ୍ରଭାବ ନାହିଁ, ତାହେଲେ ଏଗୁଡିକ ସୃଷ୍ଟି ହେଲା କାହିଁକି, କିପରି ଏବଂ ସାଧାରଣ ନିର୍ବୋଧ ଏହିସବୁ ଦଳଗତ କାର୍ଯ୍ୟରେ ପ୍ରତ୍ୟେକ୍ଷ, ପରୋକ୍ଷରେ ଅଂଶୀଦାର ହେବାର ଉଦ୍ଦେଶ୍ୟ, ଲକ୍ଷ କ'ଣ ରହିଥାଏ ? ଆଜ୍ଞା ଏଠାରେ ଯେ କେବଳ ଏହି ଦଳଗତ ପ୍ରବଞ୍ଚନା କାରଣରୁ ସାଧାରଣ ଜନତା ପ୍ରତାରିତ, ଲୁଣ୍ଠିତ, ଲାଂଛିତ ହୋଇଥା'ନ୍ତି ତା ନୁହେଁ ବରଂ ସେମାନଙ୍କ ସହିତ ସାଧାରଣ ନିର୍ବୋଧଙ୍କ ସହଭାଗିତା ମଧ୍ୟ ତା ପାଇଁ ଯଥେଷ୍ଟ ଦାୟୀ ! କାରଣ ଯେଉଁମାନେ ଏସବୁ ଦଳ ଗଠନ କରି ବିଭିନ୍ନ କାର୍ଯ୍ୟ କରୁଛନ୍ତି ସେମାନେ ନିଜର ସ୍ୱାର୍ଥ ଲକ୍ଷରେ କରୁଥିବା ବେଳେ ସାଧାରଣ ନିର୍ବୋଧ ଲୋକଙ୍କ ମଧ୍ୟ ସମାନ ଆଗ୍ରହ ରହିଥାଏ ଯେ ସେମାନେ ତାଙ୍କ ସହିତ ଜଡିତ ହୋଇ ରହିଥା'ନ୍ତି କିଛି ସ୍ୱାର୍ଥ ଆଶା କରି । ଅର୍ଥାତ ସାଧାରଣ ନିର୍ବୋଧ ମଣିଷ କିଛି ବୁଝି କିମ୍ବା ନବୁଝି କେବଳ ସେମାନଙ୍କ ଏକ ନିଛନ୍ଦ, ନିଷ୍କପଟ ମନୋଭାବ ହେତୁ ସେହି ଦଳୀୟ କର୍ମକର୍ତ୍ତାଙ୍କ ଉପରେ ବିଶ୍ୱାସ କରି ସେମାନଙ୍କ ମାଧ୍ୟମରେ କିଛି ଲାଭ, ସ୍ୱାର୍ଥ ହାସଲ କରିବା ଲକ୍ଷ ରଖି ସେମାନଙ୍କ ସହିତ ସାମିଲ ହୋଇଥା'ନ୍ତି । ତେଣୁ ଏସବୁ ଦଳ ଗଠନ କରି ବିଭିନ୍ନ କାର୍ଯ୍ୟଧାରା ପରି•ଳନା କରିବାରେ ସମର୍ଥ ହୋଇଥା'ନ୍ତି ସମ୍ପୃକ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଗଣ ।

ବର୍ତ୍ତମାନ ବି•ର କରିବା ଯେ ପ୍ରକୃତରେ ଏସବୁ ଦଳ ଗୁଡିକ ସହିତ ପ୍ରତ୍ୟେକ୍ଷରେ କିମ୍ବା ପରୋକ୍ଷରେ ଯୋଡି ହୋଇ ରହି ସାଧାରଣ ନିର୍ବୋଧ ମଣିଷ କୌଣସି ଲାଭ ପାଇଥା'ନ୍ତି ନା କ୍ଷତିରେ ପଡ଼ିଥା'ନ୍ତି ?! ମହାଶୟ ଯେମିତି ପୂର୍ବରୁ ଆମେ ଆଲୋଚନା କରିଛେ ଯେ ଏସବୁ ଦଳ ଗୁଡିକ ମଧ୍ୟରୁ ୯୦ ପ୍ରତିଶତ ଦଳ କେବଳ ସେମାନଙ୍କ ୯୯ ପ୍ରତିଶତ ଲାଭ ଆଶା କରି ଭୁଆଁ ବୁଲାଇଥା'ନ୍ତି ସାଧାରଣ ଲୋକଙ୍କୁ ଏ କଥାରେ କୌଣସି ସନ୍ଦେହ ନାହିଁ ! ଅର୍ଥାତ ସାଧାରଣ ଲୋକେ ଏସବୁ ଦଳୀୟ ବି•ର ଗୁଡିକୁ କୌଣସି ତର୍ଜମା ସମୀକ୍ଷା ନକରି ସେମାନଙ୍କ କଥାରେ ବିଶ୍ୱାସ କରି ସେମାନଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ପ୍ରରୋଚନା ଗୁଡିକ ନିର୍ଦ୍ୱନ୍ଦରେ ଗ୍ରହଣ କରୁଥିବା କାରଣରୁ ପ୍ରାୟତଃ ୫୦-୧୦୦ ପ୍ରତିଶତ କ୍ଷତିରେ ପଡ଼ିଥା'ନ୍ତି, ପ୍ରତାରିତ ହୋଇଥା'ନ୍ତି କେତେବେଳେ ପ୍ରତ୍ୟେକ୍ଷରେ ତ ଆଉ କେତେବେଳେ ପରୋକ୍ଷରେ। କି'ନ୍ତୁ ସେମାନଙ୍କ ଷଡ଼ଯନ୍ତ୍ରକୁ ବୁଝି ଆଭ୍ୟନ୍ତରୀଣ ବ୍ୟାପାର ଗୁଡିକ ସହଜରେ ଅନୁମାନ କରିବା ମଧ୍ୟ ସମ୍ଭବ ହୋଇନଥାଏ ସାଧାରଣ ଲୋକଙ୍କ ପାଖରେ •ହେ ସିଏ ଜଣେ ଶିକ୍ଷିତ ହୋଇଥା'ନ୍ତୁ କିମ୍ବା ଅଶିକ୍ଷିତ। କାରଣ କ୍ରୁର ଚତୁରଙ୍କ ମନୋଭାବ ବୁଝିବା ପାଇଁ କେତେ ଉଚ୍ଚ ଶିକ୍ଷାର ମଧ୍ୟ କୌଣସି ମହତ୍ୱ ନାହିଁ। ଆଉ ଅଶିକ୍ଷିତଙ୍କ କଥାତ ବହୁତ ଦୂର !

ଏ ଯେତେସବୁ ଦଳ ଗୁଡିକ ବିଷୟରେ ଆମେ ଆଲୋଚନା କଲେ ସେଇଥିରୁ କେବଳ ୧୦ ପ୍ରତିଶତ ଗୋଷ୍ଠୀର ମଣିଷ (ଅର୍ଥାତ ୧-୪) ମାନଙ୍କ ସମାଜ ପ୍ରତି କିଛି ଦାୟିତ୍ୱବୋଧ ରହିଛି ଯାହା ସର୍ବସାଧାରଣଙ୍କ ମଙ୍ଗଳ ତଥା ଭଲରେ ବଂଚିବା ସୁଯୋଗ ସୃଷ୍ଟି କରିଥାଏ। ଏମାନଙ୍କ ସର୍ବଦିଗ ସେବା କାରଣରୁ ସମଗ୍ର ମାନବ ଜାତି ଆଜି ହସି ପାରୁଛି। କହିବାକୁ ଗଲେ ଏହିମାନେ ହିଁ ସମଗ୍ର ସଂସାରକୁ ଚଳାଉଛନ୍ତି। ଆଉ ସେହି କାରଣରୁ ସେମାନେ ଆଜି ସମସ୍ତଙ୍କ ପାଖରେ ନ୍ୟୁନ, ହୀନ, ଘୃଣ୍ୟ, ଲୁଣ୍ଠିତ, ଲାଂଛିତ, ପ୍ରତାରିତ। ସମାଜର ଦ୍ୱିତୀୟାର୍ଦ୍ଧରେ ରହିଥିବା ଅନ୍ୟୁନ ୩୦ ପ୍ରତିଶତ ଗୋଷ୍ଠୀର ମଣିଷ (ଅର୍ଥାତ ୫-୧୬) ସମାଜରେ ସାମାନ୍ୟ ସେବା ଯୋଗାଇ ଦେଉଥିବା ବେଳେ ଅନ୍ୟୁନ ୫୦-୯୦ ଶତକଡା ଲାଭାଂଶ ଉଠାଇ ସାଧାରଣ ଲୋକଙ୍କୁ ଲୁଣ୍ଠନ କରିବା ପାଇଁ ପଛାଇ ନଥା'ନ୍ତି ! ତେଣୁ ସେମାନଙ୍କ କାର୍ଯ୍ୟରେ ସାମାନ୍ୟ ସାମାଜିକତା ରହି ପ୍ରାୟତଃ ସମାଜକୁ ନିମ୍ନଗାମୀ କରିବାରେ ମଧ୍ୟ କିଛି ଅଂଶରେ ଦାୟୀ ! ବାକି ୬୦ ପ୍ରତିଶତ (ଅର୍ଥାତ ୧୭-୩୮) ଦଳର କାର୍ଯ୍ୟ କେବଳ ନିର୍ବୋଧଙ୍କୁ ଠକି ଭଣ୍ଡି ନିଜର ପାଣ୍ଠି ବୃଦ୍ଧି କରିବା ବ୍ୟତୀତ ଆଉ କିଛି ଲକ୍ଷ ରହିନଥାଏ ସେମାନଙ୍କର ! ଏମାନଙ୍କ କାରଣରୁ ଆଜି ସମଗ୍ର ମାନବ ସମାଜ ସମ୍ପୂର୍ଣ୍ଣ ନିରାନନ୍ଦରେ। ଏମାନେ କେବଳ ମଣିଷକୁ ଯଥେଷ୍ଟ ମାତ୍ରାରେ ଲୁଣ୍ଠନ କରି ସମାଜକୁ ତଳିତଳାନ୍ତ କରୁଛନ୍ତି। ସେମାନଙ୍କ ସହିତ ଜଣେ ସାଧାରଣ ମଣିଷ କୌଣସି ସଂଯୋଜନା ସ୍ଥାପନ ନକରି ଜୀବନ ତମାମ ଅତି ଆନନ୍ଦରେ ବଂଚି ପାରିବ। କି'ନ୍ତୁ ସେମାନଙ୍କ ମିଥ୍ୟା ଷଡ଼ଯାନ୍ତ୍ରୀକ ଉପସ୍ଥାପନା ଗୁଡିକୁ ନିଷ୍କପଟ ହୃଦୟରେ ମାନ୍ୟତା ଦେଇ ଏକକ ମଣିଷ ଜଣେ ନିଜର ଜୀବନକୁ ଆହୁରି ରସମୟ କରିବା ଲକ୍ଷ ରଖି ସେମାନଙ୍କ ସହିତ ଯୋଡି ହୋଇଥା'ନ୍ତି ଯାହା ସେମାନେ ପ୍ରରୋଚନା ଦିଅନ୍ତି ସମସ୍ତଙ୍କୁ। ସେମାନଙ୍କ ପ୍ରରୋଚନା ଗୁଡିକୁ ଗ୍ରହଣ କରି ନିଜର ସମ୍ପୂର୍ଣ୍ଣ ସହମତି ପ୍ରଦାନ କରିବା ପୂର୍ବରୁ ଦଶଦିଗ ବି•ର କରି କାର୍ଯ୍ୟ କଲେ ଯେ ସେଗୁଡିକର ଅଭନ୍ତରୀଣ ବ୍ୟାପାର ଗୁଡିକ ଆମେ ଜାଣିପାରିବା ଏକଥା ବୁଝନ୍ତି ନାହିଁ କେହି। ଆମକୁ କି'ନ୍ତୁ ସେମାନଙ୍କ ପ୍ରତାରଣାରୁ ଦୁରେଇ ରହି ଲୁଣ୍ଠନରୁ କ୍ଷାନ୍ତ ରହିବାକୁ ହେବ ଯଦି ନିଜ ଜୀବନକୁ ସରସ ସୁନ୍ଦର କରି ବଂଚିବା ମନୋବୃତ୍ତି ସୃଷ୍ଟି କରିବା।(କ୍ରମଶଃ)

**ୟୁଟ୍ୟୁବ-ସାମାଜିକ ଜନମଞ୍ଚ (ଭାରତ)**
**ଛତ୍ରପୁର, ଗଂଜାମ- ୭୬୧୦୨୦**
**ମୋବାଇଲ୍: ୯୪୩୭୩୨୪୯୧୭**

# ଆଧୁନିକ କବିତାର ଭଗୀରଥ ରମାକାନ୍ତ ରଥ

## ଡକ୍ଟର ବାସୁଦେବ ଦାସ

ଉତ୍ତର ଷାଠିଏ ମସିହା କାଳରେ ଓଡ଼ିଆ କବିତା ନୂତନ ରୂପଶ୍ରୀ ବରଣ କରେ। ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ହେଲା ବିପୁଳ ପରିବର୍ତ୍ତନ। ପ୍ରତ୍ୟେକ ପରିବର୍ତ୍ତନ ସମାଲୋଚନାର ଶରବ୍ୟ ହୁଏ। ଏହି ସମୟରେ ଯେଉଁ କେତେଜଣ କବିତା ରଚନାର ପ୍ରତିବଦ୍ଧତା ଗ୍ରହଣ କରିଥିଲେ, ସେମାନଙ୍କ ମଧରେ ଜ୍ୟେଷ୍ଠ ଓ ଶ୍ରେଷ୍ଠ ଥିଲେ ରମାକାନ୍ତ ରଥ। ସ୍ୱାଧୀନତା ପ୍ରାପ୍ତିର ଦଶନ୍ଧି ବିତି ଯାଇଥିଲେ ମଧ ବିଶେଷକିଛି ନୂତନ ଉପାଦାନ ସମାଜକୁ ମିଳି ନ ଥିଲା। କବି କତିପୟ ଜୀବନାନ୍ୱେଷାକୁ ଭାବବସ୍ତୁ ଭାବେ ଗ୍ରହଣ କରି ଆରମ୍ଭ କରିଥିଲେ ନୂତନ ପ୍ରୟୋଗ। ଜୀବନ ଓ ମୃତ୍ୟୁ ମଧରେ ଲୁଚକାଳି ଖେଳ ଚାଲିଥିବା ରହସ୍ୟମୟ ଚେତନା ଏହି କବିତାର ମୁଖ୍ୟସ୍ୱର ଭାବେ ବିଚାର୍ଯ୍ୟ। ଆଙ୍ଗିକ ଶବ୍ଦଶିଳ୍ପ, ଦର୍ଶନ ସମ୍ବଳୀ ଭାବବସ୍ତୁ ଓ ଆବୃତ୍ତି ସୌନ୍ଦର୍ଯ୍ୟକୁ ଭିତ୍ତିକରି ଏହି କବିବୃନ୍ଦ ପ୍ରୟୋଗବାଦୀ ପଞ୍ଚସଖା ଭାବେ ବିଦିତ ହେଲେ। ଅନ୍ୟ ବହୁ କବି କବିତା ରଚନାରେ ନିମଗ୍ନ ଥିଲେ ମଧ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ର, ରାଜେନ୍ଦ୍ର ପଣ୍ଡା ଓ ସୌଭାଗ୍ୟ ମିଶ୍ର ପ୍ରୟୋଗବାଦୀ ଧାରାର ମହାନାୟକ। ରମାକାନ୍ତ ଉକ୍ତ ଭାବାଦର୍ଶର ଭଗୀରଥ କହିଲେ ବହୁଭାଷଣ ହେବନାହିଁ।

୧୯୫୬ ମସିହାରେ କବିତା ରଚନା ପାଇଁ 'ଝଙ୍କାର ପୁରସ୍କାର' ଲାଭ କରିଥିଲେ ଏକ ସ୍ୱର୍ଣ୍ଣ ମୁଦ୍ରିକା। ସେହିବର୍ଷ ରେଭେନ୍ସା କଲେଜରୁ ଇଂରାଜୀ ସାହିତ୍ୟରେ ଉପାଧ୍ୟୁତ୍ତର ସଫଳତା ଲାଭ କରିଥିଲେ ଏବଂ ସର୍ବଭାରତୀୟ ପରୀକ୍ଷା ଫିସ୍ ଦାଖଲ ପାଇଁ ଅବସରପ୍ରାପ୍ତ ପିତାଙ୍କୁ ଟଙ୍କା ନ ମାଗି ମୁଦ୍ରିକା ବିକ୍ରୟ କରି ଫର୍ମ ପୂରଣ କରିଥିଲେ। ସୌଭାଗ୍ୟର କଥା - ଆଇ.ଏ.ଏସ୍. ପରୀକ୍ଷାରେ କୃତବିଦ୍ୟ ହେବାରୁ ଫକୀରମୋହନ କଲେଜର ଇଂରାଜୀ ଅଧାପକ ପଦରୁ ଇସ୍ତଫା ଦେଇ ପ୍ରଶାସନିକ ଅଧିକାରୀ ଭାବେ ପାରଳାଖେମୁଣ୍ଡିର ଏସ୍.ଡ଼ି.ଓ. (ଝ.ଉ.ଙ) ପଦରେ ଯୋଗଦାନ କରିଥିଲେ। ତତ୍‌ପରେ ଅବିଭକ୍ତ ଫୁଲବାଣୀ ଜିଲ୍ଲାର କଲେକ୍ଟର ହୋଇ ଆଦିବାସୀମାନଙ୍କର ଜମି, ଜଙ୍ଗଲ ଓ ଜୀବିକା ନିର୍ବାହର ଅନେକ ସୁବିଧା କରିଥିଲେ। କବିର ଦରଦୀ ମନ ଲୋକସେବାରେ ପ୍ରବୃତ୍ତ ହୋଇଥିଲା। ୧୯୬୨ରୁ ୩ ବର୍ଷ ଫୁଲବାଣୀର ବିକାଶରେ ରମାକାନ୍ତଙ୍କ ଅବଦାନ ଅବିସ୍ମରଣୀୟ।

ପବିତ୍ର ସାକ୍ଷୀଗୋପାଳ ନିକଟସ୍ଥ ବିଶ୍ୱନାଥପୁର ବ୍ରାହ୍ମଣ ଶାସନରେ ପିତା ଲୋକନାଥ ମହାପାତ୍ର ଓ ମାତା ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ରମାକାନ୍ତ ୧୩ ଡିସେମ୍ବର ୧୯୩୪ ମସିହାରେ। ରମାକାନ୍ତ ଥିଲେ ମଧମ ସନ୍ତାନ। ତାଙ୍କର ମା'ଙ୍କର ବାପା ପଣ୍ଡିତ ବିଶ୍ୱନାଥ ରଥଙ୍କର ପୁତ୍ର ସନ୍ତାନ ନ ଥିବାରୁ ରମାକାନ୍ତ ବ୍ରହ୍ମଗିରି ନିକଟସ୍ଥ ଦାମୋଦରପୁର ରଥ ପରିବାରକୁ ପୁତ୍ର ହୋଇ ଯାଇଥିଲେ। ମହାପାତ୍ରରୁ ରମାକାନ୍ତଙ୍କ ସଂଜ୍ଞା ହେଲା ରଥ। ପିଲାଦିନୁ ରମାକାନ୍ତ ଥିଲେ ବିଚକ୍ଷଣ, ପ୍ରତ୍ୟୁତ୍ପନ୍ନମତି ଓ ଧୀମାନ୍। ଦାମୋଦରପୁର ୟୁ.ପି. ସ୍କୁଲ୍‌ରୁ ୫ମ ଶ୍ରେଣୀ ବୃତ୍ତି ପାଇ ପୁରୀର ଆଙ୍ଗ୍‌ଲୋ-ବେଙ୍ଗଲୀ ସ୍କୁଲ (ଯାହା ଆଜି ବିଶ୍ୱମ୍ଭର ବିଦ୍ୟାପୀଠ ହୋଇଛି)ରେ ଷଷ୍ଠ ଶ୍ରେଣୀ ପଢ଼ିଥିଲେ। ତାଙ୍କର



ସପ୍ତମ ଶ୍ରେଣୀ ବର୍ଷ ପିତା ଲୋକନାଥ ଭବାନୀପାଟଣା ହାଇସ୍କୁଲର ପ୍ରଧାନ ଶିକ୍ଷକ ହୋଇ ଯିବାରୁ ରମାକାନ୍ତ ସେଠାରେ ସପ୍ତମରୁ ନବମ ଶ୍ରେଣୀ ପଢ଼ିଲେ। ପୁନଶ୍ଚ ଗଡ଼ଜାତ ମିଶ୍ରଣ ହେତୁଁ ପିତାଙ୍କର ବଲାଙ୍ଗୀରକୁ ବଦଳି ହେଲା। ସେଠାରେ ରମାକାନ୍ତ ପୃଥ୍ୱୀରାଜ ହାଇସ୍କୁଲରୁ ୧୯୫୦ ମସିହାରେ ଫାଷ୍ଟ ଡିଭିଜନ୍‌ରେ ୧୧ଶ ଶ୍ରେଣୀ ବା ମାଟ୍ରିକ ପାସ୍ କରିଥିଲେ। ପିତାଙ୍କର ବଦଳି ସଙ୍ଗେ ସଙ୍ଗେ ରମାକାନ୍ତଙ୍କ ଶୈକ୍ଷିକ ଭାଗ୍ୟ ଯୋଡ଼ି ହୋଇଥାଏ। ମହାପାତ୍ର ମହାଶୟ ପୁରୀକୁ ଆସିଯିବାରୁ ରମାକାନ୍ତ ପୁରୀ କଲେଜରେ ଦୁଇବର୍ଷିଆ କଳା (ଓ.ଇ.) ପାସ୍‌କରି ରେଭେନ୍ସା କଲେଜରେ ସ୍ନାତକ ଅନର୍ସ ସହିତ ଇଂରାଜୀ ସାହିତ୍ୟରେ କୃତବିଦ୍ୟ ହୋଇ ବାଲେଶ୍ୱର ଏଫ୍.ଏମ୍. କଲେଜରେ ଅଧାପକ ହୋଇଥିଲେ। ପୂର୍ବରୁ କଥିତ ଅଛି - ରମାକାନ୍ତ ଫୁଲବାଣୀ କଲେକ୍ଟରରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ପଦରୁ ଅବସର ଗ୍ରହଣ କରିଥିଲେ। ବ୍ୟକ୍ତି ହିସାବରେ ନମ୍ର, ଭଦ୍ର, ମୃଦୁଭାଷୀ ଓ ଅମାୟିକ ଥିଲେ। ଏହି ବ୍ୟକ୍ତିଟି ଯେ ଓଡ଼ିଆ ସାହିତ୍ୟର ସମୁଜ୍ଜ୍ୱଳ ଭାସ୍କର - ଏକଥା କେହି ଅସ୍ୱୀକାର କରିବେ ନାହିଁ। ତାଙ୍କ ଭାଷାରେ - "କବିତା ଲେଖା ଜଣା ନ ଥିଲେ, ଯେଉଁ କ୍ଷେତ୍ରରେ ପହଞ୍ଚି ପାରିଛି, ତା' ହୁଏତ ସମ୍ଭବ ହୋଇପାରି ନ ଥାନ୍ତା। ସୁତରାଂ କବିତା ମୋର ପ୍ରାଣବାୟୁ ବାସୁବାବୁ।" କବିତା ବ୍ୟତୀତ ଗଳ୍ପ, ପ୍ରବନ୍ଧ, ଭାଷଣ ଓ ଅନୁବାଦ କ୍ଷେତ୍ରରେ ତାଙ୍କର ଅବଦାନ ରହିଅଛି। ଅନେକ କୋଠରି (୧୯୬୨), ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସଚିତ୍ର ଅନ୍ଧାର, ଶ୍ରୀରାଧା (୧୯୮୫), ଶ୍ରେଷ୍ଠ କବିତା, ଶ୍ରୀପଳାତକ, ସୀମାନ୍ତବାସ, ଫେରି ଚାଲିଲେ ପ୍ରଭୃତି ତାଙ୍କ ପ୍ରଚଣ୍ଡ ପ୍ରତିଭାର ଅଭ୍ରାନ୍ତ ଦସ୍ତାବିଜ। 'ଶ୍ରୀରାଧା' ସଂକଳନ ପାଇଁ ବିରଲା ଫାଉଣ୍ଡେସନ୍ ତରଫରୁ ମର୍ଯ୍ୟାଦାଜନକ 'ସରସ୍ୱତୀ ପୁରସ୍କାର' ଲାଭ କରିଥିଲେ।

ଜଣେ ବରିଷ୍ଠ କବି ଭାବରେ ଶ୍ରୀ ରଥ ଭାରତୀୟ ଲେଖକ ଗୋଷ୍ଠୀର ପ୍ରତିନିଧି ଭାବରେ ରୁଷିଆ, ଚୀନ୍, ଫ୍ରାନ୍ସ, ଇଂଲଣ୍ଡ, ସ୍ୱିଡ଼େନ ଆଦି ଦେଶ ଗସ୍ତକରି ଓଡ଼ିଆ ସାହିତ୍ୟ ସଂସ୍କୃତିକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ସେ ଅନନ୍ୟ ବ୍ୟକ୍ତିତ୍ୱ। ୨୦୦୧ ମସିହାରେ ତାଇୱାନ ଠାରେ ଆୟୋଜିତ ବିଶ୍ୱକବି ସମ୍ମିଳନୀରେ ଏକମାତ୍ର ଭାରତୀୟ କବି ଭାବରେ ନିମନ୍ତ୍ରିତ ହୋଇଥିଲେ ଏବଂ ସେହି ସାହିତ୍ୟ ସଭାରେ ଓଡ଼ିଆ କବିତାର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ। ସେହିପରି ୧୯୯୩ ମସିହାରୁ କେନ୍ଦ୍ର ସାହିତ୍ୟ ଅକାଦମୀର ଉପସଭାପତି ଓ ୧୯୯୮ରୁ ୨୦୦୨ ପର୍ଯ୍ୟନ୍ତ ସଭାପତି ହୋଇଥିଲେ। ଏହି ଆସନ ଅଳଂକୃତ କରିବାରେ ସେ ପ୍ରଥମ ଓଡ଼ିଆ କବି। ସେ ରାଷ୍ଟ୍ରଭୂଷଣ ସମ୍ମାନ, ସୋଭିଏତ ଦେଶ ଲେଖକ ସମ୍ମାନ (୧୯୮୮) ଆଦି ସହିତ ଭାରତ ସରକାରଙ୍କର ପଦ୍ମବିଭୂଷଣ ଓ ଓଡ଼ିଶାର ଲୋକରତ୍ନ ସମ୍ମାନରେ ବିଭୂଷିତ ହୋଇଥିଲେ।

ରମାକାନ୍ତଙ୍କର କାବ୍ୟରେ ଶବ୍ଦ ଶିଳ୍ପର ନିଖୁଣ ଅଭିବ୍ୟକ୍ତି ଓଡ଼ିଆ କବିତାକୁ ଦେଇଛି ନୂତନ ଦିଗ୍‌ଦର୍ଶନ। ମିଥ୍, ଉପମା, ରୂପକଳ୍ପ ଆଦି ଅଳଙ୍କାର ପ୍ରୟୋଗରେ କବିତାକୁ ଅନନ୍ୟ ସାଧାରଣ ରୂପ ପ୍ରଦାନ କରିଛନ୍ତି। ତାଙ୍କର ଦେହାବସାନ ସମଗ୍ର ଭାରତୀୟଙ୍କ ପାଇଁ ଦୁଃଖ ଓ ବିଷଣ୍ଣକାତର ଅବସ୍ଥା ସୃଷ୍ଟି କରିଅଛି। ଜାତୀୟ ଜୀବନକୁ ସଂଜୀବିତ କରିବା ପାଇଁ ରମାକାନ୍ତଙ୍କ ସଫଳ କୃତି ମାର୍ଗଦର୍ଶନ ଦେବ।

**ଜଇପୁରା, କେନ୍ଦ୍ରାପଡ଼ା**
**ମୋବାଇଲ୍: ୯୪୩୮୦୧୮୫୦୧**

# ଆର୍ଥିକ ସ୍ଥିତି ସମାନ ଥିଲେ ମିଳିବନି ଭରଣପୋଷଣ




ନୂଆଦିଲ୍ଲୀ,୨୩।୩ଃ ସ୍ୱାମୀ-ସ୍ତ୍ରୀଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି ସମାନ ଥିଲେ ପତ୍ନୀଙ୍କୁ ଭରଣପୋଷଣ ଦେବାର ଆବଶ୍ୟକତା ନାହିଁ । ଜଣେ ମହିଳାଙ୍କ ଆବେଦନ ଉପରେ ଶୁଣାଣିବେଳେ ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଅଭୟ ଏସ୍.ଓକା ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କର ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ରାୟରେ ଖଣ୍ଡପୀଠ କହିଥିଲେ, ଆବେଦନକାରୀ ଓ ତାଙ୍କର ସ୍ୱାମୀ ଉଭୟ ଗୋଟିଏ ପଦ(ସହାୟକ ପ୍ରଫେସର)ରେ କାର୍ଯ୍ୟରତ । ମହିଳାଜଣକ ଆତ୍ମନିର୍ଭର ହୋଇଥିବାରୁ ନିଜ ଆବଶ୍ୟକତା ପୂରଣ କରିବାରେ ସକ୍ଷମ । ନିଜ ଆୟରେ ସେ ଜୀବନନିର୍ବାହ କରିପାରିବେ । ତେଣୁ ତାଙ୍କ ସ୍ୱାମୀଙ୍କୁ ଭରଣପୋଷଣ ଦେବାର ଆବଶ୍ୟକତା ନାହିଁ । ଏପରିସ୍ଥଳେ ଏହି ଆବେଦନକୁ ଖାରଜ କରାଯାଉଛି । ମହିଳା ଜଣକର ନିଜସ୍ୱ ରୋଜଗାର ଥିଲେ ମଧ୍ୟ ବିବାହ ବିଚ୍ଛେଦ ପରେ ଭରଣପୋଷଣ ଲାଗି ଆବେଦନରେ ଦାବି କରିଥିଲେ । ସେଥିରେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀଙ୍କ ଆୟ ମାସିକ ପ୍ରାୟ ୧ ଲକ୍ଷ ହୋଇଥିବାବେଳେ ସେ ୬୦ ହଜାର ଟଙ୍କା ପାଉଛନ୍ତି । ତେଣୁ ସ୍ୱାମୀ ତାଙ୍କୁ ଭରଣପୋଷଣ ପ୍ରଦାନ କରିବା ଉଚିତ୍ । ନିମ୍ନ ଅଦାଲତ ଓ ମଧ୍ୟପ୍ରଦେଶ ହାଇକୋର୍ଟ ମହିଳାଙ୍କର ଦାବିକୁ ଖାରଜ କରିଦେବାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଭାରତବିରୋଧୀଙ୍କୁ ଆଦର୍ଶ କରାଯାଇପାରିବ ନାହିଁ



**ବେଙ୍ଗାଲୁରୁ,୨୩।୩:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ଅଖିଳ ଭାରତୀୟ ପ୍ରତିନିଧି ସଭା ଆଜି (୨୩ ମାର୍ଚ୍ଚ) ବେଙ୍ଗାଲୁରୁରେ ସମାପ୍ତ ହୋଇଛି। ଆରଏସଏସର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବଲେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ତିନି ଦିନିଆ ବୈଠକରେ ଉପନୀତ ନିଷ୍କର୍ଷକୁ ଗଣମାଧ୍ୟମ ଆଗରେ ରଖିଥିଲେ। ଏହା ସହିତ, ମହାସଚିବ ସେହି ସମସ୍ତ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ ଯାହା ବର୍ତ୍ତମାନ ଦେଶରେ ସବୁଠାରୁ ବଡ଼ ସମସ୍ୟା ସହିତ ଜଡିତ ରହିଛି। ଏହି ସମୟ ମଧ୍ୟରେ, ଦତ୍ତାତ୍ରେୟ ହୋସାବଲେ ଔରଙ୍ଗଜେବଙ୍କଠାରୁ ଆରମ୍ଭ କରି ମୁସଲିମ ସଂରକ୍ଷଣ ଏବଂ ବିଜେପି ସଭାପତି ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆରଏସଏସର ମତ ଜାଣିବା ପାଇଁ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ଔରଙ୍ଗଜେବ ପ୍ରସଙ୍ଗରେ ଦତ୍ତାତ୍ରେୟ ହୋସାବଲେ କହିଥିଲେ ଯେ ଯେଉଁମାନେ ଭାରତର ବିରୋଧୀ ଥିଲେ, ସେମାନଙ୍କୁ ଆଦର୍ଶ ବା ଆଇକନ୍ କରାଯାଇପାରିବ ନାହିଁ। ଗଙ୍ଗା-ଜମୁନି ସଂସ୍କୃତି ବିଷୟରେ କଥାବାର୍ତ୍ତା କରୁଥିବା ଲୋକମାନେ ଔରଙ୍ଗଜେବଙ୍କ ଭାଇ ଦାରା ଶିକୋହଙ୍କୁ କାହିଁକି ମନେ ରଖନ୍ତି ନାହିଁ? ଔରଙ୍ଗଜେବ ପ୍ରସଙ୍ଗରେ ସେ କହିଥିଲେ ଯେ ଯେଉଁମାନେ ଭାରତର ବିରୋଧୀ ଥିଲେ, ସେମାନଙ୍କୁ ଆଦର୍ଶ ବା ଆଇକନ୍ କରାଯାଇପାରିବ ନାହିଁ। ଗଙ୍ଗା-ଜମୁନି ସଂସ୍କୃତି ବିଷୟରେ କଥାବାର୍ତ୍ତା କରୁଥିବା ଲୋକମାନେ ଔରଙ୍ଗଜେବଙ୍କ ଭାଇ ଦାରା ଶିକୋହଙ୍କୁ କାହିଁକି ମନେ ରଖନ୍ତି ନାହିଁ? ଯଦି ଦିଲ୍ଲୀର ଔରଙ୍ଗଜେବ ରୋଡକୁ ଅବଦୁଲ କଲାମ ରୋଡରେ ପରିବର୍ତ୍ତନ କରାଯାଇଛି, ତେବେ ଏହାର କିଛି ଅର୍ଥ ଅଛି, ଠିକ୍ ନା ? ତେଣୁ ଯିଏ ଆମ ସଂସ୍କୃତି ବିଷୟରେ କହିବ, ଆମେ ତାଙ୍କୁ ଅନୁସରଣ କରିବୁ।



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ଶନିବାର ନୂଆଦିଲ୍ଲୀର ହଜ୍‌ଖାସ୍ଥିତ ଜଗନ୍ନାଥ ମନ୍ଦିର ଯାଇଥିବା ବେଳେ ସେଠାରେ ତାଙ୍କୁ ଶ୍ରୀ ନୀଳାଚଳ ସେବା ସଂଘ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଓ ଅନ୍ୟମାନେ ସ୍ୱାଗତ କରିଛନ୍ତି।

# ଏପ୍ରିଲରୁ ବଦଳିଯିବ ୟୁପିଏସ୍ ନିୟମ




ନୂଆଦିଲ୍ଲୀ,୨୩।୩ଃ ଭାରତ ସରକାରଙ୍କ ଦ୍ୱାରା ୨୦୨୩ ମସିହାରେ ଏକ ଉନ୍ନତ ଏବଂ ସୁବିଧାଜନକ ପେନସନ ବିକଳ୍ପ ଭାବରେ ୟୁନିଭର୍ସାଲ ପେନସନ ଯୋଜନା (ୟୁପିଏସ୍) ଆରମ୍ଭ କରାଯାଇଥିଲା। ନିକଟରେ ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆରଡିଏ) ୟୁପିଏସ୍ କାର୍ଯ୍ୟକାରୀ କରିବା ପାଇଁ ନୂତନ ନିୟମ ଜାରି କରିଛି। ପିଏଫ୍‌ଆରଡିଏ ଦ୍ୱାରା ପରିବର୍ତ୍ତିତ ନିୟମଗୁଡ଼ିକ ୧ ଏପ୍ରିଲ, ୨୦୨୫ ରୁ ଲାଗୁ ହେବ। କେବଳ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଉପରେ ୟୁପିଏସ୍ ଲାଗୁ କରିବା ପାଇଁ ନିୟମ ପରିବର୍ତ୍ତନ କରାଯାଇଛି। ୟୁପିଏସ୍ ସହ ଜଡିତ ନିୟମରେ କ'ଣ ନୂଆ ପରିବର୍ତ୍ତନ ଦେଖାଯାଇଛି ଆସନ୍ତୁ ଜାଣିବା ?

ନାମାଙ୍କନ ସମ୍ପର୍କିତ ନୂତନ ନିୟମ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ଏବଂ ତିନୋଟି ଭିନ୍ନ ବର୍ଗ ଅଧୀନରେ କେନ୍ଦ୍ର ସରକାରୀ କର୍ମଚାରୀମାନେ ୟୁପିଏସ୍ ପାଇଁ ନାମାଙ୍କନ କରିପାରିବେ। ଏହି ତିନୋଟି ବର୍ଗ ତଳେ ବର୍ଣ୍ଣନା କରାଯାଇଛି।

ବର୍ତ୍ତମାନର କର୍ମଚାରୀ: ଯେଉଁ କେନ୍ଦ୍ର ସରକାରୀ କର୍ମଚାରୀମାନେ ୧ ଏପ୍ରିଲ, ୨୦୨୫ ସୁଦ୍ଧା ନୂତନ ପେନସନ ବ୍ୟବସ୍ଥା (ଏନ୍‌ପିଏସ୍) ଅଧୀନରେ ଅନ୍ତର୍ଭୁକ୍ତ, ସେମାନେ ୟୁନିଭର୍ସାଲ ପେନସନ ବ୍ୟବସ୍ଥାରେ ପଞ୍ଜିକରଣ କରିପାରିବେ। ଯେଉଁ ସମସ୍ତ କର୍ମଚାରୀମାନେ ୧ ଏପ୍ରିଲ, ୨୦୨୫ ରେ କିମ୍ବା ତା'ପରେ କେନ୍ଦ୍ର ସରକାରଙ୍କ ସେବାରେ ଯୋଗଦେବେ, ସେମାନେ ମଧ୍ୟ ୟୁପିଏସ୍ ପାଇଁ ନାମ ଲେଖାଇପାରିବେ।

# ହିଂସା ମାମଲାରେ ସମ୍ଭଲ ଜାମା ମସଜିଦ ମୁଖ୍ୟ ଗିରଫ



ସମ୍ଭଲ,୨୩।୩ଃ ୟୁପିର ସମ୍ଭଲ ହିଂସା ମାମଲାରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଗିରଫଦାରୀ ହୋଇଛି। ଜାମା ମସଜିଦର ମୁଖ୍ୟ ଜାଫର ଅଲ୍ଲୀଙ୍କୁ ଗିରଫ କରାଯାଇଛି। ସମ୍ଭଲ ପୁଲିସର ସୂଚନା ଅନୁଯାୟୀ, ୨୪ ନଭେମ୍ବର ୨୦୨୪ରେ ଘଟିଥିବା ହିଂସା ଘଟଣାରେ ଜଫର ଅଲିଙ୍କୁ ଗିରଫ କରାଯାଇଛି। ପଚରାଉଚରା ପରେ ଗିରଫ କରାଯାଇଥିଲା। ଜାଫରଙ୍କୁ ଖୁବ୍‌ଶୀଘ୍ର ଚନ୍ଦୌସି କୋର୍ଟରେ ହାଜର କରାଯିବ। ଆଜି ରବିବାର ଅପରାହ୍ନରେ ପୁଲିସ ସଦର ଜାଫର ଅଲିଙ୍କୁ ହେପାଜତକୁ ନେଇଛି। ତାଙ୍କୁ ତାଙ୍କ ଘରୁ ଉଠାଇ ନିଆଯାଇ ସମ୍ଭଲ ପୁଲିସ ଷ୍ଟେସନକୁ ନିଆଯାଇଥିଲା। ଯେଉଁଠାରେ ତାଙ୍କୁ ଗତବର୍ଷ ନଭେମ୍ବର ୨୪ ତାରିଖରେ ଘଟିଥିବା ହିଂସା ସମ୍ପର୍କରେ ଏସଆଇଟି ପଚରାଉଚରା କରିଥିଲା। ଜାଫର ଅଲ୍ଲୀ ଶାହି ଜାମା ମସଜିଦ କମିଟିର ଆଡଭୋକେଟ୍ । ନଭେମ୍ବର ୨୪ ତାରିଖରେ ଘଟିଥିବା ହିଂସାକାଣ୍ଡ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ଏହି ହିଂସାରେ ଚାରି ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ସହରରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ, ଥାନାରେ ପିଏସି ଏବଂ ଆରଏଫ ସମେତ ଏକ ବିଶାଳ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହା ପରେ ଏକ ପତାକା ମାର୍ଚ୍ଚ ମଧ୍ୟ କରାଯାଇଥିଲା।

# ଓଟିଟି ପ୍ଲାଟ୍‌ଫର୍ମରେ ଅଶ୍ଳୀଳ ବିଷୟବସ୍ତୁ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି





**ନୂଆଦିଲ୍ଲୀ,୨୩।୩:** ଓଟିଟି ପ୍ଲାଟଫର୍ମରେ କାର୍ଯ୍ୟକ୍ରମର ନାମ ପରିବର୍ତ୍ତନ କରି କିମ୍ବା ଏଆଇ ବ୍ୟବହାର କରି ଅଶ୍ଳୀଳ କଣ୍ଟେଣ୍ଟ ଶେୟାର ନ କରିବାକୁ ପଦକ୍ଷେପ ନେବା ପାଇଁ ଏକ ସଂସଦୀୟ ପ୍ୟାନେଲ ଦାବି କରିଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଗଠିତ ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଉପରେ ସଂସଦୀୟ ସ୍ଥାୟୀ କମିଟି ମଧ୍ୟ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟକୁ ବାରମ୍ବାର ଅପରାଧୀଙ୍କ ନିମନ୍ତେ ଦଣ୍ଡ ପ୍ରଦାନ କରିବା ପାଇଁ ଆଇନ ପ୍ରସ୍ତୁତ କରିବାକୁ ଚାହୁଁଥିଲା। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପାଇଁ ଅନୁଦାନ ଦାବିର ରିପୋର୍ଟରେ, କମିଟି କହିଛି ଯେ, ଗତ ବର୍ଷ ମାର୍ଚ୍ଚ ମାସରେ ଅଶ୍ଳୀଳ ଏବଂ କେତେକ ସମୟରେ ଅଶ୍ଳୀଳ କଣ୍ଟେଣ୍ଟ ବା ବିଷୟବସ୍ତୁ ପ୍ରକାଶ କରୁଥିବା ୧୮ଟି ଓଟିଟି ପ୍ଲାଟଫର୍ମକୁ ଅବରୋଧ କରିବା ସମ୍ପର୍କରେ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପ୍ୟାନେଲକୁ କହିଛି ଯେ, ଏହି ପ୍ଲାଟଫର୍ମଗୁଡ଼ିକ ସହିତ ଜଡ଼ିତ ୧୯ଟି ୱେବ୍ ସାଇଟ, ୧୦ଟି ଆପ୍ (ଗୁଗ୍ ପ୍ଲେରେ ସାତଟି ଏବଂ ଆପଲ ଆପ ଷ୍ଟୋରରେ ୩ଟି) ଏବଂ ୫୭ଟି ସୋସିଆଲ ମିଡିଆ ଆକାଉଣ୍ଟକୁ ଅଚଳ କରାଯାଇଥିଲା। ଏହା ଉପରେ ଆହୁରି ଅଧିକ କଠୋର ଆଇନ ଆବଶ୍ୟକ ବୋଲି ସଂସଦୀୟ ପ୍ୟାନେଲ ଦାବି କରିଛି। ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥି ମାର୍ଗଦର୍ଶିକା ଏବଂ ଡିଜିଟାଲ ମିଡିଆ ନୀତିଶାସ୍ତ୍ର କୋଡ) ନିୟମ, ୨୦୨୧ର ପାର୍ଟ -୩ ଅନୁଯାୟୀ, 'ଏ' ମୂଲ୍ୟାଙ୍କିତ ବିଷୟବସ୍ତୁ ବଣ୍ଟନ କରୁଥିବା ଓଟିଟି ପ୍ଲାଟଫର୍ମଗୁଡ଼ିକ ପିଲାମାନଙ୍କୁ ପ୍ରତିବନ୍ଧିତ ବିଷୟବସ୍ତୁ ଦେଖିବାରୁ ରୋକିବା ପାଇଁ ପ୍ରବେଶ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ପଡ଼ିବ।

# ଘର ଆଗରେ ଗାଡ଼ି ଧୋଇଲେ ହେବ ଜରିମାନା

ଯମୁନା ନଦୀକୁ ସଫା କରିବା ନେଇ ଦିଲ୍ଲୀ ସରକାର ଏବେ ଆକ୍ସନ ମୋଡରେ। ଏହି ମାମଲାରେ ଦିଲ୍ଲୀ ସରକାର ଏହା ଉପରେ ଏକ ବଡ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ଏଥର ଆପଣ ନିଜ ଘର ସାମନାରେ ସାମ୍ପୁ ଏବଂ ଡିଟରଜେଣ୍ଟରେ ଗାଡି ସଫା କରିପାରିବେ ନାହିଁ । ଏଥିପାଇଁ ଆପଣଙ୍କୁ ଜୋରିମାନା ଦେବାକୁ ପଡିବ । ଗାଡ଼ି ଧୋଇବା ପାଇଁ ଆପଣଙ୍କୁ ଯିବାକୁ ହେବ ସେଣ୍ଟର । ଦିଲ୍ଲୀର ଜଳ ମନ୍ତ୍ରୀ ପ୍ରବେଶ ବର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି କି, ଏଥର ଯଥା ସମ୍ଭବ ଯମୁନା ନଦୀକୁ ସଫା କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ । ଯାହା ଫଳରେ ଯମୁନା ନଦୀ ସଫା ହୋଇଯିବ । କାର ସଫା କରିବା ପ୍ରତିବନ୍ଧକ ହେବା ଦିଲ୍ଲୀବାସୀଙ୍କ ପାଇଁ ଏହା ଏକ ସମସ୍ୱା ହୋଇପାରେ। ଏହାକୁ ଦୂର କରିବା ପାଇଁ ସରକାର ଜର୍ମାନୀ ପରି ଦିଲ୍ଲୀର କିଛି ସ୍ଥାନରେ ସ୍ୱିଇଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ( ଏସ.ଟି.ପି )ରେ କାର ଓ ବସ ସେଣ୍ଟର ଖୋଲାଯିବ। ଯେଉଁଠାରେ ଆପଣ ୧୦୦ ରୁ ୧୫୦ ଟଙ୍କା ଖର୍ଚ୍ଚ କରି ନିଜ ଗାଡିକୁ ଧୋଇ ପାରିବେ । ସେଠାରେ ଏସଟିପି ପ୍ଲାଣ୍ଟ ଖୋଲାଯିବ । ଯାହା ଫଳରେ ଆପଣ ସେଠି କାର ଓ ବସ ସଫା କରିପାରିବେ ।

## ସିବଲଙ୍କ ବିବାଦୀୟ ବୟାନ!

# ଇସିଙ୍କୁ ବିଶ୍ୱାସ କରୁନାହାନ୍ତି ଲୋକେ



**ନୂଆଦିଲ୍ଲୀ,୨୩।୩:** ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ମଧରେ, ବରିଷ୍ଠ ଆଇନଜୀବୀ ଏବଂ ରାଜ୍ୟସଭା ସାଂସଦ କପିଲ ସିବଲ କହିଛନ୍ତି ଯେ, ଏହି ରାଜନୈତିକ ମେଣ୍ଟ ପାଇଁ ଏକ ଆନୁଷ୍ଠାନିକ ଗଠନ ଆବଶ୍ୟକ। ଏହି ସମୟରେ, ନିର୍ବାଚନ କମିସନ ଉପରେ ପ୍ରଶ୍ନ ଉଠାଇ କପିଲ ସିବଲ ବିବାଦୀୟ ମନ୍ତବ୍ୟ ଦେଇ କହିଛନ୍ତି ଯେ, ଏହା ଏକ 'ନିଷ୍କ୍ରିୟ', 'ବିଫଳ ସଂସ୍ଥା' ଏବଂ ଲୋକଙ୍କର ଏକ ବଡ଼ ଅଂଶ ଏହା ଉପରେ ବିଶ୍ୱାସ କରୁ ନାହାନ୍ତି। ନିର୍ବାଚନ କମିସନଙ୍କ ପ୍ରତି ଅନାସ୍ଥାର ପ୍ରସଙ୍ଗ ଯେତେ ଶୀଘ୍ର ସମାଧାନ ହେବ, ଗଣତନ୍ତ୍ର ବଞ୍ଚି ରହିବାର ସମ୍ଭାବନା ସେତେ ଅଧିକ ହେବ।

କପିଲ ସିବଲ କହିଛନ୍ତି ଯେ, ବିରୋଧୀ ମେଣ୍ଟ ଇଣ୍ଡିଆରେ ସାମିଲ ଦଳଗୁଡ଼ିକର ଭବିଷ୍ୟତ ପାଇଁ ଏକ ମିଳିତ ନୀତି, ଆଦର୍ଶଗତ ଢାଞ୍ଚା ଏବଂ କାର୍ଯ୍ୟକ୍ରମର ଆବଶ୍ୟକତା ଅଛି। ଭାରତ 'ବିଚ୍ଛିନ୍ନ' ନୁହେଁ, ବରଂ 'ଏକତ୍ରିତ' ଦେଖାଯିବା ଉଚିତ୍। ସିବଲ ପିଟିଆଇକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, ନିର୍ବାଚନ କମିସନଙ୍କ ପ୍ରତି ଅନାସ୍ଥା ପ୍ରସଙ୍ଗ ଯେତେ ଶୀଘ୍ର ସମାଧାନ ହେବ, ଗଣତନ୍ତ୍ର ରକ୍ଷା ହେବାର ସମ୍ଭାବନା ସେତେ ବଢ଼ିବ। କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ଦ୍ୱାରା ଲଗାଯାଇଥିବା ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ ବିଷୟରେ ପଚରାଯିବାରୁ ସେ କହିଥିଲେ, ନିର୍ବାଚନ କମିସନ ଏକ ନିଷ୍କ୍ରିୟ ସଂସ୍ଥା।' ସମ୍ବିଧାନ ଅନୁଯାୟୀ ନିର୍ବାଚନ କମିସନଙ୍କଠାରୁ ଆଶା କରାଯାଉଥିବା ଦାୟିତ୍ୱ ଅନୁଯାୟୀ ନିର୍ବାଚନ କମିସନ ତାଙ୍କର କର୍ତ୍ତବ୍ୟ ପାଳନ କରିନାହାନ୍ତି।

ନିର୍ବାଚନ କମିସନ ଆଜି ଏକ 'ବିଫଳ ସଂସ୍ଥା' ଏବଂ ଏହି ଦେଶର ଏକ ବଡ଼ ବର୍ଗର ଲୋକଙ୍କର ଏହା ଉପରେ କୌଣସି ଭରସା ନାହିଁ। ତେଣୁ, ଆମେ ଯେତେ ଶୀଘ୍ର ଏହି ସମସ୍ୟାର ସମାଧାନ କରିବୁ, ଗଣତନ୍ତ୍ର ବଞ୍ଚିବାର ସମ୍ଭାବନା ସେତେ ଅଧିକ ହେବ।' ସେ କହିଛନ୍ତି, ବିରୋଧୀ ଦଳକୁ ବାର୍ତ୍ତା ହେଉଛି ଯେ, ଇଭିଏମ୍ ବ୍ୟତୀତ, କିଛି ଗମ୍ଭୀର ସମସ୍ୟା ଅଛି ଯାହା ପ୍ରକୃତରେ ଦର୍ଶାଉଛି ଯେ, ନିର୍ବାଚନ ପ୍ରକ୍ରିୟାରେ ଦୁର୍ନୀତି ଅଛି।

ସିବଲ ଦାବି କରିଛନ୍ତି, ଯେଉଁ ଫଳାଫଳ ଆସିଛି ତାହା ଅନେକ ସ୍ତରରେ ହେରଫେରର ଫଳାଫଳ ହୋଇପାରେ। ପୂର୍ବତନ କଂଗ୍ରେସ ନେତା କହିଥିଲେ, ଆମକୁ ଏହି ସମସ୍ୟାର ସମାଧାନ ଏକାଠି କରିବାକୁ ପଡିବ। କଂଗ୍ରେସ ଏବଂ 'ଇଣ୍ଡିଆ' (ଇଣ୍ଡିଆନ୍ ନ୍ୟାସନାଲ୍ ଡେଭଲପମେଣ୍ଟାଲ୍ ଇନକ୍ଲୁସିଭ୍ ଆଲାଏନ୍ସ) ମେଣ୍ଟର ଅନ୍ୟାନ୍ୟ ଦଳଗୁଡ଼ିକ ଭୋଟ୍ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ କରିଆସୁଛନ୍ତି।

## ହ୍ୱିଲସେଟ୍‌ର ଅଭାବ

# ସମାଧାନ ପାଇଁ ଚୀନରୁ ଆମଦାନୀ ହେଲା ଚକା



ନୂଆଦିଲ୍ଲୀ,୨୩।୩: ହ୍ୱିଲସେଟ୍‌ର ଅଭାବର ସମ୍ମୁଖୀନ ହେବା ପରେ ଭାରତୀୟ ରେଳବାଇ ଚାଇନରୁ ଚକ ତିଆରି ଉପାଦାନ ଆମଦାନୀ କରିବାକୁ ବାଧ୍ୟ ହୋଇଛନ୍ତି। ବେଙ୍ଗାଲୁରୁର ରେଳ ଚକ କାରଖାନା, ଯାହା ସାଧାରଣତଃ ଏସବୁର ଯୋଗାଣ କରେ, ଏକ୍ସେଲ ଅଭାବରୁ ଉତ୍ପାଦନ ବନ୍ଦ ହେବାର ସମ୍ମୁଖୀନ ହୋଇଛି। ଫଳରେ ଏହା ୱାଗନ ନିର୍ମାତାମାନଙ୍କୁ ରେଳବାଇ ଅର୍ଡର ପୂରଣ କରିବା ପାଇଁ ବିକଳ୍ପ ଖୋଜିବାକୁ ବାଧ୍ୟ ହୋଇଛି। ସମସ୍ୟାର ସମାଧାନ ପାଇଁ, ରେଳବାଇ ଚୀନରୁ ୬୦,୦୦୦ ରୁ ୭୦,୦୦୦ ଆକ୍ସେଲ ଆମଦାନୀ କରୁଛି, ଯାହାର ଅର୍ଡର ପୂର୍ବରୁ ଦିଆଯାଇଛି। ସୂଚନା ଅନୁସାରେ ଡିମାଣ୍ଡ ବହୁତ ରହିଛି। ଏଥିପାଇଁ ରେଳବାଇ ୱାଗନ ନିର୍ମାତାମାନଙ୍କ ପାଇଁ ଏକ ସ୍ୱାପ୍ ଡିଲ୍ ସ୍ଥାପନ କରିଛି। ୱାଗନ ନିର୍ମାତାମାନେ ବ୍ୟକ୍ତିଗତ ଅର୍ଡର ପାଇଁ ଚାଇନରୁ ଚକ ଆମଦାନୀ କରିପାରିବେ, କିନ୍ତୁ ସାର୍ବଜନୀନ ରେଳ ପ୍ରକଳ୍ପରେ ବିଳମ୍ବକୁ ଏଡାଇବା ପାଇଁ ସେମାନଙ୍କୁ ସମସ୍ତ ଭାରତୀୟ ନିର୍ମିତ ଚକ ରେଳବାଇକୁ ଦେବାକୁ ପଡିବ। ଯେକୌଣସି ଆମଦାନୀ ହୋଇଥିବା ଚକ ସେଟ୍ ଅସ୍ଥାୟୀ ଭାବରେ ବ୍ୟବହାର କରାଯିବ, ଏବଂ ପରେ ଭାରତ ନିର୍ମିତ ପ୍ରସ୍ତାବ ସହିତ ବଦଳାଯିବ।

# ପାକିସ୍ତାନୀ ପାଇବେ ମସ୍କଙ୍କ ଷ୍ଟାରଲିଙ୍କ୍ ସେବାର ଲାଭ



ନୂଆଦିଲ୍ଲୀ, ୨୩।୩ଃ ପାକିସ୍ତାନରେ ମଧ ଲୋକମାନେ ସାଟେଲାଇଟ ନେଟୱାର୍କ ବ୍ୟବହାର କରିପାରିବେ। ଏନେଇ ବଡ଼ ନିଷ୍ପତ୍ତି ନେଇପାରନ୍ତି ଏଲନ ମସ୍କ। ଏଲନ ମସ୍କଙ୍କ ଷ୍ଟାରଲିଙ୍କ ସେବା ପଡୋଶୀ ପାକିସ୍ତାନରେ ଆରମ୍ଭ ହୋଇପାରେ। ପାକିସ୍ତାନ ସରକାର ମସ୍କଙ୍କ କମ୍ପାନୀକୁ ଅସ୍ଥାୟୀ ଏନଓସି ଦେଇଛନ୍ତି ଯାହା ସାଟେଲାଇଟ ଇଣ୍ଟରନେଟ ପ୍ରଦାନ କରେ। ପାକିସ୍ତାନର ଆଇଟି ମନ୍ତ୍ରୀ ଶାଜା ଫାତିମାଙ୍କ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ନିର୍ଦ୍ଦେଶରେ ଷ୍ଟାରଲିଙ୍କକୁ ଅସ୍ଥାୟୀ ପଞ୍ଜିକରଣ ଦିଆଯାଇଛି। ଏହି ପଦକ୍ଷେପ ପାକିସ୍ତାନରେ ସାଟେଲାଇଟ ନେଟୱାର୍କର ପ୍ରବେଶ ପାଇଁ ଦ୍ୱାର ଖୋଲି ଦେଇଛି।

ଫାତିମାଙ୍କ ଅନୁଯାୟୀ, ସମସ୍ତ ସୁରକ୍ଷା ଏବଂ ନିୟାମକ ଏଜେନ୍ସିର ଅନୁମୋଦନ ପରେ ସରକାର ଷ୍ଟାରଲିଙ୍କକୁ ଅସ୍ଥାୟୀ ଏନଓସି ଦେଇଛନ୍ତି। ପାକିସ୍ତାନରେ ଆନୁଷ୍ଠାନିକ ଭାବରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ ହେବ। ଏହା ପଡ଼ୋଶୀ ଦେଶରେ ଇଣ୍ଟରନେଟ ସେବା ଏବଂ ଆଇଟି ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ପ୍ରମାଣିତ ହୋଇପାରେ। ମସ୍କ ଗତ ବର୍ଷ ପାକିସ୍ତାନରେ ତାଙ୍କର ସେବା ଆରମ୍ଭ କରିବା ପାଇଁ ଆବେଦନ କରିଥିଲେ। ଏହା ଦୀର୍ଘ ସମୟ ଧରି ଅନୁମୋଦନ ପାଇଁ ଅପେକ୍ଷା କରିଥିଲା।

ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଷ୍ଟାରଲିଙ୍କ ପ୍ଲାନର ସମ୍ଭାବ୍ୟ ମୂଲ୍ୟ (ଘରୋଇ) ପ୍ରତି ମାସରେ ପ୍ରାୟ ୬୮୦୦-୨୮ ହଜାର ପାକିସ୍ତାନୀ ଟଙ୍କା ହୋଇପାରେ। ଏହି ଯୋଜନାରେ ଉପଭୋକ୍ତାମାନେ ୫୦-୨୫୦ ଏମ୍‌ବିପିଏସ୍ ସ୍ପିଡ ପାଇପାରିବେ। ଏହା ବ୍ୟତୀତ, ଷ୍ଟାରଲିଙ୍କ ସେବା ପାଇବା ପାଇଁ ହାର୍ଡୱେୟାର ମୂଲ୍ୟ ୯୭000ପାକିସ୍ତାନୀ ଟଙ୍କା (ଭାରତରେ ପ୍ରାୟ 30,000 ଟଙ୍କା) ହୋଇପାରେ।


ପାକିସ୍ତାନରେ ବାଣିଜିକ ବ୍ୟବହାର ପାଇଁ ଷ୍ଟାରଲିଙ୍କ ସେବା ମହଙ୍ଗା ହୋଇପାରେ। ୧୦୦-୫୦୦ Mbps ସ୍ପିଡ ପାଇଁ, ମାସିକ ଖର୍ଚ୍ଚ ପ୍ରାୟ ୮୦,୦୦୦-୯୫,୦୦୦ ପାକିସ୍ତାନୀ ଟଙ୍କା ହୋଇପାରେ। ବାଣିଜ୍ୟିକ ବ୍ୟବହାରକାରୀଙ୍କ ପାଇଁ ସଂସ୍ଥାପନ ଖର୍ଚ୍ଚ ମଧ୍ୟ ଅଧିକ ହେବ। ବାଣିଜ୍ୟିକ ବ୍ୟବହାରକାରୀମାନଙ୍କୁ ସଂସ୍ଥାପନ ପାଇଁ ପ୍ରାୟ ୨.୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ। ତଥାପି, ମୂଲ୍ୟ ସମ୍ପର୍କରେ କମ୍ପାନୀ ପକ୍ଷରୁ କୌଣସି ଆନୁଷ୍ଠାନିକ ବିବରଣୀ ପ୍ରକାଶ କରାଯାଇ ନାହିଁ। ଯଦି ପାକିସ୍ତାନରେ ସାଟେଲାଇଟ ନେଟୱାର୍କ ଆରମ୍ଭ ହୁଏ, ତେବେ ସେଠାକାର ଲୋକମାନେ ବହୁତ ଉପକୃତ ହେବେ।

# ଭାରତୀୟ ବଂଶୋଦ୍ଭବ ଓ ତାଙ୍କ ଝିଅଙ୍କୁ ଗୁଳିକରି ହତ୍ୟା



ଭର୍ଜିନିଆ,୨୩।୩ଃ ଆମେରିକାରେ ପୁଣି ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳିକରି ହତ୍ୟା। ଏକ ଦୋକାନରେ ୫୬ ବର୍ଷୀୟ ପ୍ରଦୀପ କୁମାର ପଟେଲ ଏବଂ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଛି। ଘଟଣାକୁ ନେଇ ଭର୍ଜିନିଆରେ ରହୁଥିବା ଭାରତୀୟ ସମ୍ପ୍ରଦାୟରେ ଶୋକର ଛାୟା ଖେଳିଯାଇଛି। ତେବେ ପିଟିଆଇ ଅନୁଯାୟୀ, ଘଟଣା ସମୟରେ ଭର୍ଜିନିଆର ଆକୋମାକ କାଉଣ୍ଟିରେ ଲ୍ୟାକ୍‌ଫୋର୍ଡ ହାଇଓ୍ୱେରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଦୋକାନରେ ଉଭୟ କାମ କରୁଥିଲେ। କାଉଣ୍ଟି ସେରିଫଙ୍କ କାର୍ଯ୍ୟାଳୟକୁ ଗୁଳିକାଣ୍ଡ ନେଇ ମାର୍ଚ୍ଚ ୨୦ ସକାଳ ପ୍ରାୟ ୫.୩୦ରେ ଏକ ଫୋନ୍ ଆସିଥିଲା। ସେମାନେ ସେଠାରେ ପହଞ୍ଚିବା ପରେ ପଟେଲଙ୍କୁ ଗୁଳି କରାଯାଇଥିବା ଦେଖିଥିଲେ। ପରେ ତାଙ୍କ ଝିଅ ମଧ୍ୟ ଗୁଳିକାଣ୍ଡରେ ମୃତ ହୋଇଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରେ ପଟେଲଙ୍କୁ ମୃତ ଘୋଷଣା କରାଯାଇଥିଲା। କିନ୍ତୁ ଝିଅଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଗୁରୁତର ଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ପୋଲିସ କହିଥିଲା ଯେ, ସେମାନେ ଗୁଳିକାଣ୍ଡ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ଓନାନକ୍କର ୪୪ ବର୍ଷୀୟ ବ୍ୟକ୍ତି ଜର୍ଜ ଫ୍ରାଜିଅର ଡେଭନ୍ ହ୍ୱାଇଟ୍ ନାମକ ବ୍ୟକ୍ତିଙ୍କୁ ଜାମିନ ବିନା ହେପାଜତରେ ରଖାଯାଇଥିଲା।

# ଟ୍ରମ୍ପଙ୍କ ମତିଗତି ବୁଝିଗଲେ ଚୀନ୍ ପ୍ରଧାନମନ୍ତ୍ରୀ



**ବେଜିଂ,୨୩।୩:** ରବିବାର ଚାଇନା ପ୍ରଧାନମନ୍ତ୍ରୀ ଲି କ୍ୱିଆଙ୍ଗ ଆମେରିକୀୟ ସିନେଟର ଷ୍ଟିଭ୍ ଡାଇନ୍ସଙ୍କୁ ଭେଟିଥିଲେ। ବୈଠକରେ ଲି କହିଥିଲେ ଯେ, ବେଜିଂ ଏବଂ ଓ୍ୱାଶିଂଟନ ବାଣିଜ୍ୟ ଶୁଳ୍କ ଏବଂ ଅବୈଧ ଫେଣ୍ଟାନିଲ ବାଣିଜ୍ୟକୁ ମୁକାବିଲା କରିବା ପାଇଁ ପ୍ରୟାସକୁ ନେଇ ମୁହାଁମୁହିଁ ହୋଇଥିବାରୁ ମୁକାବିଲା ପରିବର୍ତ୍ତେ ଆଲୋଚନା ବାଛିବା ଉଚିତ୍। ଏପି ରିପୋର୍ଟ ଅନୁସାରେ, ଜାନୁଆରୀରେ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଷ୍ଟିଭ ଡାଇନ୍ସ ହେଉଛନ୍ତି ବେଜିଂ ଗସ୍ତରେ ଯାଉଥିବା କଂଗ୍ରେସର ପ୍ରଥମ ସଦସ୍ୟ। ବୈଠକରେ ଲି'ଙ୍କ ସହ ଅନେକ ଆମେରିକୀୟ ବ୍ୟବସାୟ ନେତା ଯୋଗ ଦେଇଥିଲେ, ଯେଉଁଥିରେ ଫେଡେକ୍ସ କର୍ପ ସିଇଓ ରାଜ ସୁବ୍ରମଣ୍ୟମ, ବୋଇଂ କୋ ବରିଷ୍ଠ ଉପାଧ୍ୟକ୍ଷ ବ୍ରାଣ୍ଡନ ନେଲସନ, କ୍ୱାଲକମ ସିଇଓ କ୍ରିଷ୍ଟିଆନୋ ଆମନ ଏବଂ ଫାଇଜର ସିଇଓ ଆଲବର୍ଟ ବର୍ଲା ସାମିଲ ଥିଲେ। ଲି କ୍ୱିଆଙ୍ଗ କହିଛନ୍ତି, ଦେଶଗୁଡ଼ିକ ମଧରେ ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି ଏବଂ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ଜାନୁଆରୀରେ ଟ୍ରମ୍ପଙ୍କ ସହ ଏକ କଲ୍‌ରେ କହିଥିଲେ ଯେ ଦୁଇ ଦେଶ ପରସ୍ପରର ସଫଳତାରେ ଯୋଗଦାନ ଦେଇପାରୁଥିବା ଅଂଶୀଦାର ଏବଂ ବନ୍ଧୁ ହୋଇପାରିବେ। ସେ କହିଥିଲେ, 'ଇତିହାସ ଆମକୁ କହେ ଯେ, ଚାଇନା ଏବଂ ଆମେରିକା ଉଭୟ ସହଯୋଗରୁ ଲାଭ ପାଇବେ ଏବଂ ମୁକାବିଲାରୁ କ୍ଷତି ସହିବେ। ଆମର ଦୁଇ ପକ୍ଷକୁ ମୁକାବିଲା ବଦଳରେ ଆଲୋଚନା, ଶୂନ୍ୟ-ସଂଯୋଗ ପ୍ରତିଯୋଗିତା ବଦଳରେ ବିଜୟ-ଜିତ୍ ସହଯୋଗ ବାଛିବାକୁ ପଡ଼ିବ।

## ବିଶ୍ୱରେ ପ୍ରଥମ

# ବିନା ସିମେଣ୍ଟରେ ବିଳାସପୂର୍ଣ୍ଣ ମହଲ

ବେଙ୍ଗାଲୁରୁ, ୨୩।୩ଃ ସାଧାରଣତଃ ଘର, ବଙ୍ଗଳା ଆଦି ନିର୍ମାଣ କରିବାକୁ ହେଲେ ଇଟା, ପଥର, ବାଲି, ଲୁହା ରଡ୍ ଏବଂ ସିମେଣ୍ଟ ଆଦି ଆଭଶ୍ୟକ ପଡ଼ିଥାଏ । ଘରକୁ ସୁଦୃଢ଼ କରିବାକୁ ହେଲେ ସିମେଣ୍ଟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ, ବିନା ସିମେଣ୍ଟର ବ୍ୟବହାରରେ ନିର୍ମାଣ ହୋଇଥିବା ଆଲିସାନ୍ ବଙ୍ଗଳା ଦେଖିଛନ୍ତି କି ? ଏଭଳି ଘର ରହିଛି ବେଙ୍ଗାଲୁରରେ। ଆମେ ଆପଣଙ୍କୁ ବିଶ୍ୱର ପ୍ରଥମ ବିନା ସିମେଣ୍ଟରେ ତିଆରି ଘର ବିଷୟରେ କହିବାକୁ ଯାଉଛୁ । ଏହି ଘର ଦେଖି ବଲିଉଡ୍ ଅଭିନେତା ପରେଶ ରାୱଲ ମଧ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଅଭିନେତା ତାଙ୍କ ପୂର୍ବତନ 'ଏକ୍ସ' ହ୍ୟାଣ୍ଡେଲରେ ନେହା ଗୁରୁଙ୍ଗ ନାମକ ଜଣେ ଝିଅର ପୋଷ୍ଟ ସେୟାର କରିଛନ୍ତି । ଏହି ପୋଷ୍ଟରେ ସିମେଣ୍ଟ ବିନା ଏକ ବିଳାସପୂର୍ଣ୍ଣ ଘରର ଝଲକ ଦେଖିବାକୁ ମିଳିଛି।

୧୦୦୦ ବର୍ଷ ଯାଏ ରହିବ ଅକ୍ଷୁଣ୍ଣ



ଏହି ଘରଟି ସିମେଣ୍ଟରେ ନୁହେଁ ବରଂ ଗ୍ରାନାଇଟ୍ ପଥରରେ ତିଆରି। ଘରର କିଛି ଆକର୍ଷଣୀୟ କାନ୍ଥ ବାଲିପଥରରେ ତିଆରି । ଏହି ଘର ସିମେଣ୍ଟ ଘରଠାରୁ ଏତେ ମଜବୁତ୍‌ରେ ବିସ୍ଫୋରଣ ଦ୍ୱାରା ବି ପ୍ରଭାବିତ ହେବ ନାହିଁ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ଘର ୧୦୦ କିମ୍ବା ୨୦୦ ବର୍ଷ ନୁହେଁ ବରଂ ହଜାର ହଜାର ବର୍ଷ ଯାଏ ତିଷ୍ଠିବ । ଏହା ବିଶ୍ୱର ଏକମାତ୍ର ଘର, ଯାହାର ନିର୍ମାଣରେ ସିମେଣ୍ଟ ବ୍ୟବହାର ନକରି ଏତେ ବଡ଼ ଘର ତିଆରି ହୋଇଛି । ଏହି ସମ୍ପୂର୍ଣ୍ଣ ଘରଟି ଗ୍ରାନାଇଟ୍ ପଥରରେ ତିଆରି। ଏଥିରେ ସାମାନ୍ୟ ସିମେଣ୍ଟର ବି ବ୍ୟବହାର କରାଯାଇନାହିଁ ।

SANCHAR ସଂଚାର

ଆଇପିଏଲ୍-୧୮: ଈଶାନ୍‌ଙ୍କ ଚମତ୍କାର ଶତକ

# ହାଇଦ୍ରାବାଦ ଓ ଚେନ୍ନାଇର ବିଜୟ ଅଭିଯାନ

**ହାଇଦ୍ରାବାଦ/ଚେନ୍ନାଇ,୨୩।୩ :** ଚଳିତ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣରେ ଆଜି ୨ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ବିଜୟୀ ହୋଇ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ହାଇଦ୍ରାବାଦ ତା'ର ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଈଶାନ୍ କିଶନ୍‌ଙ୍କ ପ୍ରଥମ ଶତକ ସହାୟତାରେ ୪୪ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ସେହିପରି ଚେନ୍ନାଇ ତା'ର ନିଜସ୍ୱ ଗ୍ରାଉଣ୍ଡ୍‌ରେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ଏଥିରେ ମୁମ୍ବାଇ ଇଣ୍ଡିଆନ୍ସକୁ ୪ ୱିକେଟ୍‌ରେ ହରାଇବାରେ ସକ୍ଷମ ହୋଇଛି।



ରାଜସ୍ଥାନ ବିପକ୍ଷରେ କିଶନ୍ ମାତ୍ର ୪୫ଟି ବଲ୍‌ରେ ଶତକ ପୂରଣ କରିଥିଲେ। ସେ ମାତ୍ର ୪୭ ବଲ୍‌ରେ ୧୦୬ ରନ୍‌ରେ ଅପରାଜିତ ରହିବା ସହ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ସ୍କୋର୍‌କୁ ୬ ୱିକେଟ୍‌ରେ ୨୮୬ରେ ପହଞ୍ଚାଇଥିଲେ। ଏହା ଆଇପିଏଲ୍‌ରେ ଦ୍ୱିତୀୟ ତଥା ଦଳର ଦ୍ୱିତୀୟ ସର୍ବାଧିକ ସ୍କୋର୍। ତାଙ୍କର ଏହି ବିସ୍ଫୋରକ ଇନିଂସରେ ୯ଟି ଚୌକା ଓ ୬ଟି ଛକା ରହିଥିଲା। ଏହାଛଡ଼ା ଓପନର ଟ୍ରେଭିସ୍ ହେଡ୍ ୩୧ ବଲ୍‌ରେ ୯ଟି ଚୌକା ଓ ୩ଟି ଛକା ଜରିଆରେ ୬୭ ରନ୍ କରିଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍‌ରେ ୮୫ ରନ୍‌ର ଭାଗୀଦାରୀ ହୋଇଥିଲା। ସେମାନଙ୍କ ବ୍ୟତୀତ ନୀତୀଶ ରେଡ୍ଡୀ ଓ ହେନ୍‌ରିକ୍ କ୍ଲାସେନ୍ ଯଥାକ୍ରମେ ୩୦ ଓ ୩୪ ରନ୍ କରିଥିଲେ। ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ୩ଟି ଓ ମହୀଶ ତିକ୍‌ଶାନା ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୬ ୱିକେଟ୍‌ରେ ୨୪୪ ରନ କରିଥିଲା। ଦଳ ପକ୍ଷରୁ ଧ୍ରୁବ ଜୁରେଲ୍ ମାତ୍ର ୩୫ ବଲ୍‌ରେ ୫ଟି ଚୌକା ଓ ୬ଟି ଛକା ସହ ୭୦ ଏବଂ ସଞ୍ଜୁ ସାମ୍‌ସନ୍ ୭ଟି ଚୌକା ଓ ୪ଟି ଛକା ମାଧ୍ୟମରେ ୬୬ ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଏସ. ସିଂହ ଓ ହର୍ଷଲ୍ ପଟେଲ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। କିଶନ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇଥିବା ମୁମ୍ବାଇ ୯ ୱିକେଟ୍‌ରେ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ତିଲକ ବର୍ମା ସର୍ବାଧିକ ୩୧ ରନ୍ କରିଥିବା ବେଳେ ଦୀପକ ଚହର୍ ୨୮ ରନ୍‌ରେ ଅପରାଜିତ ଥିଲେ। ଚେନ୍ନାଇ ପକ୍ଷରୁ ନୂର୍ ଅହମ୍ମଦ ୪ଟି ଓ ଖଲିଲ୍ ଅହମ୍ମଦ ୩ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୧୯.୧ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୫୮ ରନ୍ କରି ପ୍ରଥମ ପଏଣ୍ଟ୍ ଅର୍ଜନ କରିଛି। ଦଳ ପକ୍ଷରୁ ଓପନର ରାଚିନ୍ ରବୀନ୍ଦ୍ର ଅପରାଜିତ ୬୫ ରନ୍ କରିଥିବା ବେଳେ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ୫୩ ରନ୍‌ର ଯୋଗଦାନ ଦେଇଥିଲେ। ମୁମ୍ବାଇ ପାଇଁ ବିଘ୍ନେଶ ପୁଥୁର୍ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ନୂର୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

## ଜୋଫ୍ରା ଆର୍ଚରଙ୍କ ନାମରେ ଯୋଡ଼ିହେଲା ଲଜ୍ଜାଜନକ ରେକର୍ଡ




**ନୂଆଦିଲ୍ଲୀ,୨୩।୩:** ରାଜସ୍ଥାନ ରୟାଲ୍ସ ବୋଲର ଜୋଫ୍ରା ଆର୍ଚରଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ଯୋଡି ହୋଇଛି। ସେ ଆଇପିଏଲ ଇତିହାସରେ ସବୁଠାରୁ ମହଙ୍ଗା ସ୍ପେଲ ବୋଲିଂ କରିଥିବା ବୋଲର ହୋଇଯାଇଛନ୍ତି। ଆର୍ଚର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ୪ ଓଭରରେ ୭୬ ରନ୍ ଦେଇଥିଲେ।

ଏହି ମାମଲାରେ ସେ ଭାରତୀୟ ବୋଲର ମୋହିତ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି। ଆଇପିଏଲ ୨୦୨୪ରେ ଗୁଜରାଟ ଟାଇଟାନ୍ସ ପାଇଁ ଖେଳୁଥିବା ମୋହିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ୭୩ ରନ୍ ଦେଇଥିଲେ।

ଆର୍ଚରଙ୍କ ପାଇଁ ଏହା ବହୁତ ଖରାପ ଦିନ ଥିଲା। ସେ ଇନିଂସର ୫ମ ଓଭରରେ ତାଙ୍କର ସ୍ପେଲ ଆରମ୍ଭ କରିଥିଲେ। ଘାତକ ବୋଲିଂ ପାଇଁ ପ୍ରସିଦ୍ଧ ଜୋଫ୍ରା ଆର୍ଚର ପ୍ରଥମ ଓଭରରେ ୨୩ ରନ ଦେଇଥିଲେ। ଅଧିନାୟକ ରିୟାନ ପରାଗ ତାଙ୍କୁ ୧୧ତମ ଓଭରରେ ପୁଣିଥରେ ବୋଲିଂକୁ ଆଣିଥିଲେ, ଯେଉଁଥିରେ ସେ ୧୨ ରନ୍ ଦେଇଥିଲେ। ଆର୍ଚର ୨ ଓଭରରେ ୩୫ ରନ୍ ଦେଇଥିଲେ।

ତେବେ ତୃତୀୟ ଓଭର ପକାଇବା ବେଳକୁ ଇଶାନ କିଷାନ ଚମତ୍କାର ସଟ୍ ମାରୁଥିଲେ। ଆର୍ଚର ତାଙ୍କ ସ୍ପେଲର ତୃତୀୟ ଓଭରରେ ମଧ୍ୟ ୨୨ ରନ ଦେଇଥିଲେ। ଅର୍ଥାତ ଆର୍ଚର ମାତ୍ର ୩ ଓଭରରେ ବୋଲିଂରେ ଅର୍ଦ୍ଧଶତକ ହାସଲ କରିଥିଲେ। ଶେଷରେ ସେ ତାଙ୍କ ମନ୍ଥର ଶେଷ ଓଭରରେ ୨୩ ରନ ମଧ୍ୟ ଦେଇଥିଲେ। ଏହିପରି ଆର୍ଚର ତାଙ୍କର ୪ ଓଭର ସ୍ପେଲରେ ୭୬ ରନ ଦେଇଥିଲେ।

## ଏୟାର ଇଣ୍ଡିଆ ସେବାକୁ ୱାର୍ଣ୍ଣରଙ୍କ ସମାଲୋଚନା



**ନୂଆଦିଲ୍ଲୀ,୨୩।୩:** ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡେଭିଡ ୱାର୍ନର ଶନିବାର ଏୟାର ଇଣ୍ଡିଆକୁ ସୋସିଆଲ ମିଡିଆ ଜରିଆରେ ସମାଲୋଚନା କରିଛନ୍ତି। ପାଇଲଟ ନ ଥିବା ବିମାନରେ ଆମକୁ ବସାଇ ଦିଆଯାଇଥିଲା। ଘଣ୍ଟା ଘଣ୍ଟା ଧରି ଆମେ ବିମାନରେ ଅପେକ୍ଷା କରି ରହିଥିଲୁ। ବିମାନ ଉଡାଇବା ପାଇଁ ପାଇଲଟ ନ ଥିବା ଜାଣିବା ପରେ ବି ତୁମେ କାହିଁକି ଯାତ୍ରୀଙ୍କୁ ବିମାନରେ ବସାଇବ ବୋଲି ୱାର୍ନର ଏକ୍ସ'ରେ ପୋଷ୍ଟ କରିଥିଲେ। ଏହାର ଉତ୍ତରରେ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, ପ୍ରତିକୂଳ ପାଣିପାଗ ଯୋଗୁ ଅନେକ ବିମାନର ରୁଟ୍‌ରେ ପରିବର୍ତ୍ତନ କରାଯାଇଥିଲା। ଏହି କାରଣରୁ ସମସ୍ତ ଏୟାରଲାଇନ୍ସରେ ବିଳମ୍ବ ହୋଇଥିଲା। ଫଳରେ ଉଡାଣ ଆରମ୍ଭ କରିବାରେ ବିଳମ୍ବ ହୋଇଥିଲା। ଆପଣଙ୍କ ଧୈର୍ଯ୍ୟକୁ ଆମେ ପ୍ରଶଂସା କରୁଛୁ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ଜବାବ ଦିଆଯାଇଛି।

## ସନ୍ନ୍ୟାସକୁ ନେଇ ଏମ୍‌ଏସ୍ ଧୋନୀଙ୍କ ବଡ଼ ଘୋଷଣା




**ନୂଆଦିଲ୍ଲୀ,୨୩।୩:** ପ୍ରତିବର୍ଷ କ୍ରିକେଟପ୍ରେମୀମାନେ ଆଇପିଏଲ୍‌କୁ ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି। ଏହାର ସବୁଠାରୁ ବଡ଼ କାରଣ ମଧ୍ୟ ହେଉଛନ୍ତି ଏମ୍‌ଏସ୍ ଧୋନୀ। ସେ ୨୦୨୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏବେ ସେ କେବଳ ଆଇପିଏଲ୍‌ରେ ଖେଳୁଥିବାର ନଜର ଆସୁଛନ୍ତି। ଏହା ଆଇପିଏଲ୍‌ରେ ତାଙ୍କର ୧୮ତମ ସିଜିନ। ଧୋନୀ ରବିବାର ଅର୍ଥାତ ୨୩ ମାର୍ଚ୍ଚରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ। ତେବେ ସିଜିନ ଆରମ୍ଭ ହେବା ପୂର୍ବରୁ ଧୋନୀ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିବା ସହିତ ଅବସର ନେଇ ଏକ ବଡ଼ ବୟାନ ଦେଇଛନ୍ତି।

ଆଇପିଏଲରେ ଗତ ୨-୩ ବର୍ଷ ଧରି ଧୋନୀଙ୍କୁ ଶେଷ ଥର ପାଇଁ ଏହି ଲିଗରେ ଖେଳୁଥିବା ଦେଖାଯାଇପାରେ ବୋଲି ଚର୍ଚ୍ଚା ହୋଇ ଆସୁଛି। ଗତ ସିଜିନରେ ମଧ୍ୟ ସମାନ କିଛି ଦେଖିବାକୁ ମିଳିଥିଲା। କିନ୍ତୁ ସେ ସିଜିନ ଶେଷ ସୁଦ୍ଧା ସେହି ରିପୋର୍ଟଗୁଡ଼ିକୁ ଖାରଜ କରିଦେଇଥିଲେ। ସେ ବର୍ତ୍ତମାନ ୪୩ ବର୍ଷ ବୟସର ଏବଂ ଏହି ସିଜନର ସବୁଠାରୁ ବୟସ୍କ ଖେଳାଳି ମଧ୍ୟ। ଏପରି ପରିସ୍ଥିତିରେ ପୁଣିଥରେ ପ୍ରଶ୍ନ ଉଠୁଛି ଯେ ଏହା କ'ଣ ଧୋନିଙ୍କର ଆଇପିଏଲର ଶେଷ ସିଜିନ? ଏବେ ଆରମ୍ଭରୁ ଧୋନି ଏନେଇ ବଡ଼ ଘୋଷଣା କରିଛନ୍ତି।

ଜିଓ ହଟଷ୍ଟାର ସହିତ ଏକ ସାକ୍ଷାତକାରରେ ଏମଏସ ଧୋନି ଅବସର ନେଇ ଏକ ବଡ଼ ବୟାନ ଦେଇଛନ୍ତି। ତାଙ୍କ ବୟାନରୁ, ଏହା ବିଶ୍ୱାସ କରାଯାଉଛି ଯେ ସେ ଭବିଷ୍ୟତରେ ମଧ୍ୟ ଆଇପିଏଲ୍‌ରେ ଖେଳିବା ଜାରି ରଖିବେ। କାରଣ ଧୋନୀ କହିଛନ୍ତି ଯେ ସେ ଯେପର୍ଯ୍ୟନ୍ତ ଚାହିଁବେ ସେପର୍ଯ୍ୟନ୍ତ ସିଏସ୍‌କେ ପାଇଁ ଖେଳିବେ। କାରଣ ଏହା ତାଙ୍କର ନିଜର ଦଳ। ଏମଏସ ଧୋନି କହିଥିଲେ, 'ମୁଁ ଯେପର୍ଯ୍ୟନ୍ତ ଚାହିଁବି ସେପର୍ଯ୍ୟନ୍ତ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିପାରିବି।' ଏହା ମୋର ଫ୍ରାଞ୍ଚାଇଜ। ଯଦିଓ ମୁଁ ହ୍ୱିଲ୍ ଚେୟାରରେ ଥାଏ, ସେବେ ବି ସିଏସ୍‌କେ ମୋତେ ଟାଣି ନେଇ ଆସିବ।

ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ଋତୁରାଜ ଗାୟକୱାଡ ମଧ୍ୟ ଧୋନୀଙ୍କ ଉପରେ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଧୋନୀଙ୍କୁ ଲିଗରେ ଖେଳିବାକୁ ଆହୁରି ଅନେକ ବର୍ଷ ବାକି ଅଛି। ସେ ସଚିନ ତେନ୍ଦୁଲକରଙ୍କ କଥା ଉଠାଇ ଏହା କହିଥିଲେ। ଗାୟକୱାଡ କହିଥିଲେ, 'ଯଦି ତୁମେ ଦେଖୁଛ ସଚିନ ତେନ୍ଦୁଲକର ୫୦ ବର୍ଷ ବୟସରେ ମଧ୍ୟ ବହୁତ ଭଲ ବ୍ୟାଟିଂ କରୁଛନ୍ତି।' ତେଣୁ ଧୋନୀଙ୍କ ପାଇଁ ଆହୁରି ଅନେକ ବର୍ଷ ବାକି ଅଛି।

## ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୨୩।୩ (ସଂଚାର ବ୍ୟୁରୋ) :** ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ଜବରଦସ୍ତ ପ୍ରଦର୍ଶନ କରି ଓଡ଼ିଶା ଆଥଲେଟ୍ ସୁଚିତ୍ରା ପରିଡ଼ା ମହିଳା ଏଫ୍-୫୫ ଜାଭଲିନରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସୁଚିତ୍ରା ୧୮.୫୭ ମିଟର ଦୂରତାକୁ ଜାଭଲିନ୍ ଫିଙ୍ଗି ନିଜ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ସହଜରେ ପଛରେ ପକାଇ ଦେଇଥିଲେ। ତାଙ୍କଠାରୁ ୩ମିଟରରୁ ଅଧିକ ଦୂରତା ପଛକୁ ଜାଭଲିନ୍ ଫିଙ୍ଗି ଉତ୍ତରାଖଣ୍ଡର ଗରିମା ଯୋଶୀ (୧୫.୨୪ ମିଟର) ରୌପ୍ୟ ପଦକ ଜିତିଥିଲେ। ଅନ୍ୟପକ୍ଷରେ ଉତ୍ତରପ୍ରଦେଶର ସାକ୍ଷୀ କିଶାନ (୧୪.୪୧ ମିଟର) କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ସୁଚିତ୍ରାଙ୍କ ସଫଳତା ଓଡ଼ିଶାରେ ପାରା କ୍ରୀଡ଼ା ପ୍ରତି ବଢୁଥିବା ଆଗ୍ରହ ଏବଂ ଜାତୀୟସ୍ତରରେ ଭଲ କରିବା ଲାଗି ଓଡ଼ିଆ ଖେଳାଳିଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଏହି ସଫଳତା ଲାଗି ତାଙ୍କୁ ଓଡ଼ିଶା ପାରା ସ୍ପୋର୍ଟ୍ସ ସଂଘ ଅଭିନନ୍ଦନ ଜଣାଇଛି। ଏହା ପୂର୍ବରୁ ଓଡ଼ିଶାର ଜୟନ୍ତୀ ବେହେରା ଓ ଜାନକୀ ଓରାମ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ମହିଳା ଟି-୪୭ ୧୦୦ ମିଟର ଦୌଡ଼ରେ ଜୟନ୍ତୀ ୧୩.୭୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ମହିଳା ଟି-୧୨ ୧୦୦ ମିଟର ଦୌଡ଼ରେ ଜାନକୀ ୧୪.୭୯ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ।

● ଆଇପିଏଲ୍ ପୁରସ୍କାର ରାଶି ଘୋଷଣା

## ଚାମ୍ପିଅନ୍‌ଙ୍କୁ ୨୦କୋଟି, ରନର୍ସ ଅପ୍‌ଙ୍କୁ ମିଳିବ ୧୨.୫କୋଟି



**କୋଲକାତା, ୨୩।୩:** କୋଲକାତା ନାଇଟ୍ ରାଇଡର୍ସ-ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍ ସହ ବହୁ ପ୍ରତୀକ୍ଷିତ ଆଇପିଏଲ୍‌ର ୧୮ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଗତ ସିଜନ ଭଳି ଏଥର ମଧ୍ୟ ପୁରସ୍କାର ରାଶି ବର୍ଷା ହେବ। ମେଗା ନିଲାମରେ ଅନେକ ଖେଳାଳି ରାତାରାତି କୋଟି ପତି ହୋଇସାରିଛନ୍ତି। ଏବେ ବ୍ୟକ୍ତିଗତ ପ୍ରଦର୍ଶନ ବଳରେ ସେମାନେ ଆଖିଦୃଶିଆ ପୁରସ୍କାର ରାଶି ପାଇବେ। ମିଳିଥିବା ସୂଚନା ମୁତାବକ, ଗତ ବର୍ଷ ଭଳି ଏଥର ମଧ୍ୟ ଚାମ୍ପିଅନ୍ ଦଳକୁ ୨୦ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ରନର୍ସ ଅପ୍ ଦଳକୁ ୧୨.୫କୋଟି ମିଳିବ। ଏହା ବ୍ୟତୀତ ତୃତୀୟ ସ୍ଥାନ ପାଇ ୭କୋଟି, ଚତୁର୍ଥ ସ୍ଥାନ ପାଇଁ ୬.୫କୋଟି ଟଙ୍କାର ପ୍ରଦାନ କରାଯିବ। ଦଳଗତ ପ୍ରଦର୍ଶନ ବ୍ୟତୀତ ବ୍ୟକ୍ତିଗତ ପୁରସ୍କାର ମଧ୍ୟ ମିଳିବ। ସିଜନରେ ସର୍ବାଧିକ ୱିକେଟ୍ ହାସଲକାରୀ (ପର୍ପଲ କ୍ୟାପ୍), ସର୍ବାଧିକ ରନ୍ ହାସଲକାରୀ (ଅରେଞ୍ଜ କ୍ୟାପ୍), ଏମର୍ଜିଂ ପ୍ଲେୟାର ଅଫ୍ ଦ ସିଜନ, ସବୁଠୁ ମୂଲ୍ୟବାନ ଖେଳାଳି, ସର୍ବାଧିକ ଛକା, ସର୍ବାଧିକ ଚୌକା, ଶ୍ରେଷ୍ଠ କ୍ୟାଚ୍ ପାଇଁ ୧୦ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ପିଚ୍ ଏବଂ ଗ୍ରାଉଣ୍ଡ୍ ପୁରସ୍କାର ବାବଦକୁ ୫୦ଲକ୍ଷ ମିଳିବ। ପ୍ରତି ମ୍ୟାଚ୍‌ରେ ମ୍ୟାଚ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ଏବଂ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମଧ୍ୟ ପୁରସ୍କାର ରାଶି ପ୍ରଦାନ କରାଯିବ।

## ମହଙ୍ଗା ପଡ଼ିଲା ବିରାଟ କୋହଲିଙ୍କ ପାଦ ଛୁଇଁବା, ଫ୍ୟାନ୍ ଗିରଫ



**ନୂଆଦିଲ୍ଲୀ,୨୩।୩:** ମହଙ୍ଗା ପଡିଲା ବିରାଟ କୋହଲିଙ୍କ ପାଦ ଛୁଇଁବା। ଆଇପିଏଲ ମ୍ୟାଚ ଚାଲିଥିବା ବେଳେ ସୁରକ୍ଷା ବଳୟ ଭାଙ୍ଗି ବିରାଟଙ୍କ ପାଦ ଛୁଇଁଥିବା ଫ୍ୟାନଙ୍କୁ ଗିରଫ କରିଛି ପୋଲିସ। କୋଲକାତାର ଇଡେନ ଗାର୍ଡେନ ଷ୍ଟାଡିୟମରେ କେକେଆର ଓ ଆରସିବି ମ୍ୟାଚ ଚାଲିଥିବା ବେଳେ ଜଣେ ଫ୍ୟାନ ସୁରକ୍ଷା ବଳୟ ଭାଙ୍ଗି ବିରାଟ କୋହଲିଙ୍କ ପାଦ ଛୁଇଁବାକୁ ଉଦ୍ୟମ କରିଥିଲେ। ଫଳରେ ମ୍ୟାଚ କିଛି ସମୟ ଅଟକି ରହିଥିଲା। ସୁରକ୍ଷା କର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବିରାଟଙ୍କ ଫ୍ୟାନଙ୍କୁ ଷ୍ଟାଡିୟମ ବାହାରକୁ ନେଇଥିଲେ। ପରେ ଖେଳ ପୁଣି ଆରମ୍ଭ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଦିବାସୀ ଛାତ୍ରବାସ...

ପ୍ରତି ସାମାନ୍ୟତମ ଯୌନ ନିର୍ଯାତନା ସମ୍ପର୍କିତ ଅଭିଯୋଗ ଆସିଲେ ସ୍କୁଲ କର୍ତ୍ତୃପକ୍ଷ ଜିରୋ ଟଲରାନ୍ସ ନୀତି ଆପଣେଇବାକୁ ପ୍ରସ୍ତାବ ଦେଇଛି ଷ୍ଟାଣ୍ଡିଂ କମିଟି। ଛାତ୍ରଛାତ୍ରୀଙ୍କ ପ୍ରାଇଭେସିକୁ ସୁନିଶ୍ଚିତ କରିବାକୁ ସବୁ ସ୍କୁଲ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ପାଇଁ ଆଚରଣ ବିଧି ପ୍ରସ୍ତୁତ କରାଯିବ। ଛାତ୍ରଛାତ୍ରୀଙ୍କୁ କିଭଳି ବ୍ୟବହାର ପ୍ରଦର୍ଶନ କରାଯିବ, ସେ ସମ୍ପର୍କରେ ମାର୍ଗଦର୍ଶିକା ଜାରି ହେବା ଆବଶ୍ୟକ। ଛାତ୍ରଛାତ୍ରୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଥିସହ ସବୁ ଆଦିବାସୀ ସ୍କୁଲରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥା କରାଯିବ। ପ୍ରଶାସନିକ ସ୍ୱଚ୍ଛତା ଦୃଷ୍ଟିରୁ ଆଦିବାସୀ ସ୍କୁଲ ଶିକ୍ଷକଙ୍କୁ ୩ ବର୍ଷ ଥରେ ବଦଳି କରାଯିବା ଉଚିତ। ଏଥିପାଇଁ ଏକ ଟ୍ରାନସଫର ପଲିସି ଗଠନ ପାଇଁ ଷ୍ଟାଣ୍ଡିଂ କମିଟି ସରକାରଙ୍କୁ ସୁପାରିସ କରିଛନ୍ତି। ଛାତ୍ରୀନିବାସରେ ସିସିଟିଭି ଲଗାଇବା ସହ ଆଶ୍ରମ ଓ ସେବାଶ୍ରମରେ ଶିକ୍ଷକଙ୍କୁ ରୋଟେସନ ଭିତ୍ତିରେ ହଷ୍ଟେଲ ଦାୟିତ୍ୱ ଦେବାକୁ କମିଟି ପ୍ରସ୍ତାବ ଦେଇଛନ୍ତି। ଛାତ୍ରୀ ନିବାସର ଅନ୍ତେବାସୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକ ସଂଖ୍ୟକ ଏଏନଏମ ନିଯୁକ୍ତ କରାଯିବ। ଏଥିସହିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ପାଇଁ ଆବଶ୍ୟକ କୋଚିଂ ସୁବିଧା ଯୋଗାଇ ଦେବାକୁ କମିଟି ସୁପାରିସ୍ କରିଛି। ରାଜ୍ୟରେ ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ୪୬୩ ସେବାଶ୍ରମ ସ୍କୁଲ, ୭୪୪ଟି ଆଶ୍ରମ ସ୍କୁଲ, ୪୨୯ଟି ହାଇସ୍କୁଲ, ୭୦ଟି ଉଚ୍ଚ ମାଧ୍ୟମିକ ସ୍କୁଲ, ୪୭ଟି ଏକଲବ୍ୟ ମଡେଲ ସ୍କୁଲ ପରିଚାଳିତ ହେଉଛି। ଏହିସବୁ ସ୍କୁଲରେ ୪ ଲକ୍ଷ ୬୩ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପରିଚାଳନାଗତ ତ୍ରୁଟି ହେଉ କିମ୍ବା ଅନ୍ୟ କାରଣକୁ ନେଇ ବିଭିନ୍ନ ସମୟରେ ଆଦିବାସୀ ଛାତ୍ରାବାସ ଓ ଛାତ୍ରୀନିବାସରେ ଅଘଟଣ ଘଟୁଛି। କେଉଁଠି ଛାତ୍ରଙ୍କ ଉପରେ ଅଣଛାତ୍ର ଆକ୍ରମଣ କରୁଛନ୍ତି ତ ଆଉ କେଉଁଠି ଛାତ୍ରୀନିବାସରେ ଛାତ୍ରୀ ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନୁସୂଚିତ ଜାତି ଜନଜାତି ବିଭାଗ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହେବା ସହ ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାରଙ୍କୁ ୨୬ଟି ପ୍ରସ୍ତାବ ଦିଆଯାଇଛି।

### ଶିକ୍ଷକ ପରୀକ୍ଷା...

ଖାତାରେ ପୂର୍ବରୁ ନାହିଁ ବୋଲି କେନ୍ଦ୍ରରେ ପିଲାମାନେ ଅଭିଯୋଗ କରିଥିଲେ ଯାହା ପରେ ଆମେ ଉପନିରୀକ୍ଷକଙ୍କ ଉପସ୍ଥିତିରେ ପରିବର୍ତ୍ତନ କରିଥିଲୁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ପ୍ରଶ୍ନପତ୍ରରେ ଟ୍ୟାମ୍ପରିଂ ହୋଇନାହିଁ। ଘଟଣା ବିଷୟରେ ଅଭିଯୋଗକାରୀ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଇବା ପରେ କେନ୍ଦ୍ରରେ ବରିଷ୍ଠ ଅଧିକାରୀ ଓ ପୁଲିସ ପହଞ୍ଚି ତନାଘନା କରିଥିଲେ।

### ଦିଲ୍ଲୀରୁ ନାଇଜେରୀୟ...

ଦେଇଥିଲେ। କିନ୍ତୁ ଏହା ସତ୍ତ୍ୱେ ବି ଅଭିଯୁକ୍ତ ଉକ୍ତ ମହିଳାଙ୍କୁ ଆହୁରି ଅଧିକ ଟଙ୍କା ମାଗିଥିଲେ। ମହିଳା ଜଣଙ୍କ ଶେଷରେ ଆଉ ଅର୍ଥ ଦେଇପାରିବେ ନାହିଁ ବୋଲି କହିବାରୁ ଅଭିଯୁକ୍ତ ଜଣଙ୍କ ସୋସିଆଲ୍ ମିଡିଆରେ ତାଙ୍କର ଅଶ୍ଳୀଳ ଭିଡିଓ ଓ ଫଟୋ ଭାଇରାଲ କରିଦେଇଥିଲେ। ଏଥିରେ ମର୍ମାହତ ହୋଇ ଉକ୍ତ ମହିଳା ଜଣଙ୍କ ଶେଷରେ ଆତ୍ମହତ୍ୟା କରିଥିଲେ। ଏନେଇ ସେ ଛାଡ଼ିଯାଇଥିବା ଏକ ସୁଇସାଇଡାଲ୍ ନୋଟ୍‌ରୁ ପରିବାର ଲୋକେ ତାଙ୍କ ପ୍ରତି ଘଟିଥିବା ଅପରାଧ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେମାନେ ଗତ ୧ ତାରିଖରେ ସ୍ଥାନୀୟ ଦରଘାବଜାର ଥାନାରେ ଏନେଇ ଅଭିଯୋଗ କରିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ସାଇବର୍ ସେଲ୍ ପକ୍ଷରୁ ଅଭିଯୋଗକୁ ଆଧାର କରି ତୁରନ୍ତ ଖୋଳତାଡ଼ ଆରମ୍ଭ କରିଦେଇଥିଲା। ତଦନ୍ତ ସମୟରେ ଉକ୍ତ ଅଭିଯୁକ୍ତ ଜଣଙ୍କ ଦିଲ୍ଲୀରେ ରହୁଥିବା ପୁଲିସ୍ ଜାଣିବାକୁ ପାଇଥିଲା। ବିଭିନ୍ନ ପ୍ରମାଣକୁ ଆଧାର କରି ଆଜି କମିଶନରେଟ୍ ପୁଲିସ ତାଙ୍କୁ ସାଇବର ଅପରାଧ ମାମଲାରେ ଗିରଫ କରିଛି। ତାଙ୍କଠାରୁ ଜବତ ପାସ୍‌ପୋର୍ଟରେ ଅଭିଯୁକ୍ତଙ୍କ ନାମ ଡିଜେଜେ ରେମଣ୍ଡ୍ ଓରଫ୍ ଚିଜିଓକ୍ ଜନ୍ ଓକୋୟେ ବୋଲି ଦର୍ଶାଯାଇଥିବା ବେଳେ ତାଙ୍କ ବୟସ ୩୧ ବୋଲି ଜଣାପଡ଼ିଛି। ସେ ନାଇଜେରିଆର ଆଇଭରି କୋଷ୍ଟର ଆବିଜାନ୍‌ର ମୂଳ ବାସିନ୍ଦା ବୋଲି ସୂଚନା ମିଳିଛି।

### ବଢ଼ିଲା ବିଜେପି-ବିଜେଡି...

ସରକାର ଥରେ ଯାଇଥିଲେ ମଧ୍ୟ ଦ୍ୱିତୀୟ ଥର ଆଉ ଗଲେନାହିଁ। ବରଂ ରାଜନୈତିକ ଫାଇଦା ପାଇଁ ଟ୍ରିବ୍ୟୁନାଲ୍‌ରେ ପହଞ୍ଚିଥିଲେ। ତେଣୁ ସମସ୍ୟାର ସମାଧାନ ନେଇ ଆନ୍ତରିକତା ରଖୁନଥିବା ବିଜେଡି ଆମ ସରକାରକୁ କୌଣସି ପ୍ରକାର ଜ୍ଞାନ ଦେବା ଦରକାର ନାହିଁ। କାରଣ ମହାନଦୀ ଜଳ ବିବାଦର ସମାଧାନ କେମିତି ହେବ, ସେନେଇ ବିଜେପି ସରକାର ବେଶ୍ ଯତ୍ନବାନ। ଜଣେ ଅଣଓଡ଼ିଆଙ୍କ କଥାରେ ପଡ଼ି ଦଳ ରାଜ୍ୟ ସ୍ୱାର୍ଥକୁ ବଳି ପକାଇଦେଇଛି, ଏବେ କାହିଁକି ତାଙ୍କ ଦଳର ବିଧାୟକ କାନ୍ଦୁଛନ୍ତି ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି।

ସେହିଭଳି ସୀମା ପୁନଃନିର୍ଦ୍ଧାରଣ ନେଇ କେନ୍ଦ୍ର ସରକାର ଆରମ୍ଭ କରିଥିବା ପ୍ରକ୍ରିୟାରେ ଓଡ଼ିଶାର କ୍ଷତି ହେବାକୁ ଯାଉଛି। ରାଜନୈତିକ ପ୍ରତିନିଧିତ୍ୱ କମିବାକୁ ଯାଉଛି। ଏପରିକି ଜନସଂଖ୍ୟା ଆଧାରରେ ଡିଲିମିଟେସନ ହେଲେ ଅର୍ଥ କମିଶନରେ ଅର୍ଥ କମ ମିଳିବ। କିନ୍ତୁ ବିଜେପି ସରକାର ଚୁପ ହୋଇ ବସିଛନ୍ତି। ବିଜେପି ମାଟି କଥା ନ ଭାବି ଏ ପ୍ରସଙ୍ଗକୁ ରାଜନୈତିକ ରଙ୍ଗ ଦେଉଛି ବୋଲି ପୂର୍ବତନ ସାଂସଦ ଅମର ପଟ୍ଟନାୟକ କହିଛନ୍ତି। ଅମରଙ୍କୁ ଜବାବ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଡିଲିମିଟେଶନ ପ୍ରକ୍ରିୟା ନେଇ ବିଜ୍ଞପ୍ତି ହେଲା ପରେ ଜଣାପଡ଼ିବ କେଉଁ ଆଧାରରେ କ'ଣ ହେବ। ଏହାକୁ ନେଇ ମତ ଦେବାର ଅଧିକାର ବିରୋଧୀ ଦଳର ରହିଛି। ତେବେ ନଈ ନ ଦେଖୁଣୁ ଲଙ୍ଗଳା ପରି ବିଜ୍ଞପ୍ତି ବାହାରିବା ପୂର୍ବରୁ ଆଗତୁରା ଲୁଗାପଟା ଛାଡ଼ି ବିରୋଧୀ କାହିଁକି ଦୌଡୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସୀମା ପୁନଃନିର୍ଦ୍ଧାରଣରେ କୌଣସି ଜାଗାରେ ବିରୋଧୀ ଦଳଗୁଡ଼ିକର ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହେବ ନାହିଁ ବୋଲି ସେ କହିଛନ୍ତି।

### ଓଡ଼ିଶା ପାଇଁ...

ଧରି କଠିନ ଅଳିଆ ଜମା ହୋଇଛି, ସେଗୁଡ଼ିକୁ ସଫା କରିବା, ଜମି ପୁନରୁଦ୍ଧାର କରିବା ଓ ସବୁଜ ସହରାଞ୍ଚଳ ସ୍ଥାନ ସୃଷ୍ଟି କରିବା ପାଇଁ ପ୍ରାଥମିକତା ଦେବା ସକାଶେ କେନ୍ଦ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀ ରାସ୍ତାକଡ଼ ବିକ୍ରେତା ଆତ୍ମନିର୍ଭର ନିଧି (ପିଏମ ସ୍ୱନିଧି) ଯୋଜନାର ଦ୍ରୁତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରି ରାଜ୍ୟ ସରକାରଙ୍କୁ ସାରା ରାଜ୍ୟରେ ରାସ୍ତାକଡ଼ ବିକ୍ରେତାଙ୍କ ପାଇଁ ବ୍ୟାପକ ପହଞ୍ଚ ଓ ଦ୍ରୁତ ଋଣ ଉପଲବ୍ଧତା ସୁନିଶ୍ଚିତ କରିବାକୁ କହିଛନ୍ତି।

### ଅଙ୍ଗନବାଡ଼ି...

ବଡ଼ମୁଣ୍ଡି (୩) ମୃତ୍ୟୁ ବରଣ କରିଥିବା ବେଳେ ବାପା ଅର୍ଜୁନ ଓ ବଡ଼ ଭଉଣୀ ସୁମିତ୍ରାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜିକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ୪ ଜଣଯାକ ଗତ ଶୁକ୍ରବାର ରାମଗିରି ହାଟପଦା ଅଙ୍ଗନବାଡ଼ିରୁ ମିଳିଥିବା ଛତୁଆ ଖାଇବା ପରେ ଏପରି ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତୁରନ୍ତ ସ୍ଥାନୀୟ ଆଶା ଦିଦି ଶାନ୍ତିଲତା ବଡ଼ମୁଣ୍ଡି ସେମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ଆଶା ଦିଦି ହିଁ ଛତୁଆ ଖାଇ ତୁଳସୀ ଓ ଗୁଣବତୀ ମୃତ୍ୟୁବରଣ କରିଥିବା ସୂଚନା ଦେଇଛନ୍ତି।

### ରିପୋର୍ଟ ମାଗିଲା...

ନେଇଥିଲେ। ନୂଆ ଅଧ୍ୟକ୍ଷା ମଧ୍ୟ ଏହି ସମ୍ବେଦନଶୀଳ ଘଟଣାଟିକୁ ସେତେଟା ଗୁରୁତ୍ୱ ଦେଇନାହାନ୍ତି। ଏପରିକି ଅସଦାଚରଣର ଆରୋପ ଲାଗିଥିବା ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଲମ୍ବିତ କରିବା କିମ୍ବା ବଦଳି ପାଇଁ ସରକାରଙ୍କୁ ଲେଖି ବି ନାହାନ୍ତି। ଫଳ ସ୍ୱରୂପ ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତ ହୋଇଥିବା ପାଣ୍ଡବ ଏବେ ସେହି କଲେଜରେ ଛାତି ଫୁଲାଇ ଚାଲୁଛନ୍ତି। ବିଜେବି କଲେଜରୁ ତଦନ୍ତ ରିପୋର୍ଟ ଉଚ୍ଚଶିକ୍ଷା ବିଭାଗରେ ପହଞ୍ଚିବାକୁ କାହିଁକି ଏତେ ଦିନ ଲାଗୁଛି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏବେ କଲେଜ ଅଧ୍ୟକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ଏହା ଉପରେ କି ପଦକ୍ଷେପ ନେଉଛନ୍ତି ତାକୁ ସମସ୍ତେ ଚାହିଁ ବସିଛନ୍ତି। ଏହି ଘଟଣା କେବଳ କଲେଜର ସୁନାମରେ ଆଞ୍ଚ ଆଣିନାହିଁ, ସରକାରଙ୍କୁ ମଧ୍ୟ ବଦନାମ କରିବାରେ ଲାଗିଲାଣି।

### ଆଜି ଆସିବେ...

କରି ସ୍ୱତନ୍ତ୍ର ସୁରକ୍ଷା ମଧ୍ୟରେ କାର୍ ଯୋଗେ ନୀଳମାଧବଙ୍କ ଦର୍ଶନ ପାଇଁ ଯିବେ। ମନ୍ଦିର ପରିଦର୍ଶନ ସହ ପୂଜକମାନଙ୍କ ସହ ଭାବ ବିନିମୟ କରିବେ ରାଷ୍ଟ୍ରପତି। ଏହାପରେ କାଳିଆପଲ୍ଲୀ ଗ୍ରାମରରେ ଶବର ରାଜା ବିଶ୍ୱାବସୁଙ୍କ ପୀଠ ପରିଦର୍ଶନ କରିବା ସହ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବେ। ଶେଷରେ ବିଶ୍ୱାବସୁ ଶବର ସମାଜ ଦ୍ୱାରା ଆୟୋଜିତ ସାଧାରଣ ସଭାରେ ଯୋଗଦେବେ।

ରାଷ୍ଟ୍ରପତିଙ୍କ ନୟାଗଡ଼ ଜିଲ୍ଲା ଗସ୍ତ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । କଣ୍ଟିଲୋ ନୀଳମାଧବ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଜୋର ଦେଇଛି ଜିଲ୍ଲା ପ୍ରଶାସନ। ନୟାଗଡ଼ ଜିଲ୍ଲାପାଳ ସମସ୍ତ ବିଭାଗର ଉଚ୍ଚ ଅଧିକାରୀଙ୍କୁ ନେଇ ସମୀକ୍ଷା କରିଛନ୍ତି। ନୟାଗଡ଼ ଜିଲ୍ଲାକୁ ରାଷ୍ଟ୍ରପତିଙ୍କର ଏହା ପ୍ରଥମ ଗସ୍ତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଉତ୍ସାହ ପରିଲକ୍ଷିତ ହୋଇଛି ।

## ଖଣି ଅଧିକାରୀ ନିଲମ୍ବିତ

**ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ):** କଟକ ଖଣି ଉପର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଖଣି ଅଧିକାରୀ ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର। ମାଇନିଙ୍ଗ ଅଫିସର ରାଜେନ୍ଦ୍ର ଖୁଣ୍ଟିଆଙ୍କ କାର୍ଯ୍ୟ ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖି ଆସିଥିଲେ ଓ ତାଙ୍କ କାର୍ଯ୍ୟଶୈଳୀରେ କୌଣସି ଉନ୍ନତି ପରିଲେକ୍ଷିତ ନହେବା ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥିସହିତ ଅନ୍ୟାନ୍ୟ ମାଇନିଙ୍ଗ ଅଫିସରମାନଙ୍କ କାର୍ଯ୍ୟଧାରା ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖିଛନ୍ତି। କାର୍ଯ୍ୟରେ କୌଣସି ଖିଲାପ ଦୃଷ୍ଟି ଗୋଚର ହେଲେ ସରକାର ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା। ନିଲମ୍ବନ ସମୟରେ ରାଜେନ୍ଦ୍ର ଖୁଣ୍ଟିଆ ଫୁଲବାଣୀ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବ। ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡିପାରିବେ ନାହିଁ।

## ଦ୍ୱିତୀୟ ପର୍ଯ୍ୟାୟ ଗଣଅଣ୍ଡାଦାନ ଆରମ୍ଭ

**ଗଞ୍ଜାମ,୨୩।୩(ସଂଚାର ବ୍ୟୁରୋ):** ଋଷିକୁଲ୍ୟା ମୁହାଁଣରେ ଏକ ମାସ ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୩୮ ହଜାର ୭୭୯ ଓ ଦ୍ୱିତୀୟ ଦିନରେ ୩୯ ହଜାର ୫୨୧ ମା' କଇଁଚ ଅଣ୍ଡାଦାନ କରିଛନ୍ତି। ସେହିପରି ୨ଦିନରେ ୭୮ ହଜାର ୩୦୦ କଇଁଚ ସମୁଦ୍ରର ନୀଳ ଜଳରାଶୀ ମଧ୍ୟରୁ ବେଳାଭୂମି ଉପରକୁ ଉଠିଆସି ଗଣ ଅଣ୍ଡାଦାନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ସମୁଦ୍ର କୂଳ ନିକଟରେ ଅନେକ କଇଁଚ ପହଁରୁଥିବାରୁ ଆଉ କିଛିଦିନ ଗଣ ଅଣ୍ଡାଦାନ ଜାରି ରହିବ ବୋଲି ଆଶା କରାଯାଉଛି। ଯାହାକୁ ନେଇ ବନ ବିଭାଗ, ପର୍ଯ୍ୟଟକ, ପରିବେଶବିତ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ କଇଁଚର ସୁରକ୍ଷା ନେଇ କଡାକଡ଼ି ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷକରି ପୋଡ଼ମପେଟାଠାରୁ ସିଦ୍ଧାନ୍ତନଗର ଓ ସମୁଦ୍ର ମୁହାଁଣଠାରୁ ପୁରୁଣାବନ୍ଧ ମା' ଗଙ୍ଗାଦେବୀ ସମ୍ମୁଖ ପର୍ଯ୍ୟନ୍ତ ସାମୁହିକ ଅଣ୍ଡାଦାନ ହୋଇଥିବା ଲକ୍ଷ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ୯୮ ହଜାର ୭୧୮ କଇଁଚ ଗଣ ଅଣ୍ଡାଦାନ କରିଥିବା ବେଳେ ଚଳିତ ବର୍ଷ ସର୍ବକାଳୀନ ରେକର୍ଡ ହୋଇଥିବା ପରିଲକ୍ଷିତ ହୋଇଛି।

# କିଟ୍ ଓ କିସ୍ ପରିଦର୍ଶନ କଲେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରତିନିଧିମଣ୍ଡଳ



**ଭୁବନେଶ୍ୱର, ୨୩।୩ (ସଂଚାର ବ୍ୟୁରୋ) :** ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍, କିସ୍ ପରିଦର୍ଶନ କରିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ । ଏହି ପ୍ରତିନିଧିମଣ୍ଡଳ ପ୍ରଥମ ଦିନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାବ ବିନିମୟ କରିଥିଲେ। ଦୀର୍ଘ ଦେଢ଼ ଘଣ୍ଟା କାଳ ସେମାନେ କିଟ୍, କିସ୍ ଓ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ବିଷୟରେ ବ୍ୟାପକ ଆଲୋଚନା କରିବା ସହ ଓଡ଼ିଶାର ଶିକ୍ଷା, କଳା ଓ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ।

ଏହି ଅବସରରେ ଶ୍ରୀ ସାମନ୍ତଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଖତର ବାଦଶାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୧ଜଣ ଛାତ୍ରଛାତ୍ରୀ ଏବଂ ୨ଜଣ କିଟ୍ ମ୍ୟାନେଜମେଣ୍ଟ ସ୍କୁଲର ୧୧ ଛାତ୍ରଛାତ୍ରୀଙ୍କ ମିଶି ଏକ ପ୍ରକଳ୍ପରେ ତାଲିମ୍ ଗ୍ରହଣ କରିବେ। ଏହା ସହିତ ୫ଜଣ ଅଧ୍ୟାପକ କିଟ୍ ଓ କିସରେ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ନିୟୋଜିତ ହେବା ସହ ଶ୍ରେଣୀଗୃହ ଶିକ୍ଷାଦାନ ଓ ଶୈକ୍ଷିକ ଆଲୋଚନାରେ ଭାଗ ନେବେ। ପ୍ରଥମ ଥର ଲାଗି ଆମେରିକାର ଏକ ବିଶ୍ୱବିଦ୍ୟାଳୟର ଅଧ୍ୟାପକ କିଟ୍ ଓ କିସ୍ ଛାତ୍ରଛାତ୍ରୀ ତଥା ଅଧ୍ୟାପକଙ୍କ ଜ୍ଞାନ ବିନିମୟ ଓ ଶୈକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେବା କିଟ୍ ଓ କିସ୍ ପାଇଁ ଗୌରବର ବିଷୟ।

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ନୋଡାଲ ଅଫିସରଙ୍କ ବେଖାତିର

# ମାସେ ପୂରିଲା, ସମ୍ପାଦକଙ୍କ ବିରୋଧରେ ହୋଇନି ଏତଲା

**ମହାକାଳପଡ଼ା, ୨୩।୩ (ସଂଚାର ବ୍ୟୁରୋ) :** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମହାକାଳପଡ଼ା ବ୍ଲକ ବିଜୟନଗର ପ୍ରାଥମିକ କୃଷି ସମବାୟ ସମିତିର ନୋଡାଲ ଅଫିସର ବେଖାତିର କରିଛନ୍ତି। ସମ୍ପାଦକ ଗୋବିନ୍ଦ ଚାଷାଙ୍କ ଧାନ କିଣାରେ ବ୍ୟାପକ ଅନିୟମିତତା, ପରିଚାଳନା ତ୍ରୁଟି ଓ ଚାଷୀଙ୍କ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା।

ଏନେଇ ନିରନ୍ତର ସଂଚାରରେ ଖବର ପ୍ରକାଶ ପରେ ବିଭାଗୀୟ ଅଧିକାରୀ ତଦନ୍ତ କରି ଅନିୟମିତତାର ସତ୍ୟତା ଥିବା ଜାଣିବା ପରେ ଚିଠି ନମ୍ବର ୨୬୭ରେ ୪ ଫେବୃଆରୀ ଦିନ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଚାଷୀମାନଙ୍କ ସ୍ୱାର୍ଥରେ ହାନି ପହଞ୍ଚାଇବା ଓ ବ୍ୟବହାର ଖରାପ କରିବା ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ବିଭାଗର ଉଲଙ୍ଘନ କରିଥିବା କାରଣରୁ ୭ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାହାକୁ ବେଖାତିର କରି ୧୬ ଦିନ ପର୍ଯ୍ୟନ୍ତ ନିରବ ରହିଥିଲେ ସମ୍ପାଦକ ଗୋବିନ୍ଦ। ସେପରିଥିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ହୋଇଥିବା ଚିଠି ନମ୍ବର ୬୫୫ରେ ଓଡ଼ିଶା କର୍ପୋରେଟିଭ ସୋସାଇଟି ଓ ରେଜିଷ୍ଟ୍ରର କର୍ପୋରେଟିଭ ସୋସାଇଟି ନିୟମ ଉଲଙ୍ଘନ କରିଥିବା ଦର୍ଶାଇ ତାଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସମବାୟ ସମିତି ସଭାପତି ଓ ପରିଚାଳନା କମିଟିଙ୍କୁ ଚିଠି ହୋଇଥିଲା। ତତସହିତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା ଓ ସମବାୟ ନିୟମ କାନୁନ ଉଲଙ୍ଘନ କରିଥିବାରୁ ତାଙ୍କ ନାମରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ମଧ୍ୟ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ସଭାପତି ଓ ପରିଚାଳନା କମିଟି ନିର୍ଦ୍ଦେଶକ ବୈଠକରେ ୨୩ ଫେବୃଆରୀ ଦିନ ସମ୍ପାଦକ ପଦରୁ ଗୋବିନ୍ଦ ସ୍ୱାଇଁଙ୍କୁ ନିଲମ୍ବନ କରାଯାଇଥିଲା।

ନିର୍ଦ୍ଦେଶ ଅନୁସାରେ ସଭାପତି ଓ ପରିଚାଳନା ନିର୍ଦ୍ଦେଶକମାନେ ସିନା ସେମାନଙ୍କ କାମ ସାରିଦେଲେ ହେଲେ ନୋଡାଲ ଅଫିସର କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଖାତିରି କଲେ ନାହିଁ। ଘଟଣାକୁ ମାସେ ପୂରିଲା ହେଲେ ନୋଡାଲ ଅଫିସରଙ୍କୁ କୌଣସି ପ୍ରଭାବ ପଡିଲା ନାହିଁ। କାହିଁକି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ନୋଡାଲ ଅଫିସର ପବନରେ ଉଡାଇଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ସେ ନିଜ ଇଛାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରିଛନ୍ତି ନା ବେଖାତିର କରିବାକୁ କେଉଁ ଅଦୃଶ୍ୟ ଶକ୍ତି ତାଙ୍କୁ ସହଯୋଗ କରୁଛି ତାହାକୁ ନେଇ ମଧ୍ୟ ସନ୍ଦେହ ବଢ଼ିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ବେଖାତିର କରିଥିବା ନୋଡାଲ ଅଫିସରଙ୍କ ଉପରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରୁଛି କି ନିରବ ରହୁଛି ତାହା ଦେଖିବାକୁ ବାକି ରହିଲା।

## ଗ୍ୟାସ ସିଲିଣ୍ଡର ଫାଟି ଜଣେ ଗୁରୁତର




**ବୋରିଗୁମ୍ମା, ୨୩।୩ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବ୍ଲକ କାଠରଗୋଡା ଗାଁରେ ଏକ ଫାଷ୍ଟ ଫୁଡ୍ ଦୋକାନରେ ଗ୍ୟାସ ସିଲିଣ୍ଡର ଫାଟି ଜଣେ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ କାଠରଗୋଡା ଗାଁରେ ସୁଶାନ୍ତ ନାୟକ ନାମକ ଜଣେ ବ୍ୟକ୍ତି ଫାଷ୍ଟ୍ ଫୁଡ୍ ଦୋକାନ କରିଥିଲେ। ଆଜି ଦିନ ଦ୍ୱିପ୍ରହର ସମୟରେ ହଠାତ ଗ୍ୟାସ ସିଲିଣ୍ଡର ଫାଟି ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନ ମାଲିକ ସୁଶାନ୍ତ ଦୋକାନ ଭିତରୁ ବାହାରି ନପାରି ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ସୁଶାନ୍ତଙ୍କୁ ଚିକିତ୍ସା ପାଇଁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ହତ୍ୟା ଉଦ୍ୟମ ଅଭିଯୁକ୍ତକୁ କୋର୍ଟ ଚାଲାଣ

**ରାଜନଗର, ୨୩।୩ (ସଂଚାର ବ୍ୟୁରୋ) :** ରାଜନଗର ପୁଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କାକୁଡିପଲ୍ଲୀ ଗାଁର ନିରଞ୍ଜନ ସେଠୀ ରାଜନଗରରେ ରହି ମାଛ ବ୍ୟବସାୟ କରେ। ୪ ଡିସେମ୍ବର ୨୦୨୪ରେ ବଗଡ଼ା ଗାଁର ପ୍ରଫୁଲ କୁମାର ସ୍ୱାଇଁ ମାଛ ବ୍ୟବସାୟ ସମ୍ପର୍କରେ ରାଜନଗର ଆସିଥିବା ବେଳେ ନିରଞ୍ଜନ ତାକୁ ବିଅର ବୋତଲରେ ମୁଣ୍ଡକୁ ବାଡେଇ ଥିଲା। ମୁଣ୍ଡରେ ୫ଟି ଷ୍ଟିଚ ପଡ଼ିଥିଲା। ସେହି ଘଟଣାରେ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନିରଞ୍ଜନ ନାଁରେ ରାଜନଗର ଥାନାରେ ୧୩୧/୨୦୧୭, ୧୯/୨୦୨୦, ୧୯୧/୨୦୨୦, ୪୭୩ /୨୦୨୨, ୪୩୫ /୨୦୨୪, ୬୧/୨୦୨୫ ଓ ୬୪/୨୦୨୫ ରେ ମାମଲା ଥିବା ବେଳେ ପଟ୍ଟାମୁଣ୍ଡାଇ ଥାନାରେ ୨୨୭ /୨୦୨୦ ରେ ମାମଲା ରହିଛି ବୋଲି ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ନବରଙ୍ଗପୁରରେ କାଳବୈଶାଖୀ



**ନବରଙ୍ଗପୁର, ୨୩।୩ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ଆଜି ଅପରାହ୍ନରେ ପବନ, ଘଡଘଡି ସହ କୁଆ ପଥର ବର୍ଷା ହୋଇଛି। ବର୍ଷାର ପରିମାଣ ଯଦିଓ କମ ଥିଲା କିନ୍ତୁ ପବନ ଖୁବ ଜୋରରେ ବହିଥିଲା। ପବନ ବର୍ଷା ଯୋଗୁଁ କ୍ଷୟକ୍ଷତି ସମ୍ପର୍କରେ ବିଶେଷ ସୂଚନା ଆସିନାହିଁ। ଆଜିର ବର୍ଷାରେ ଚାଷ ଉପରେ କୌଣସିକୁ ପ୍ରଭାବ ପଡିବ ନାହିଁ ବୋଲି ଚାଷୀ ଆଲୋଚନା କରୁଛନ୍ତି।

## ବାଇକ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର



**ନିଶ୍ଚିନ୍ତକୋଇଲି, ୨୩।୩ (ସଂଚାର ବ୍ୟୁରୋ) :** କଟକ ଚାନ୍ଦବାଲି ରାସ୍ତାର ଜିଗିନପୁର ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ଜଣେ ମୃତ ଦୁଇ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ସନ୍ଧ୍ୟା ପ୍ରାୟ ୮ଟା ପରେ ଉଭୟ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ସଂଗେ ସଂଗେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସାଲେପୁର ଥାନା ପୁଲିସ ଆହତଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ସାଲେପୁର ପାଟପୁରର ଅନନ୍ତ ସେଠିଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ଜଣ ପଟ୍ଟାମୁଣ୍ଡାଇ ବେଲତଲ ଗାଁର ଦୁଇ ଭାଇ ଅବିନାଶ ତ୍ରିପାଠୀ ଓ ଆଦିତ୍ୟ ତ୍ରିପାଠୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## କଂଗ୍ରେସର ବିଧାନସଭା ଘେରାଉ ପ୍ରସ୍ତୁତି ବୈଠକ




**କେନ୍ଦ୍ରାପଡ଼ା, ୨୩।୩ (ସଂଚାର ବ୍ୟୁରୋ) :** ରବିବାର କେନ୍ଦ୍ରାପଡା କଜଳା ସ୍ଥିତ କଂଗ୍ରେସ ଭବନରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ାର ଜଣେ ଲଢ଼ୁଆ ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମାଙ୍କ ସ୍ମୃତିରେ ପ୍ରଥମେ ଶୋକ ସଭା ପାଳିତ ହୋଇଥିଲା। ପରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ନେତା ଓ ବ୍ଲକ ସଭାପତି ମାନଙ୍କୁ ନେଇ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ବିଧାନସଭା ଘେରାଉ ସଂପର୍କରେ ଆଲୋଚନା କରାଯାଇଥିଲା।

ଏହି ବିଧାନସଭା ଘେରାଉ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରାପଡ଼ା ପ୍ରଭାରୀ ଥିବା ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ମନୋଜ ସ୍ୱାଇଁ ବୈଠକ ରେ ଯୋଗ ଦେବା ପରେ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଥିଲା । ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଶତାଧିକ ନେତା ଓ କର୍ମୀ ଏହି ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ବୈଠକରେ ପ୍ରତିଶୃତି ଦେଇଛନ୍ତି। ଏହି ଆନୁଷ୍ଠାନିକ ପ୍ରସ୍ତୁତି ବୈଠକର ସଭାପତିତ୍ୱ ଜିଲ୍ଲା କଂଗ୍ରେସ କମିଟି ର ସଂଯୋଜକ ପ୍ରଫୁଲ୍ଲ ଦାସ କରୁଥିବା ବେଳେ ପୂର୍ବତନ ବିଧାୟିକା ଡ଼.ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା,ପୂର୍ବତନ ନଗର ପାଳ ମହମ୍ମଦ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ରାଜନଗର ବିଧାୟକ ପ୍ରାର୍ଥି ଅଶୋକ ଚନ୍ଦ୍ର ପଢିଆରୀଙ୍କ, ପାଟକୁରା ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନଗୋ, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କା, ବସନ୍ତ କୁମାର ସେଠୀ , ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ, ଦଳିତ ନେତା ସର୍ବେଶ୍ୱର ସେଠୀ, ମଳୟ ଦାସ, ଆଇଏନ୍ ଟିୟୁସି ଯୁବ ସଭାପତି ରଶ୍ମି ରଞ୍ଜନ ଚୌଧୁରୀ, ପ୍ରଦୀପ୍ତ କୁମାର ଦାସ, ଭାଗିରଥି ଜେନା, ପୁର୍ବତନ ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ପ୍ରମୁଖ ଏହି ବୈଠକରେ ସାମିଲ୍ ହୋଇ ବିସ୍ତୃତ ଆଲୋଚନା କରିଥିଲେ ।

## ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଓ ଜୋରିମାନା

**ନୟାଗଡ଼, ୨୩।୩ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ମଣିପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦୧୯ ମସିହାରେ ମୁଦାଲା ବାହନ ଖଟେଇ, ତାପସ ଜେନା, ଶଙ୍କର ଦଳେଇ, ଅଶୋକ ଖଟେଇ, ଟୁଲୁ ଜେନା, ଧରମା ରାଉତ, ପ୍ରଦୀପ ଦଳେଇ ମୃତକ ଅର୍ଜୁନ ବଳିୟାରସିଂଙ୍କୁ ଜୀବନରେ ମାରିଦେବା ପାଇଁ ପ୍ରସ୍ତୁତ ହୋଇଥିଲେ। ସାଙ୍ଗରେ ବିଭିନ୍ନ ମାରଣାସ୍ତ୍ର ଯଥା, ପିସ୍ତଲ, ବୋମା, ଭୁଜାଲି, ଖଣ୍ଡା ଇତ୍ୟାଦି ଧରି ମଣିପୁର ବନ୍ଧ ନିକଟରେ ଛପି ରହିଥିଲେ। ଅର୍ଜୁନ ବଳିୟାରସିଂ ନିକଟସ୍ଥ ବନ୍ଧକୁ ଶୌଚ ଓ ଗାଧୁଆ ସାରି ସନ୍ଧ୍ୟାବେଳେ ଘରକୁ ଫେରୁଥିବା ସମୟରେ ଉପରୋକ୍ତ ମୁଦାଲାମାନେ ଅର୍ଜୁନଙ୍କୁ ବଳପୂର୍ବକ ଉଠାଇ କିଛି ବାଟନେଇ ଖଣ୍ଡା, ଭୁଜାଲି ଦ୍ୱାରା ଆକ୍ରମଣକରି ତାଙ୍କୁ ହତ୍ୟା କରି ପକାଇ ଦେଇଥିଲେ। ଏନେଇ ଫତେଗଡ଼ ଥାନା କେସ ନଂ -୧୭୮/୨୦୧୯ରେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ମାମଲା ରୁଜୁକରି ତଦନ୍ତ କରି ଅଭିଯୁକ୍ତ ବାହନ ଖଟେଇ ଓ ଅନ୍ୟ ଛଅ ଜଣଙ୍କ ବିରୁଦ୍ଧରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ସର୍ବମୋଟ ୧୫ଜଣ ସାକ୍ଷୀଙ୍କ ବୟାନ, ସରକାରୀ ଓକିଲ ଅନୱାର ମଲ୍ଲିକଙ୍କ ଯୁକ୍ତିକୁ ଆଧାର କରି ମାନ୍ୟବର ଅତିରିକ୍ତ ଜିଲ୍ଲାଜଜ ରୀଜା ରାୟ ଅଭିଯୁକ୍ତ ବାହନ ଖଟେଇକୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହିତ ଦଶହଜାର ଟଙ୍କା ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି। ଅନ୍ୟ ଛଅ ଜଣ ଆସମୀ ଅଦ୍ୟାବଧି ଫେରାର ଅଛନ୍ତି।

## ଦାଦାବଟି ମାଗି ୨ ଗିରଫ, ବନ୍ଧୁକ ଓ ୩ ଜୀବନ୍ତ ଗୁଳି ଜବତ



**ଖୋର୍ଦ୍ଧା, ୨୩।୩ (ସଂଚାର ବ୍ୟୁରୋ) :** ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରିବା ଅଭିଯୋଗରେ ଆଦର୍ଶଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ନାବାଳକକୁ ଜୁଭେନାଇଲ କୋର୍ଟରେ ହାଜର କରିଛି। ଗିରଫମାନେ ହେଲେ ସ୍ଥାନୀୟ ଗଡଖୋର୍ଦ୍ଧା ହାଉସିଂବୋର୍ଡର ସଞ୍ଜୟ ବେହେରା (୨୦) ଓ ସଦରଥାନା ଅନ୍ତର୍ଗତ ବଙ୍ଗିଦାର ସଞ୍ଜୟ କୁମାର ପରିଡା ଓରଫ ସିଲୁ (୨୧)। ସେମାନଙ୍କ ଠାରୁ ପୁଲିସ ଏକ ଦେଶୀ ବନ୍ଧୁକ ସମେତ ୩ ଜୀବନ୍ତ ଗୁଳିକୁ ପୁଲିସ ଜବତ କରିଥିବା ଆଦର୍ଶଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି । ପ୍ରକାଶଥାଉକି, ଗତକାଲି ସନ୍ଧ୍ୟାରେ ଏକ ଗାଡିରେ ୩ ଜଣ ଆସି ସ୍ଥାନୀୟ ଲୋକେଶ୍ୱରପୁରର ସୁବାସ ପ୍ରଧାନଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ମାଗିଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ଠାରୁ ୫ ହଜାର ଟଙ୍କା ଛଡାଇ ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବାରେ ୧୨୨/୨୫ରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଧରି ଥିବାବେଳେ ବନ୍ଧୁକ ଓ ଜୀବନ୍ତ ଗୁଳିକୁ ପୁଲିସ ଜବତ କରିଛି ।

## ୱାର୍ଲଡ ଭିଜନ ଚାରିଟେବୁଲ ଟ୍ରଷ୍ଟର ମେଗା ରକ୍ତଦାନ ଶିବିର



**ମହାକାଳପଡ଼ା, ୨୩।୩ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ବଡକୁଳ ପଞ୍ଚାୟତ ବଟ ମହାପୁରୁଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୱାର୍ଲଡ ଭିଜନ ଚାରିଟେବୁଲ ଟ୍ରଷ୍ଟ ଓ କଟକ ଏସସିବି ମେଡିକାଲ ତରଫରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ୱାର୍ଲଡ଼ ଭିଜନ ଚାରିଟେବୁଲ ଟ୍ରଷ୍ଟର ସଭାପତି ତୁଷାରକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତଦାନଠୁ ଜୀବନରେ ମହାପୂଣ୍ୟ କାମ କିଛି ନ ଥିବାରୁ ସମସ୍ତେ ନିଜେ ରକ୍ତ ଦେବା ସହିତ ଅନ୍ୟ ମାନଙ୍କୁ ଏଥିପାଇଁ ଉତ୍ସାହିତ କରିବାକୁ ସଭାପତି ବାର୍ତ୍ତା ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ବଡ଼କୁଳ ପଞ୍ଚାୟତର ବହୁ ଯୁବକ ଯୁବତୀ ଗ୍ରାମର ବୟଜ୍ୟୋଷ୍ଠ ବ୍ୟକ୍ତି ଯୋଗ ଦେଇ ରକ୍ତଦାନ କରିଥିଲେ। ଶିବିରରୁ ସଂଗୃହିତ ୬୨ ୟୁନିଟ ରକ୍ତ କଟକ ମେଡିକାଲ ରେଡ଼କ୍ରସ ସଂସ୍ଥାକୁ ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ସମ୍ପାଦକ ବିସିକେଶନ ସାମନ୍ତରାୟ, ଅସିତ କୁମାର ସାହୁ, ଗିରିଜା ଶମ୍ଭୁ ଚୌଧିରୀ, ମନୋଜ କୁମାର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ଆଲୋକ ସାରେ, ବିଶ୍ୱଜିତ ଚୌଧୁରୀ, ବସନ୍ତ ବେହେରା, ନନ୍ଦା ସତପଥି, ସଂଗ୍ରାମ ସାମନ୍ତରାୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।




## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

**ସାଲେପୁର, ୨୩।୩ (ସଂଚାର ବ୍ୟୁରୋ) :** ଆଜି ବି.କେ ମଣ୍ଡପ ଠାରେ ଏପ୍ରିଲ ୧ତାରିଖ ଉତ୍କଳ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଲେପୁରର ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ, ବରିଷ୍ଠ ବିଜେପି ନେତା କୁଞ୍ଜ ମୋହନ ସେଠୀ, ଚୌଧୁରୀ ହେମନ୍ତ କୁମାର ସାହୁ, ସତ୍ୟବାଦୀ ଚଇନି ଏବଂ ସମସ୍ତ ଜୋନର ସଭାପତି ଯୋଗଦେଇଥିଲେ। ଏହି ସଭାରେ ଆସନ୍ତା ଉତ୍କଳ ଦିବସ ଉପଲକ୍ଷେ ସାଲେପୁର ମାଟିର ସତ୍ୟଭାମାପୁର ଗ୍ରାମ ଯାହାକି ମଧୁସୂଦନ ଦାସଙ୍କ ଜନ୍ମ ମାଟି ସେଠାରେ ପ୍ରଥମ ଥର ପାଇଁ ଉତ୍କଳ ଦିବସରେ ଓଡିଶାର ପ୍ରଥମ କରି ସରକାର କରିଥିବା ବିଜେପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ସହ ସାଲେପୁର ଠାରେ ସାମ୍ବାଦିକ ସଂଘ ପାଳନ କରୁଥିବା ଉତ୍କଳ ଦିବସ କିପରି ସୂଚାରୁ ରୂପେ କରାଯିବ ସେ ବିଷୟରେ ସବିଶେଷ୍ୟ ଆଲୋଚନା କରାଯାଇଥିଲା ।

## ପ୍ରେସକ୍ଲବର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ନିମାପଡା, ୨୩।୩ (ସଂଚାର ବ୍ୟୁରୋ) :** ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଂଚାୟତ ସିଦ୍ଧମଠ ପରିସରରେ ଚାରିଛକ ସାମ୍ବାଦିକ ସଂଘ ତରଫରୁ ଆଜି ନିମାପଡା ପ୍ରେସ କ୍ଲବର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଚାରିଛକ ସାମ୍ବଦିକ ସଂଘର ସଭାପତି ପ୍ରଫୁଲ କୁମାର କରଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ନିମାପଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବିଶିଷ୍ଟ ସମାଜସେବୀ ଶିକ୍ଷାବିତ୍ ହଂସନାଥ ସାହୁ, ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, କୃଷକନେତା ସନାତନ ପାତ୍ର, ଆଇନ୍‌ଜୀବୀ ରଞ୍ଜିତ ସାହୁ, ସଂଘର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡଃ ସନ୍ତୋଷ କୁମାର ମିତ୍ର, ପ୍ରାଧ୍ୟାପକ ପଂଚାନନ ସାହୁ, ମୂରଲୀଧର ଭାରତୀ,କାହ୍ନୁ ଚରଣ ବେହେରା,ବନବିହାରୀ ଦାଶ, ରବୀନ୍ଦ୍ର କୁମାର ସାହୁ,ମାନସ ରଂଜନ ସାହୁ, ସଂପାଦକ ବସନ୍ତ କୁମାର ଦାସ,ସହସଂପଦକ ବିଜୟ କୁମାର ବେହେରା,ସାମ୍ବାଦିକ ନାରାୟଣ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ,ଅଚ୍ୟୁତାନନ୍ଦ ମିଶ୍ର,ବସନ୍ତ କୁମାର ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ନିମାପଡା ପ୍ରେସ କ୍ଲବର ସଭାପତି ଅକ୍ଷୟ କୁମାର ବେହେରା, ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ରମାକାନ୍ତ ବେହେରା, ସହ-ସଂପାଦକ ଅଶୋକ କୁମାର ବେହେରା,ସଂଗଠନ ସଂପାଦକ ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ବେହେରା ଓ ଉପଦେଷ୍ଟା ମାନସ ରଂଜନ ଦାସଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୦ ନାବାଳିକା ଉଦ୍ଧାର

### ଏବେବି ୧୮ ନିଖୋଜ

**ରାଜନଗର, ୨୩।୩ (ସଂଚାର ବ୍ୟୁରୋ) :** ରାଜନଗର ଥାନା ଅଞ୍ଚଳରେ ଗତ ୩ ବର୍ଷରେ ୩୨ ନାବାଳିକା ଅପହୃତ ହୋଇଥିଲେ। ରାଜନଗର ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ ଜଣ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ପୂର୍ବରୁ ୪ ଜଣ ନାବାଳିକା ଉଦ୍ଧାର ହୋଇଥିବା ବେଳେ ଏବେବି ୧୮ ଜଣ ନାବାଳିକାଙ୍କୁ ଉଦ୍ଧାର କରିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ ସଫଳତାର ସହିତ ନାବାଳିକା ମାନଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛି। ୯ ଜଣ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଜଣେ ନାବାଳିକାଙ୍କୁ କେନ୍ଦ୍ରପଡା ସଟ ଷ୍ଟେ ହୋମକୁ ପଠାଯାଇଛି। ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ଯୋଗଦେବା ପରେ ଅପହୃତ ନାବାଳିକା ମାନଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଆଇଆଇସି ଶ୍ରୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସବୁ-ଇନ୍‌ପେକ୍ଟର ସୌମ୍ୟରଂଜନ ଜାଲି, ଏଏସଆଇ ସୁଜାତା ନାୟକ ଓ ଶିଶିରକୁମାର ସାହୁ, କନେଷ୍ଟବଳ ପିନ୍ଧୁ ନାୟକ ଓ ବିନୋଦିନୀ ବେହେରା ବିଭିନ୍ନ ସ୍ଥାନରେ ଚଢାଇ କରି ୧୦ଜଣନାବାଳିକାଙ୍କୁ ରାଜ୍ୟ ତଥା ରାଜ୍ୟ ବାଛାରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ଜଣେ ନାବାଳିକାଙ୍କୁ ହାଇଦ୍ରାବାଦରୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୯ ଜଣ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳରୁ ଉଦ୍ଧାର କରାଯାଇଛି।

# ଅସ୍ତିତ୍ୱ ହରାଇବାକୁ ବସିଛି ଲବଣ ସମବାୟ ସମିତି

**ଲବଣ ଜମି ଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି**

**ଦୀର୍ଘ ବର୍ଷ ହେଲା ଲୁଣମରା ବନ୍ଦ**

**ସମିତି ଜମି ଏବେ ସଂକୁଚିତ**






**କାକଟପୁର /ଅସ୍ତରଙ୍ଗ,୨୩।୩(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଦିନେ ଲୁଣ ଉତ୍ପାଦନ ଓ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା। ଜୁଆର ପାଣିକୁ ବନ୍ଧାଇ ଲୁଣ ଉତ୍ପାଦନ କରି ବହୁ ଲୋକ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଦୀର୍ଘ ୨୨ବର୍ଷରୁ ଉର୍ଦ୍ଧ ହେବ ଅସ୍ତରଙ୍ଗରେ ଆଉ ଲୁଣମରା ନ ହେବାରୁ ଦେଶୀ ଲୁଣ ଦେଖିବା ଏବେ ସାତ ସପନ। ଅସ୍ତରଙ୍ଗ ରେ ଲୁଣ ଉତ୍ପାଦନ ଓ ବିକ୍ରୟ ସମବାୟ ସମିତି ନାମରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାର୍ଯ୍ୟାଳୟ ଏହାର ମୂକସାକ୍ଷୀ। ଆଜି ଏହି ଜୀବିକା ଲୋପ ପାଇବା ସହ ପ୍ରଶାସନର ଆନ୍ତରିକତା ଅଭାବରୁ ଲବଣ ସମବାୟ ସମିତି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି।

ଖବର ମୁତାବକ, ସମୁଦ୍ର ସଂଲଗ୍ନ ନଦୀର ଜୁଆର ପାଣିକୁ ବନ୍ଧାଇ ଅସ୍ତରଙ୍ଗ, କୁହୁଡି, ନୂଆଗଡ, ଡମଶୁଣ, ନଟରା, କେଉଁଟଜଙ୍ଘା, ଭଉଁରିଆ ନଦୀ ନିକଟରେ ଅସ୍ତରଙ୍ଗ ବ୍ଲକଅଞ୍ଚଳର ବହୁ ଲୋକ ଲୁଣ ଚାଷ କରି ଲାଭବାନ ହେଉଥିଲେ। ୧୯୩୧ମାର୍ଚ୍ଚ ୫ଠାରୁ ଅସ୍ତରଙ୍ଗ ରେ ଲୁଣ ଉତ୍ପାଦନ ସ୍ୱାଭାବିକ ହୋଇ ୧୯୪୩ରେ ଲବଣ ସମବାୟ ସମିତି ଗଠନ ହୋଇଥିଲା। ଏହା ଅଧୀନରେ କୁଜଙ୍ଗ, ରାଜନଗର, ରାଜକନିକା, ପିପିଲି, ନୟାହାଟ, ପାରାଦ୍ୱୀପ ପ୍ରମୁଖ ସ୍ଥାନରେ ଲୁଣ ବିକ୍ରି କରି ଉଚିତ ମୂଲ୍ୟ ମିଳୁଥିଲା। ୧୯୯୯ମହାବାତ୍ୟାରେ ଲୁଣ ଚାଷ ଓ ସମିତି କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିଲା। ୨୦୦୨ରେ ଆୟୋଡିନ ଯୁକ୍ତ ଲୁଣର ପ୍ରଚାର ପ୍ରସାର ଯୋଗୁଁ ଦେଶୀ ଲୁଣର ଚାହିଦା ଧୀରେ ଧୀରେ କମିଥିଲା। ଅନ୍ୟ ପକ୍ଷରେ ଲୁଣ ଚାଷ ପାଇଁ ଲିଜ ସୂତ୍ରରେ ଜମିର ନବୀକରଣ ନ ହେବାରୁ ୨୦୦୨ରୁ ଲୁଣ ଉତ୍ପାଦନ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡିଯାଇଛି। ଅନେକ ବ୍ୟକ୍ତି ବିଶେଷଙ୍କ ସହ କିଛି ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ଲବଣ ଜମି ଉପରେ। ଜମି ଜବରଦଖଲ ସମେତ ବିଭିନ୍ନ ସ୍ଥାନରେ ଏବେ ମାଳ ମାଳ ଚିଙ୍ଗୁଡ଼ି ଘେରି ମୁଣ୍ଡ ଟେକିଛି।

ବର୍ତ୍ତମାନ ସମିତିର ସଭାପତି ରାଜକିଶୋର ବେହେରା କୁହନ୍ତି ୧୯୯୫ରେ ସମିତି ଅଧୀନରେ ୪୮୦ଏକର ଜମି ଥିଲା। ୧୯୯୪-୯୫ରେ ଏହି ଜମି ୭୫ଏକରରେ ସୀମିତ ରଖି ୪୦୫ଏକର ସରକାରୀ ଖାତାକୁ ଯାଇଥିଲା। ତେବେ ୭୫ଏକର ଜମିରୁ ଯାହା ଲୋକ କହିବା ମୁତାବକ ୧ଏକର ୩୦ଡେସି ମିଳିରେ ତହସିଲ, ୧ଏକର ୨୦ଡେସି ମିଳି ରେ ନୂତନ ଥାନାର ଭିତ୍ତିଭୂମି, ପ୍ରାୟ ୨୨ଡେସିମିଲି ଜାଗାରେ ଲୁଣ ସମବାୟ ସମିତି ଦଣ୍ଡାୟମାନ। ଅସ୍ତରଙ୍ଗରୁ କିଛି ଦୂରରେ ଏକ ବିସ୍ତିର୍ଣ୍ଣ ଜମି ରହି ଲୁଣପାଟ ନାମରେ ନାମିତ। କାଳକ୍ରମେ ଏହା ସଂକୁଚିତ ହୋଇ ଜମି ହଜିଯିବାକୁ ବସିଛି। ଅନୁମତି ବା ପ୍ରୋତ୍ସାହନ ମିଳିଲେ ଅତ୍ୟାଧୁନିକ ପଦ୍ଧତିରେ ଅସ୍ତରଙ୍ଗରେ ଲୁଣଚାଷ ପୁନଃଜୀବିତ ହୋଇ ଜୀବିକା ଫେରିବା ସମେତ ରାଜସ୍ୱ ବୃଦ୍ଧି ସମ୍ଭବ ହୁଅନ୍ତା ବୋଲି ଅନେକ ବୁଦ୍ଧିଜୀବୀ କୁହନ୍ତି।



## ବାଲିପୋଖରି ଜଙ୍ଗଲରେ ପକ୍ଷୀଙ୍କ ପାନୀୟ ଜଳ ବ୍ୟବସ୍ଥା

**ବାଲିଅନ୍ତା, ୨୩।୩ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଯଶୁଆପୁର ଗ୍ରାମର ବାଲିପୋଖରି ନିକଟରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଜଙ୍ଗଲରେ ଗ୍ରୀଷ୍ମ ଋତୁ ସମୟରେ କିପରି ପକ୍ଷୀଙ୍କ ସୁରକ୍ଷା ସହଜରେ ପାଣି ପିଇ ପାରିବେ ନେଇ ବାଲିଅନ୍ତା ବ୍ଲକ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ ଓ ଯଶୁଆପୁର ଜଙ୍ଗଲ ସୁରକ୍ଷା ସମିତିର ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜଙ୍ଗଲରେ ବିଭିନ୍ନ ଗଛରେ ମାଟି ପାତ୍ରକୁ ଶିକା ଦ୍ୱାରା ଗଛରେ ଝୁଲାଇ ସେଥିରେ ପକ୍ଷୀମାନଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରାଯାଇଛି । ପ୍ରକାଶ ଥାଉକି ଏହି ଜଙ୍ଗଲରେ ବିଭିନ୍ନ ଫୁଲ ଓ ଫଳ ଗଛ ରୋପଣ କରାଯାଇ ଜଶୁଆପୁର ବିକାଶ ପରିଷଦ ଦ୍ୱାରା ରକ୍ଷଣ ବେକ୍ଷଣ କରାଯାଉଛି । ଏହି କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ପ୍ରଳୟ କୁମାର ଦାସ, ପ୍ରତାପ ପ୍ରଧାନ , ଦୀପକ ସ୍ୱାଇଁ ଓ ଅଭିଷେକ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ । ଜଙ୍ଗଲରେ ୧୫ ଟି ମାଟି ପାତ୍ର ଗଛରେ ରଖା ଯାଇଛି।




## କଳା ପ୍ରିୟ କଂଗ୍ରେସ ଦଳ



କଂଗ୍ରେସ ଦଳ କଳାପ୍ରିୟ। ଏକଥା ଏବେ ରାଜ୍ୟର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଆଲୋଚନା ହେବାରେ ଲାଗିଛି। କଳା ରଙ୍ଗ ହେଉ କି କଂଗ୍ରେସିଆଙ୍କ ବିଭିନ୍ନ କଳା ହେଉ, ତାହା ଏବେ ଚର୍ଚ୍ଚାରେ। ବିଧାନସଭାକୁ କଂଗ୍ରେସ ସଦସ୍ୟମାନେ ଯେଉଁଭଳି ଭାବେ କଳା ପୋଷାକ ପିନ୍ଧି ଓ ମୁଣ୍ଡରେ କଳାପଟି ବାନ୍ଧି ପ୍ରବେଶ କଲେ ସେଥିରେ ଜଣେ ଦୁଇ ଜଣଙ୍କ ବ୍ୟତିତ ଅନ୍ୟମାନଙ୍କୁ କେହି ବି ଚିହ୍ନି ପାରିଲେ ନାହିଁ। ପ୍ରତିବାଦ ପାଇଁ ରାତାରାତି କଳା ପ୍ୟାଣ୍ଟସାର୍ଟ ତିଆରି କରିଦେଲେ। ଅବଶ୍ୟ ଦଳର ବିଧାନସଭା ମୁଖିଆଙ୍କୁ ପୋଷାକ ନମିଳିବାରୁ ସିଏ ଗୋଟିଏ କଳା କପଡା ଢାଙ୍କିହୋଇ ଆସିଲେ। ଏହାପରେ କଂଗ୍ରେସିଆମାନେ ବିଧାନସଭା ଭିତରେ ଯେଉଁ ପବିତ୍ର କଳା ଦେଖାଇଲେ ତାହା ଏବେ ଚର୍ଚ୍ଚାରେ। କିଏ ଘଣ୍ଟୁଆ ତ ଆଉ କିଏ ମହୁରିଆ। ବଇଂଶୀ ଫୁଙ୍କିବାରେ ବି ଓସ୍ତାଦ। ଗିନି ମାଡ ବି ତାଳରେ ହେଉଥିଲା। ସବୁ ବଳିଗଲା ମଝିରେ ମଝିରେ ବାଜୁଥିବା ସୁସୁରୀ। ଏତେସବୁ କଳାର ଏକକାଳୀନ ପ୍ରଦର୍ଶନ ଦେଖିବାପରେ କଂଗ୍ରେସିଆଙ୍କ କଳାକୁ ରାଜ୍ୟବାସୀ ତାରିଫ ନକରି ରହିପାରୁ ନାହାନ୍ତି। ଖାଲି ଏଭଳି କଳା ପ୍ରଦର୍ଶନ ଯୋଗୁଁ ଗରିବ ଲୋକଙ୍କ ଟିକସ ପଇସାରୁ କୋଟି କୋଟି ଟଙ୍କା ସ୍ୱାହା ହୋଇଯାଉଥିବାରୁ ଯାହା ମନଦୁଃଖ କରୁଛନ୍ତି।

## ମନ ମୋହିଲା ଅରୁଣଙ୍କ ଗୀତ



ନୟାଗଡ ମଣି ଡକ୍ଟର ଅରୁଣ ସାହୁ ଜଣେ ସୁଲେଖକ ଭାବେ ବେଶ୍ ଜଣାଶୁଣା। ପ୍ରତ୍ୟେକ ନୂଆବର୍ଷରେ ତାଙ୍କର ସ୍ୱରଚିତ କବିତାର ଅଭିନନ୍ଦନପତ୍ର ଟି ଦେଖିବାକୁ ମିଳିଥାଏ। ଅନେକ ଏହାକୁ ଆଗ୍ରହରେ ପଢିଥାନ୍ତି। ହେଲେ ଏଥର ବିଧାନସଭାରେ ଅରୁଣଙ୍କ କବି ସୁଲଭ ଗୁଣ କିନ୍ତୁ ଚର୍ଚ୍ଚାରେ। ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ଆଲୋଚନା ସମୟରେ ଅରୁଣଙ୍କ କବିତା ସମସ୍ତଙ୍କ ମନକୁ ପାଇଥିଲା। ଜଣେ ପୂର୍ବତନ ମନ୍ତ୍ରୀ ଖର୍ଚ୍ଚଦାବି ଆଲୋଚନାକୁ କବିତାରେ ଆରମ୍ଭ କରି କବିତାରେ ସାରିବା ଥିବା ନୂଆ ରେକର୍ଡ। ଅରୁଣଙ୍କ କବିତାରେ ମହାନଦୀ ନାମରେ କଳା, ପରିବେଶ, ରାଜନୀତି ସବୁକିଛି ଭରପୂର ହୋଇ ରହିଥିଲା। ଅରୁଣ ତାଙ୍କର କବିତା ପଢୁଥିବାବେଳେ ମହାନଦୀର କାରୁଣ୍ୟତା ଗୃହ ଭିତରେ ଛାଇ ଯାଇଥିଲା। କବିତାରେ ଅରୁଣ କେବଳ ଶାସକଦଳକୁ ସମାଲୋଚନା କରିନଥିଲେ ଆଗାମୀଦିନ ପାଇଁ ସତର୍କ ବି କରାଇ ଦେଇଥିଲେ। ଏବେ ଅନେକ ଲେଖକ ଲେଖିକା ଅରୁଣଙ୍କ କବିତାର ପୂରା ଲେଖାଟିକୁ ଖୋଜିବାରେ ଲାଗିଛନ୍ତି। ମହାନଦୀକୁ ନେଇ ଅରୁଣଙ୍କ କବିତା ଶାସକଦଳ ପାଇଁ ବଡ ଆହ୍ୱାନ ହୋଇଥିବାବେଳେ ଆଗାମୀ ଦିନରେ କବିତା ଛଳରେ କିଏ ଅରୁଣଙ୍କ ଜବାବ ଦେବ ତାହାକୁ ନେଇ ଆଲୋଚନା ଚାଲିଛି। ତେବେ ନୟାଗଡ ମାଟିର ସାହିତ୍ୟକୁ କିଏ କେଉଁଭଳି ଭାବେ ଟକ୍କର ଦେଉଛନ୍ତି ତାହାକୁ ଏବେ ବିଧାନସଭା ଭିତରେ ଓ ବାହାରେ ଅନେକ ଅପେକ୍ଷା କରିଛନ୍ତି।

## ଛଟପଟ ହେଉଛନ୍ତି ଦୁଇ ପୂର୍ବତନ ମୁଖ୍ୟ ସଚିବ




ରାଜ୍ୟର ଦୁଇ ଜଣ ପୂର୍ବତନ ମୁଖ୍ୟ ସଚିବ ଏବେ ଭାରି ଛଟପଟ ହେଉଛନ୍ତି। ଅବସର ପରେ କିଛିଦିନ ପାଇଁ ଥଇଥାନ ହୋଇଥିବାବେଳେ ଏବେ ନୂଆ ସରକାରରେ ସେମାନଙ୍କୁ କେହି ପଚାରୁ ନାହାନ୍ତି। କାଳେ କିଛି କ୍ଷମତା ମିଳିଯିବ ସେହି ଆଶାରେ ଏବେ ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରଖିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଦିଲ୍ଲୀରେ ଲବି ଚଳାଇଥିବାବେଳେ ଆଉ ଜଣେ ପୂଜାର୍ଚ୍ଚନାରେ ମାତିଛନ୍ତି। ରାଜ୍ୟର ବିଭିନ୍ନ ଦେବା ଦେବୀଙ୍କ ମନ୍ଦିରକୁ ଯାଇ ନିଜର ମନସ୍କାମନା ଜଣାଉଛନ୍ତି। ତେବେ ଏହି ଦୁଇ ଜଣ କେଉଁ ବାଟ ଦେଇ ଗଲେ କ୍ଷମତା କେନ୍ଦ୍ରରେ ପହଞ୍ଚିବେ ତାହା ସହଜରେ ଜାଣିପାରୁ ନଥିବାରୁ ଆଗକୁ ବଢ଼ିପାରୁ ନାହାନ୍ତି। ଇତି ମଧ୍ୟରେ ଜଣେ ପୂର୍ବତନ ମୁଖ୍ୟ ସଚିବ ରାଜନୀତି କରିବାପାଇଁ ମନ ବଳାଉଥିବା ଖବରଟି ନିଜର କିଛି ଅନୁଗତ ସାମ୍ବାଦିକଙ୍କ ଜରିଆରେ ବଜାରକୁ ଛାଡିଥିଲେ। ଭାବିଥିଲେ କେଉଁ ଦଳରୁ ହେଲେ ବି ତାଙ୍କୁ ଡାକରା ଆସିବ। ଗୋଟିଏ ପଟୁ ଡାକରା ଆସିଲେ ଅନ୍ୟ ପଟକୁ ଖବର ପଠାଇ ମୂଲଚାଲ କରିବେ। ହେଲେ ସେମିତି କିଛି ହେଲା ନାହିଁ। ତେବେ ଯେମିତି ହେଲେ ପାୱାର କରିଡରରେ ପଇଁତରା ମାରିବାପାଇଁ ଦୁଇଜଣ ପୂରା ଦମ୍‌ରେ ଲାଗିଛନ୍ତି। ତେବେ ଏମାନଙ୍କୁ କୌଣସି ପଟରୁ କିଛି ଖବର ଆସୁନଥିବାରୁ ଚିନ୍ତା ବଢ଼ିବାରେ ଲାଗିଛି।

## କାଠଗଡ଼ାକୁ ଟଣାହେବେ ବହୁ ଏନ୍‌ଜିଓ




କେନ୍ଦୁଝରର ଖଣି ଚୋରି ମାମଲାରେ ରାଜାଚକ୍ର ଜେଲ ଯିବାପରେ ଏବେ ସେତେବେଳର ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ଜିଲ୍ଲାପାଳ ଆଶିଷ ଠାକେରଙ୍କୁ ବାନ୍ଧିବାପାଇଁ ବିଭିନ୍ନ ମହଲରୁ ଦାବି ଉଠିବାରେ ଲାଗିଛି। ତେବେ ଆଶିଷଙ୍କ ଆର୍ଶୀବାଦରେ କେନ୍ଦୁଝର ଜିଲ୍ଲାରେ ନିଜର କଳେବର ବଢ଼ାଇଥିବା କେତେକ ଏନ୍‌ଜିଓ ଏବେ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। କାରଣ ଦାବି ଅନୁଯାୟୀ ଆଶିଷ ଯଦି ତଦନ୍ତର କାଠଗଡାକୁ ଆସିବେ ତେବେ ସିଏ ଆର୍ଶୀବାଦ କରିଥିବା ଅନେକ ଏନ୍‌ଜିଓ ବି ଟଣାହେବେ। ଏ ସଂକ୍ରାନ୍ତରେ ମିଳିଥିବା ସୂଚନା ଅନୁଯାୟୀ କିଛି ଏନ୍‌ଜିଓ ସେତେବେଳେ ଆଶିଷଙ୍କର ଆଶିଷ ଲାଭ କରି ଭଲ ପଇସା କମାଇଛନ୍ତି। ନେଇଛନ୍ତି ଓ ଦେଇଛନ୍ତି ବି। ଅଭିଯୋଗ ହୋଇଥିଲା ଯେ ଆଶିଷଙ୍କ ଜଣେ ସମ୍ପର୍କୀୟ ଗୋଟିଏ ଏନ୍‌ଜିଓରେ ମୋଟା ଅଙ୍କର ଦରମାରେ ଚାକିରି କରିଥିଲେ। ନାଁକୁ ଚାକିରି, ଘରେ ବସି ମାସକୁ ମାସ ଟଙ୍କା ଗଣି ନେଉଥିଲେ। ଅବସ୍ଥା ଏଭଳି ହୋଇଥିଲା ଯେ ସେହି ଏନ୍‌ଜିଓ ମୁଣ୍ଡରେ ଆଶିଷଙ୍କ ହାତ ଥିବାରୁ ଜିଲ୍ଲାର ଅନ୍ୟ ଏନଜିଓମାନେ ଉଧେଇ ପାରିଲେ ନାହିଁ। ଏବେ ଆଶିଷ ଓ ସମ୍ପୃକ୍ତ ଏନ୍‌ଜିଓର କଳାଚିଠାକୁ ଆଉ କିଛି ଏନ୍‌ଜିଓ କମକର୍ତ୍ତା ପ୍ରସ୍ତୁତ କରୁଥିବାର ସୂଚନା ମିଳୁଛି। ଦେଖାଯାଉ ଚିଠା କେବେ ବଜାରକୁ ଆସୁଛି।

## ଇଜ୍ଜତ ରଖିଦେଲା ଖାଦ୍ୟ ପୁଡିଆ



ଇନ୍ଦିରା ପାର୍କ କଡରେ ସରଗରମ ଆଲୋଚନା ହେଉଥିବା ଦେଖି ଆମେ ଟିକେ ଚା' ପିଆ ବାହାନାରେ ଅଟକିଗଲୁ। ସେଠାରେ ଗତ ରାତିର ସଭା ସଂକ୍ରାନ୍ତରେ ଆଲୋଚନା ଚାଲିଥାଏ। ଜଣେ ବାବୁ କହୁଥାନ୍ତି, ବୁଝିଲ, ଗତକାଲି ଖାଦ୍ୟ ପୁଡିଆ ଆୟୋଜକଙ୍କ ଇଜ୍ଜତ ବଞ୍ଚାଇ ଦେଲା। ନହେଲେ ମନ୍ତ୍ରୀ ଆସିଲା ବେଳକୁ କେହି ନଥାନ୍ତେ। ଆଉ ବୁଝନପାରି ମୁଣ୍ଡ ହଲାଇବାରୁ କୁହାଳିଆ ବାବୁ ଜଣଙ୍କ କହିଲେ, ଜଣେ ଗୀତଗୋବିନ୍ଦ ସଦନରେ ନିଜ ପିତାଙ୍କ ସ୍ମୃତିରେ ସଭାଟିଏ ଡାକିଥିଲେ। ଜଣେ ଯୁବ ଅତିଥି କରିଥିଲେ। ସଭାର ସମୟ ଥିଲା ସଂଧ୍ୟା ସାଢେ ଛଅଟା। ଆୟୋଜକ ଜଣେ ନାମକରା ଜଣେ ବ୍ୟକ୍ତି ମନ୍ତ୍ରୀଙ୍କୁ ମୁଖ୍ୟ ବ୍ୟକ୍ତି ହୋଇଥିବାରୁ ତାଙ୍କ ନିମନ୍ତ୍ରଣ ପାଇ ରାଜଧାନୀର ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚିଥିଲେ। ସମସ୍ତଙ୍କ ଅପେକ୍ଷା ଥିଲା ଯୁବ ମନ୍ତ୍ରୀଙ୍କୁ। ମନ୍ତ୍ରୀ ଆସିଲେ ଦୀପ ଜଳିବ। ସମୟ ଗଡି ଚାଲିଲା। ମନ୍ତ୍ରୀଙ୍କ ସହାୟକ ସୂଚନା ଦେଉଥାନ୍ତି ଆଉ ୧୦ ମିନିଟ୍ ଡେରି ହେବ। ଆୟୋଜକ ବି ମାଇକ୍‌ରେ ପ୍ରଚାର କରୁଥାନ୍ତି। ବାରମ୍ବାର ଘୋଷଣା ସହିତ ରାତି ସାଢେ ୭ଟା ଟପିବାରୁ ଆୟୋଜକ ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଚା' ଯୋଗାଇଲେ। ହେଲେ ଖାଦ୍ୟ ପୁଡିଆ ଛାଡିଲେନି। ଏମିତି ରାତି ୮ଟା ଟପିବାରୁ ଅଧା ଲୋକେ ପଳାଇଲେ। ମନ୍ତ୍ରୀଙ୍କ ମୁଣ୍ଡରେ ଚନ୍ଦନ ସିନ୍ଦୁର ପିନ୍ଧାଇବା ଯୁବତୀ ବି ରହିଲେନି। ଶେଷରେ ମନ୍ତ୍ରୀ ଆସି ପହଞ୍ଚିଲେ। ସେତେବେଳକୁ ଯେଉଁମାନେ ଉପସ୍ଥିତ ଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପୁଡିଆ ଆଶାରେ ବସିଥିଲେ। ପୁଡିଆ ନଥିଲେ ମନ୍ତ୍ରୀଙ୍କ ଭାଷଣ କିଏ ଶୁଣିଥାନ୍ତା ? ବାବୁଙ୍କର ଏଭଳି ପ୍ରଶ୍ନ ଶୁଣିଲା ପରେ କାଳେ ପାଟିରୁ କିଛି ବାହାରିଯିବ ତେଣୁ ଆମେ ତୁରନ୍ତ ସେ ସ୍ଥାନ ଛାଡିଲୁ।

# ଅପହର୍ତ୍ତାଙ୍କ କବଳରୁ ଖସିଆସିଲେ ବ୍ୟବସାୟୀ

- ବଖାଣିଲେ ଲୋମଟାଙ୍କୁରା କାହାଣୀ
- ଅପହରଣରେ ସାମିଲ୍ ଥିଲେ ୫ ଯୁବକ
- ସିନ୍ ରିକ୍ରିଏସନ୍ ସହ ପୁଲିସ୍‌ର ଖୋଳତାଡ଼



ଜୟପୁର,୨୩।୩(ସଂଚାର ବ୍ୟୁରୋ): କୋରାପୁଟର ଜୟପୁର ସହରରୁ ଜନୈକ ବ୍ୟବସାୟୀଙ୍କୁ ୫ ଜଣ ଯୁବକ ଅପହରଣ କରିନେଇଥିବା ବେଳେ ପାଖାପାଖି ୧୪ ଘଣ୍ଟା ପରେ ସେ ସେମାନଙ୍କ କବଳରୁ ମୁକୁଳିଛନ୍ତି। ମୁକୁଳିବା ପରେ ସେ ତାଙ୍କ ଅପହରଣ ସମୟର ଲୋମଟାଙ୍କୁରା କାହାଣୀ ବଖାଣିଛନ୍ତି। ସେ କହିଛନ୍ତି ଯେ ୫ ଜଣ ଯୁବକ ଏକ କାରରେ ଆସି ତାଙ୍କୁ ଉଠାଇନେଇଥିଲେ। ତାଙ୍କ ଆଖିରେ ପଟି ବାନ୍ଧି ସେମାନେ ୧୪ ଘଣ୍ଟା ଧରି ଏକ ପାହାଡ଼ ଉପରେ ତାଙ୍କୁ ରଖିଥିଲେ। ରାତି ଅଧରେ ସୁନା ଚେନ୍‌ଠାରୁ ଆରମ୍ଭ କରି ତାଙ୍କ ପାଖରେ ଥିବା ପ୍ରତିଟି ଦାମୀ ସାମଗ୍ରୀ ଲୁଟିନେଇଥିଲେ। କିନ୍ତୁ ଶୌଚ ହେବା ବାହାନାରେ ସେ ଏହି ଅପହର୍ତ୍ତାଙ୍କ କବଳରୁ ଖସିଆସିବାରେ ସକ୍ଷମ ହୋଇଥିବା ଉକ୍ତ ବ୍ୟବସାୟୀ ଜଣଙ୍କ କହିଛନ୍ତି। ଏହା କୌଣସି ଫିଲ୍ମର କାହାଣୀ ପରି ଲାଗୁଥିଲେ ହେଁ ଘଟଣାଟି ସମ୍ପୂର୍ଣ୍ଣ ସତ। ଜୟପୁର ସହରର ଅପହୃତ ବ୍ୟବସାୟୀ ଏ. କ୍ରିଷ୍ଣା ରାଓ ତାଙ୍କ ସହ ଘଟିଥିବା ଏପରି ଭୟାନକ ଅଘଟଣ ନେଇ ସୂଚନା ଦେବା ପରେ ଏହା ଏବେ ସ୍ଥାନୀୟ ଅଞ୍ଚଳରେ ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନାନୁସାରେ, ଗତ ଶୁକ୍ରବାର ଏ. କ୍ରିଷ୍ଣା ରାଓ ବ୍ୟାବସାୟିକ କାର୍ଯ୍ୟରେ ଗେଟଗୁଡ଼ା ଯାଇଥିଲେ। କିନ୍ତୁ ଅଚାନକ ସେଠାରେ ଏକ କାରରେ ତାଙ୍କୁ ୫ ଜଣ ଯୁବକ ଅପହରଣ କରିନେଇ ବିଶିଂପୁର୍ ଥାନା ଅନ୍ତର୍ଗତ କିରମଗୁଡ଼ା ଗ୍ରାମର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଏକ ଘରେ ରଖିଥିଲେ। ଏଥିସହ ସେମାନେ ତାଙ୍କ ଚେନ୍, ମୁଦି ସବୁକିଛି ଲୁଟିନେଇଥିଲେ। କିନ୍ତୁ ରାତି ପାହୁ ପାହୁ ସେ ଶୌଚ ହେବା ବାହାନାରେ ଅପହର୍ତ୍ତାଙ୍କ ଆଖିରେ ଧୂଳିଦେଇ ଖସିଆସିବାରେ ସକ୍ଷମ ହୋଇଥିଲେ। ଏଥିସହ ସେ ସ୍ଥାନୀୟ ଅଞ୍ଚଳର ବିଶ୍ୱନାଥ ମୁଦୁଲି ନାମକ ଜନୈକ ବ୍ୟକ୍ତିଙ୍କ ସହାୟତାରେ ବୋରିଗୁମ୍ମା ଆସି ପରିବାର ଲୋକେ ଓ ପୁଲିସକୁ ସୂଚନା ଦେଇଥିଲେ।

ଏନେଇ ଶ୍ରୀ ରାଓଙ୍କୁ ବୋରିଗୁମ୍ମା ଥାନାରେ କୋରାପୁଟ ଏସପି ରୋହିତ ବର୍ମା ପଚରାଉଚରା କରିବା ସହ ତାଙ୍କ ସହଯୋଗରେ ଉକ୍ତ ଦୁର୍ଗମ ପାହାଡିଆ ଗାଁରେ ସିନ ରିକ୍ରିଏସନ୍ କରିଛନ୍ତି। ତେବେ ଶ୍ରୀ ରାଓ ମୁକୁଳିବା ପରେ ତାଙ୍କୁ କେଉଁ ପରିସ୍ଥିତିରେ ଓ କେଉଁ ଉଦ୍ଦେଶ୍ୟ ନେଇ ଅପହରଣ କରାଯାଇଥିଲା, ତାହା ଜାଣିବା ସକାଶେ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି। ତେବେ ଜୟପୁରରେ ପୂର୍ବରୁ ମଧ୍ୟ ଏହିପରି ଘଟଣା ଘଟିଥିବାରୁ ଏଠାରେ ଅପହର୍ତ୍ତାମାନେ ବାରମ୍ବାର ପୁଲିସ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଏପରି ଘଟଣାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ଏଥିରେ ରୋକ୍ ଲଗାଇବା ଦିଗରେ ପୁଲିସ୍ କ'ଣ ପଦକ୍ଷେପ ନେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

● ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

# ବାଙ୍ଗିରିପୋଷି ଓ ବିଶୋଇ କ୍ଷତିଗସ୍ତ ଅଞ୍ଚଳ ପରିଦର୍ଶନ



ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାରେ କାଳବୈଶାଖୀଜନିତ କୁଆପଥର ବର୍ଷାରେ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଭାବିତ ଅଞ୍ଚଳ ଗସ୍ତ କରିଛନ୍ତି। ମନ୍ତ୍ରୀ ବାଙ୍ଗିରିପୋଷି ବ୍ଲକ୍‌ର ସୋରାସପୋଷି, ହାଣଦା, ସିଲପୁଞ୍ଜି, ମଣଦା, ମହୁଲବରେଇ ଓ ବିଶୋଇ ବ୍ଲକ୍‌ର ମୂଷାମାରି, ପୁଣ୍ଡିଦା, ଖଡମବେଢ଼ା, ସାରସପଡ଼ା, କେଶରଗଡ଼ିଆ ଆଦି ଗସ୍ତ କରି ସେଠାକାର ସ୍ଥିତି ପରଖିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ଘର ମରାମତି ପାଇଁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବ ଓ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ହିତାଧିକାରୀମାନଙ୍କୁ ମଧ୍ୟ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ।


ମୟୂରଭଞ୍ଜ ଜିଲ୍ଲାର ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତିର ଆକଳନ ଅନୁଯାୟୀ, ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୧୯ କୋଟି ୬୫ ଲକ୍ଷ ୧୦ ହଜାର ୬୫୮ ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ପଲିଥିନ୍ ଯୋଗାଇ ଦିଆଯାଇଥିବା ବେଳେ ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକଙ୍କ ସହ ଭୋଜନ କରିବା ସହ ଅସ୍ଥାୟୀ ହେଲିପ୍ୟାଡ୍‌ରେ ସ୍ଥିତିର ସମୀକ୍ଷା କରିଛନ୍ତି। ଆସନ୍ତାକାଲି ସୁଦ୍ଧା ଗୃହ ମରାମତି, ଆବଶ୍ୟକ ଲୁଗାପଟା, ବାସନକୁସନ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ସକାଶେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପୂଜାରୀଙ୍କ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାୟକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ଓ ଜିଲ୍ଲାପାଳ ହେମକାନ୍ତ ସୟ ପ୍ରମୁଖ ଉପସ୍ଥିତ ଥିଲେ।

### ଢେଲାମାଡ଼ରେ କନେଷ୍ଟବଳ ଆହତ, ଭାଙ୍ଗିଲା କାର୍ କାଚ



ଆଜି ରାଜସ୍ୱ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଆଜି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିରେ ବିରୋଧ କରାଯାଇଛି। ଦୁଇ ମନ୍ତ୍ରୀଙ୍କୁ ଛାଡ଼ି ଆସୁଥିବା ସମୟରେ ମନ୍ତ୍ରୀଙ୍କ କାର୍‌ର କାଚ ଉପରକୁ ଢେଲାପଥର ମାଡ଼ ହୋଇଛି। ଏଥିରେ ଉକ୍ତ କାର୍ କାଚ ଭାଙ୍ଗିଥିବା ଜଣାପଡ଼ିଛି। କାଳବୈଶାଖୀଜନିତ ବର୍ଷା ଯୋଗୁଁ ଘଟିଥିବା କ୍ଷୟକ୍ଷତି ଆକଳନ ପାଇଁ ମୟୂରଭଞ୍ଜ ବାଙ୍ଗିରିପୋଷି ଯାଇଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେମାନେ ସମୀକ୍ଷା ସାରି ହେଲିପ୍ୟାଡକୁ ଯାଇଥିଲେ। ସେଠାରେ ଦୁଇ ମନ୍ତ୍ରୀଙ୍କୁ ହେଲିକପ୍ଟର ଯୋଗେ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ସେମାନଙ୍କୁ ଛାଡ଼ି କାରକେଡ୍ ଗାଡ଼ି ଫେରୁଥିବା ସମୟରେ କେତେକ ଉତ୍ୟକ୍ତ ଲୋକ ଉକ୍ତ କାର୍ ଉପରକୁ ଢେଲାପଥର ମାଡ଼ କରିଥିଲେ। ଏଥିରେ ମନ୍ତ୍ରୀଙ୍କ କାରକେଡରେ ଯାଇଥିବା କାର୍‌ର କାଚ ଭାଙ୍ଗିଯାଇଛି। ଏଥିସହ ଢେଲା ପଥର ମାଡ଼ରେ ଜଣେ କନେଷ୍ଟବଳଙ୍କ ମୁଣ୍ଡ ମଧ୍ୟ ଫାଟିଥିବା ଜଣାପଡ଼ିଛି। ଏନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ତାଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜନୈତିକ ଫାଇଦା ହାସଲ କରିବା ସକାଶେ ମନ୍ତ୍ରୀଙ୍କ କାର୍ ଉପରକୁ ଏପରି ଆକ୍ରମଣ କରାଯାଇଛି। ସମସ୍ୟା ସମୟରେ ସମସ୍ତେ ଏକାଠି ହେବାର ଆବଶ୍ୟକତା ରହିଛି। କିପରି ଲୋକଙ୍କ ପାଖରେ ସହାୟତା ପହଞ୍ଚିବ, ସେ ଦିଗରେ ସମସ୍ତେ ସହଯୋଗ କରିବା ଦରକାର। ମାତ୍ର ଉଦ୍ଦେଶ୍ୟ ସାଧିତ ହେଉନଥିବା ଦେଖି କେତେକ ଅସୂୟା ସ୍ୱଭାବର ଲୋକ ରାଜନୈତିକ ଫାଇଦା ପାଇବା ସକାଶେ ଏପରି ଢେଲାପଥର ମାଡ଼ କରିଥିବା ବାଙ୍ଗିରିପୋଷି ବିଧାୟିକା କହିଛନ୍ତି।

# ବହି ଗୋଦାମରେ ଅଗ୍ନିକାଣ୍ଡ, ୩ ଆହତ



ଜଗତସିଂହପୁର, ୨୩।୩(ସଂଚାର ବ୍ୟୁରୋ): ଜଗତସିଂହପୁର ଜନତା କୋଠି ଛକରେ ଥିବା ଏକ ବହି ଗୋଦାମରେ ଆଜି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ବିସ୍ଫୋରଣରୁ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କାର ବହି ଏବଂ ପାଠ୍ୟୋପକରଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ଏହି ଅଗ୍ନିକାଣ୍ଡରେ ଉକ୍ତ ଗୋଦାମରେ କାମ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯିବା ସହ ଚିକିତ୍ସା ପାଇଁ ଜଗତସିଂହପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରେ ସେମାନଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ ଏହାର ପ୍ରଭାବରେ ଉକ୍ତ ଗୋଦାମ ଘରର କାନ୍ଥ ଫାଟିଯାଇଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ସାମ୍ନାକୁ ଆସିପାରିନାହିଁ। ଖବର ପାଇ ବାଲିକୁଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

# ପୋସ୍ ମେସିନ୍ ବାହାର କରୁନି ପୁଲିସ୍



ଭୁବନେଶ୍ୱର,୨୩।୩: ଗାଡି ଚାଳକଙ୍କଠାରୁ ଜୋରିମାନା ଅର୍ଥ ଡିଜିଟାଲ ଉପାୟରେ ଆଦାୟ କରିବା ପାଇଁ ପୁଲିସ୍ ଅମଙ୍ଗ। ପୁଲିସ୍ ନିକଟରେ ଏଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପୋସ୍ ମେସିନ୍ ରହିଥିଲେ ମଧ୍ୟ ସେସବୁକୁ କାମରେ ଲଗାଇବାକୁ ଅଧିକାରୀ ଓ କର୍ମଚାରୀମାନେ କୁଣ୍ଠକୁଣ୍ଠ ହେଉଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଗାଡ଼ି ଚାଳକମାନଙ୍କଠାରୁ ଡିଜିଟାଲ ଉପାୟରେ ଜୋରିମାନା ଅର୍ଥ ଆଦାୟ ପାଇଁ ପୁଲିସ୍ ବିଭାଗକୁ ପରିବହନ କର୍ତ୍ତୃପକ୍ଷ ୯୦୦ରୁ ଅଧିକ ପୋସ୍ ମେସିନ ଯୋଗାଇଦେଇଛନ୍ତି। ଏହି ମେସିନ୍ ଜରିଆରେ ଉଭୟ କାର୍ଡ ଏବଂ ୟୁପିଆଇରେ ଅର୍ଥ ପଇଠ କରିହେବ। ପରିବହନ ବିଭାଗ ମଧ୍ୟ ନିଜ ପାଖରେ ୨୫୧ଟି ମେସିନ୍ ରଖିଛି।

ତେବେ ପୋସ୍ ମେସିନ୍ ଥିବା ସତ୍ତ୍ୱେ ପୁଲିସ୍ କର୍ତ୍ତୃପକ୍ଷ କିନ୍ତୁ ନଗଦ ଆଦାୟକୁ ଅଗ୍ରାଧିକାର ଦେଉଛନ୍ତି। ଯିଏ ଡିଜିଟାଲ ପଦ୍ଧତିରେ ଅର୍ଥ ଦେବା କଥା କହୁଛନ୍ତି, ସେମାନଙ୍କୁ ନାଲିଆଖି ଦେଖାଇବାକୁ ମଧ୍ୟ ପଛାଉନାହାନ୍ତି। ନିକଟରେ ଖୋଦ୍ ରାଜଧାନୀରେ ନଗଦ ଅର୍ଥ ନ ଥିବାରୁ ଜନୈକା ନାବାଳିକା ଚାରିଚକିଆ ଯାନ ଭିତରେ ଭୋକ ଉପାସରେ ଆଉଟୁପାଉଟୁ ହେବା ଭଳି ଘଟଣା ସାମ୍ନାକୁ ଆସିଥିଲା। ଉକ୍ତ ଗାଡ଼ି ଉପରେ ନିୟମ ଉଲ୍ଲଙ୍ଘନ ନେଇ ଜୋରିମାନା କରାଯିବା ପରେ ଗାଡ଼ିର ମାଲିକ ଡିଜିଟାଲ ଉପାୟରେ ପଇଠ କରିବାକୁ କହିଥିଲେ। କିନ୍ତୁ ଟ୍ରାଫିକ୍ ଥାନା ଦାୟିତ୍ୱରେ ଥିବା ବାବୁମାନେ କିନ୍ତୁ ନଗଦ ମାଗିଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ତାଙ୍କ ପାଖରେ ନଗଦ ନ ଥିବା କହିଥିଲେ ହେଁ ପୁଲିସ୍ ବାବୁମାନେ କିଛି ଶୁଣିବା ଅବସ୍ଥାରେ ନଥିଲେ।

ପ୍ରାୟ ତିନି ବର୍ଷ ହେଲା ପରିବହନ ଓ ପୁଲିସ୍ ବିଭାଗ ଏହି ପୋସ୍ ମେସିନ୍ ପାଇଥିଲେ ମଧ୍ୟ ଅଳ୍ପ ମେସିନ୍‌ରେ ପରିବହନ ବିଭାଗ ଅଧିକ ଅର୍ଥ ଆଦାୟ କରିଛି। ପରିବହନ ବିଭାଗ ଏହି ସମୟ ମଧ୍ୟରେ ୧୭୦ କୋଟି ଟଙ୍କାର ଅଧିକ ଅର୍ଥ ଆଦାୟ କରିଥିବା ବେଳେ ପୁଲିସ୍ କର୍ତ୍ତୃପକ୍ଷ ୨୯ କୋଟି ଟଙ୍କାରୁ କମ୍ ବି ଅର୍ଥ ଆଦାୟ କରିଛନ୍ତି। ପୋସ୍ ମେସିନ୍‌ରେ ଅର୍ଥ ଆଦାୟ କଲେ ତାହା ସିଧାସଳଖ ରାଜକୋଷକୁ ଯିବ। ଏଥିରେ ପୁଲିସ୍ ବାବୁମାନଙ୍କ ହାତରେ ଟଙ୍କାଟିଏ ବି ଲାଗିବ ନାହିଁ। ତେଣୁ କମିଶନରେଟ ପୁଲିସ୍ କ'ଣ ପାଇଁ ପୋସ୍ ମେସିନ୍‌କୁ ଅଧିକ ଭାବେ ବ୍ୟବହାର କରୁନାହିଁ, ଏଥିରୁ ତାହା ସହଜରେ ଅନୁମେୟ ବୋଲି ଜୋରିମାନା ଗଣିଥିବା କେତେକ ବ୍ୟକ୍ତି ମତ ଦେଇଛନ୍ତି।

ଉଲ୍ଲେଖନୀୟ ଯେ ହେଲମେଟ୍ ନଥିବା ହେଉ କିମ୍ବା ଜେବ୍ରା କ୍ରସିଂ ଡିଆଁ ହେଉ, ପୁଲିସ୍ ବାବୁମାନଙ୍କ ନିକଟରେ ଜରିମାନା ପଇଠ ପାଇଁ ପହଞ୍ଚିଲେ ସେମାନେ ସିଧାସଳଖ ନଗଦ ମାଗୁଛନ୍ତି। ପୋସ୍ ମେସିନ୍ ରହିଥିବା ନେଇ କୌଣସି ସୂଚନା ବି ଦେଉନାହାନ୍ତି। ତେଣୁ ପୁଲିସ୍ କମିଶନର ଏହା ଉପରେ ନଜର ଦେବା ପାଇଁ ସାଧାରଣରେ ମତ ପ୍ରକାଶ ପାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ନେଣଦେଣ ଉପରେ ଜୋର ଦେବା ସହ ଏଥିସକାଶେ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ କମିଶନରେଟ ପୁଲିସ୍ ପାଇଥିବା ପୋସ୍ ମେସିନକୁ ବାହାର ନ କରିବା ବିଭାଗୀୟ କର୍ମଚାରୀଙ୍କ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। (ତଥ୍ୟ)


# ସିଆରପିଏଫ୍ ଯବାନଙ୍କଠୁ ଠକିନେଲେ ୨୮ ଲକ୍ଷ

ଭୁବନେଶ୍ୱର,୨୩।୩(ସଂଚାର ବ୍ୟୁରୋ): ସିଆରପିଏଫ୍‌ର ଜନୈକ ଯବାନଙ୍କୁ ଆପାର୍ଟମେଣ୍ଟ ଦେବା ନାଁରେ ଜଣେ ବ୍ୟକ୍ତି ପାଖାପାଖି ୨୮ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଏପରି ଠକେଇର ଶିକାର ହୋଇଥିବା ଯବାନ ଉମାକାନ୍ତ ପାଣିଗ୍ରାହୀ ଏନେଇ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ଠକ ନରୋତ୍ତମ ମହାନ୍ତିଙ୍କୁ ପୁଲିସ ଅଟକ ରଖିଛି। ତାଙ୍କ ଘର ବାଲେଶ୍ୱରର ସୋର ଅଞ୍ଚଳରେ ବୋଲି ଜଣାପଡ଼ିଛି। ତେବେ ନରୋତ୍ତମ ଜଣେ ଅଭ୍ୟାସଗତ ଠକ ଓ ସେ ବିଭିନ୍ନ ଜିଲ୍ଲାରେ ଏକାଧିକ ଲୋକଙ୍କୁ ଠକିଥିବା ନେଇ ଅଭିଯୋଗ ରହିଛି। ଏନେଇ ଅଧିକ ତଥ୍ୟ ହାସଲ ସକାଶେ ପୁଲିସ୍ ନରୋତ୍ତମଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି।

**ନବ ଦାସ ହତ୍ୟା ମାମଲା**

# ୫ ଦିନ ଖୋଳତାଡ଼ ପରେ ଫେରିଲା କ୍ରାଇମବ୍ରାଞ୍ଚ ଟିମ୍

ଝାରସୁଗୁଡ଼ା,୨୩।୩(ସଂଚାର ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ତା'ର ସାନି ତଦନ୍ତ ଆରମ୍ଭ କରିଥିବା ବେଳେ ଗତ ୫ଦିନ ଧରି ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ତଦନ୍ତ କରିଛି। ଏହି ତଦନ୍ତ ପ୍ରକ୍ରିୟା ଶେଷ କରି ଆଜି କ୍ରାଇମବ୍ରାଞ୍ଚ ଟିମ୍ ପ୍ରତ୍ୟାବର୍ତ୍ତନ କରିଛି। ୫ ଦିନ ଧରି ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ ପଚରାଉଚରା କରିବା ସହ ୧୪ରୁ ୧୫ ଜଣଙ୍କ ବୟାନ ରେକର୍ଡ କରିଛି। ଏହି ଟିମ୍‌ର ସଦସ୍ୟମାନେ ନବଙ୍କ ଝାରସୁଗୁଡ଼ା ସରବାହାଲସ୍ଥିତ ବାସଭବନରେ ପହଞ୍ଚି ଝିଅ ଦୀପାଳି ଓ ପୁଅ ବିଶାଳଙ୍କ ବୟାନ ରେକର୍ଡ କରିଛନ୍ତି। ଏଥିସହ ହସ୍ପିଟାଲ ଓ ବିମାନବନ୍ଦରରେ ମଧ୍ୟ ଟିମ୍ ଖୋଳତାଡ଼ କରିଛି। ଖୁବ୍‌ଶୀଘ୍ର ସମସ୍ତ ରିପୋର୍ଟ କୋର୍ଟଙ୍କ ନିକଟରେ ଦାଖଲ କରାଯିବ ବୋଲି କ୍ରାଇମ୍ ବ୍ରାଞ୍ଚ୍ ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ପାଖାପାଖି ଦୁଇ ବର୍ଷ ତଳେ ନବଙ୍କୁ ହତ୍ୟା କରାଯାଇଥିବା ବେଳେ ଅଦ୍ୟାବଧି ହତ୍ୟାକାରୀ କୁହାଯାଉଥିବା ଗୋପାଳ ଦାସଙ୍କୁ ଗିରଫ କରାଯାଇଥିଲେ ହେଁ ଏନେଇ ବିଭିନ୍ନ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ତେଣୁ କ୍ରାଇମ୍‌ବ୍ରାଞ୍ଚ୍ ସାନି ତଦନ୍ତ ଏ ଦିଗରେ ଫଳପ୍ରଦ ସାବ୍ୟସ୍ତ ହେବା ନେଇ ଆଶା ରହିଛି।



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତର ଅଭିବୃଦ୍ଧିରୁ ଉପକୃତ ହେବ ସାରା ବିଶ୍ୱ: ଗେଟ୍ସ

**ନୂଆଦିଲ୍ଲୀ, ୨୩।୩:** ଭାରତର ଅଭିବୃଦ୍ଧିରେ କେବଳ ଭାରତ ନୁହେଁ ସାରା ବିଶ୍ୱର ଉପକାର ହେବ। ଏକଥା ଆମେ କହୁ ନାହୁଁ ଦିନେ ବିଶ୍ୱର ନମ୍ବର ୱାନ ଧନୀ ଥିବା ଆମେରିକା ଶିଳ୍ପପତି ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ କହିଛନ୍ତି। ଗୁରୁବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଲ୍ ଗେଟ୍ସ ଏପରି କହିଛନ୍ତି। କେବଳ ଏତିକି ନୁହେଁ, ସେ ଭାରତରେ ଦ୍ରୁତ ନବସୃଜନ (ଇନୋଭେସନ)କୁ ମଧ୍ୟ ପ୍ରଶଂସା କରିଛନ୍ତି। ବିଲ୍ ଗେଟ୍ସ କହିଛନ୍ତି ଯେ ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ରାଷ୍ଟ୍ର ଭାବରେ ଉଭା ହେବା କେବଳ ଭାରତକୁ ପରିବର୍ତ୍ତନ କରିବ ନାହିଁ ବରଂ ବିଶ୍ୱ ଉପରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। 'ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯିବା ଏକ ଅତ୍ୟନ୍ତ ସକାରାତ୍ମକ ଗତି ସୃଷ୍ଟି କରିଛି ବୋଲି ସେ କହିଛନ୍ତି।



ଭାରତର ଆର୍ଥିକ ଅଭିବୃଦ୍ଧି ସମ୍ଭାବନାକୁ ଆଶାଜନକ ବୋଲି ବର୍ଣ୍ଣନା କରି ଗେଟ୍ସ କହିଛନ୍ତି, 'ଅଭିବୃଦ୍ଧି ହାର ୫% ହେବ କି ୧୦% ହେବ ସେ ବିଷୟରେ ବିତର୍କ ଚାଲିଛି ଏହା ଏକ ଭଲ କଥା।' ତେବେ ଅଭିବୃଦ୍ଧି ହାର ୧୦% ପର୍ଯ୍ୟନ୍ତ ପହଞ୍ଚିବ ବୋଲି ମୁଁ ଭାବୁନାହିଁ, କିନ୍ତୁ ଏହା ୫% ତଳକୁ ମଧ୍ୟ ଯିବ ନାହିଁ। ବିଲ୍ ଗେଟ୍ସ କହିଛନ୍ତି ଯେ ଆର୍ଥିକ ବିସ୍ତାର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାରେ ଅଧିକ ସରକାରୀ ନିବେଶକୁ ସକ୍ଷମ କରିବ, ଯାହା ଫଳରେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି ହେବ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ, ଗେଟ୍ସ କହିଛନ୍ତି ଯେ ଏହି ପ୍ରଯୁକ୍ତିବିଦ୍ୟା ବିରାଟ ପରିବର୍ତ୍ତନ ଆଣିବ। ତେବେ ଏଆଇ ଯୋଗୁ ଯେ ଚାକିରି ଯିବ ଗେଟ୍ସ ଏକଥାକୁ ଅସ୍ୱୀକାର କରିଛନ୍ତି। ଭାରତର ଏଆଇ ବିକାଶ ପଦ୍ଧତିକୁ ମଧ୍ୟ ଗେଟ୍ସ ପ୍ରଶଂସା କରିଚନ୍ତି। ଏହା ଭଲ ଯେ ଭାରତ ସ୍ଥାନୀୟ ଆବଶ୍ୟକତା ଅନୁସାରେ ଓପନ୍-ସୋର୍ସ ଫାଉଣ୍ଡେସନ୍ ମଡେଲକୁ ଗ୍ରହଣ କରିଛି, ଯେଉଁଥିରେ ଭାରତୀୟ ଭାଷାର ସପୋର୍ଟ ରହିଛି ବୋଲି ସେ କହିଛନ୍ତି। କେବଳ ସିତିକି ନୁହେଁ, ଭାରତର ଆଧାର ଓ ୟୁପିଆଇ ସମେତ ଡିଜିଟାଲ୍ ସାର୍ବଜନୀନ ବିକାଶ ଭିତ୍ତିଭୂମିର ସେ ପ୍ରଶଂସା କରିଛନ୍ତି। ଏବଂ ଏହା ସାରା ବିଶ୍ୱକୁ ଭାରତର ଏକ ବଡ଼ ଅବଦାନ ବୋଲି କହିଛନ୍ତି। ଗେଟ୍ସ କହିଥିଲେ, 'ମୁଁ ଯେତେବେଳେ ଭାରତ ଆସେ, ମୁଁ ଅନେକ କମ୍ପାନୀଙ୍କୁ ଏହି ଭିତ୍ତିଭୂମିର ଲାଭ ନେଉଥିବାର ଦେଖେ।' ତାହା ବ୍ୟାଙ୍କିଙ୍ଗ ହେଉ, ସରକାରୀ ସୁବିଧା ହେଉ କିମ୍ବା ଷ୍ଟକ୍ ବାଣିଜ୍ୟ ହେଉ। ଭାରତରେ ନବସୃଜନ ମୋ ଆଶାଠାରୁ ଦ୍ରୁତ ଗତିରେ ଆଗକୁ ବଢ଼ୁଛି।"

ସୂଚନା ଥାଉକି ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ବିଶ୍ୱର ୧୧ତମ ଧନୀ ବ୍ୟକ୍ତି। ଫୋବର୍ସ ଅନୁଯାୟୀ, ତାଙ୍କର ସମ୍ପତ୍ତି ମୂଲ୍ୟ ୧୦୭.୧ ବିଲିୟନ ଡଲାର। ଭାରତୀୟ ମୂଲ୍ୟରେ ପ୍ରାୟ ୯.୨୧ ଲକ୍ଷ କୋଟି ଟଙ୍କା। ବିଲ୍ ଗେଟ୍ସ ୧୯୭୫ ମସିହାରେ ମାଇକ୍ରୋସଫ୍ଟ ପ୍ରତିଷ୍ଠା କରିଥିଲେ। ସେ ୨୦୦୦ ମସିହା ପର୍ଯ୍ୟନ୍ତ କମ୍ପାନୀର ସିଇଓ ପଦବୀରେ ରହିଥିଲେ।



## ଆଜିର ସୁନା ଦର

ବର୍ତ୍ତମାନ ଲକ୍ଷେ ମୁହାଁଇଲାଣି ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧରେ ହୁ ହୁ ହୋଇ ବଢ଼ିଚାଲିଛି ଦର। ଗୋଲ୍ଡ କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରିବାକୁ ପଡୁଛି। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୮୯ ହଜାର ୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୭୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୩୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୪୦୦ ଟଙ୍କା ଓ ୮୯,୭୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୪୫୦ ଟଙ୍କା ଓ ୮୯, ୯୮୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୩୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୯, ୭୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୩୦୦ ଓ ୮୯,୭୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧,୦୦୦ ଟଙ୍କା ହୋଇଛି।


# ବିବାଦ ସତ୍ତ୍ୱେ ବାଂଲାଦେଶରେ ଭାରତୀୟ ଗୁଡ଼ର ଚାହିଦା ଅଧିକ



ନୂଆଦିଲ୍ଲୀ,୨୩।୩ଃ ଉତ୍ତର ପ୍ରଦେଶର ମୁଜାଫରନଗରରୁ ଜିଆଇ ଟ୍ୟାଗ ବାଜିଥିବା ୩୦ ଟନ ଗୁଡ଼ ବାଂଲାଦେଶକୁ ପଠାଯାଇଛି। ଶନିବାର ଏକ ସରକାରୀ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି। ମୁଜାଫରନଗର ଅଞ୍ଚଳ ଏହାର ଉଚ୍ଚମାନର ଆଖୁ ପାଇଁ ପ୍ରସିଦ୍ଧ। ଜିଆଇ (ଭୌଗୋଳିକ ସୂଚକ) ମୁଖ୍ୟତଃ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ମିଳୁଥିବା କୃଷି, ପ୍ରାକୃତିକ କିମ୍ବା ନିର୍ମିତ ଉତ୍ପାଦ (ହସ୍ତଶିଳ୍ପ ଏବଂ ଶିଳ୍ପ ସାମଗ୍ରୀ)। ଏହି ଚିହ୍ନଟକରଣ ଉତ୍ପାଦର ଗୁଣବତ୍ତା ଏବଂ ଅନନ୍ୟତା ସୁନିଶ୍ଚିତ କରେ। ବିବୃତ୍ତିରେ କୁହାଯାଇଛି, ପଶ୍ଚିମ ଉତ୍ତର ପ୍ରଦେଶରୁ ବାଂଲାଦେଶକୁ ସିଧାସଳଖ ଗୁଡ଼ ରପ୍ତାନି କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଏବଂ କୃଷକ ଉତ୍ପାଦକ କମ୍ପାନୀ (ଏଫପିସି) ମାଧମରେ ଆରମ୍ଭ ହେଉଛି। ବାଣିଜ୍ୟ ମନ୍ତ୍ରଣାଳୟ ଏହା ମଧ କହିଛି ଯେ ଭାରତ ମିଜୋରାମରୁ ସିଙ୍ଗାପୁରକୁ ଆନ୍ଥୁରିୟମ ଫୁଲର ରପ୍ତାନି ମଧ କରିଛି। ମିଜୋରାମରେ ଚାଷ ହେଉଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫୁଲ ମଧରୁ ଆନ୍ଥୁରିୟମ ଗୋଟିଏ, ଯାହା ସ୍ଥାନୀୟ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଗୁଡ଼ ଉତ୍ପାଦନରେ ଉତ୍ତର ପ୍ରଦେଶ ଦେଶରେ ଏକ ନମ୍ବର। ଆପଣଙ୍କୁ କହିରଖୁଛୁ ଯେ ପଶ୍ଚିମ ଉତ୍ତର ପ୍ରଦେଶରେ ବ୍ୟାପକ ଭାବରେ ଆଖୁ ଚାଷ କରାଯାଏ। ଏହା ସହିତ, ଏଠାରେ ଅନେକ ଭଲ ମିଲ ଅଛି ଯାହା ଚିନି ଏବଂ ଗୁଡ଼ ତିଆରି କରେ। ଏପରି ପରିସ୍ଥିତିରେ, ୟୁପି ସରକାର ରାଜ୍ୟରେ ଗୁଡ଼ ଉତ୍ପାଦନରେ ଚାଷୀମାନଙ୍କୁ ମଧ ସାହାଯ୍ୟ କରନ୍ତି। ଯାହା ଯୋଗୁଁ ଉତ୍ତର ପ୍ରଦେଶର ଗୁଡ଼ର ଚାହିଦା ଦେଶ ଏବଂ ବିଦେଶରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଗୁଡ଼ ତିଆରି କରିବାର ପାରମ୍ପରିକ ପ୍ରକ୍ରିୟା ବହୁତ ଆକର୍ଷଣୀୟ। ପ୍ରଥମେ, ଆଖୁକୁ ପେଷି ଏହାର ରସ ବାହାର କରାଯାଏ। ତା'ପରେ ଏହାକୁ ବଡ଼ କଡେଇରେ ଫୁଟାଯାଏ ଏବଂ ଅପରିଷ୍କାର ପଦାର୍ଥ ବାହାର କରିବା ପାଇଁ ଏକ ଛାଣି ପ୍ରକ୍ରିୟା କରାଯାଏ। ଏହା ଧୀରେ ଧୀରେ ଘନ ହେବା ସହିତ, ଏହାକୁ ଥଣ୍ଡା କରାଯାଇ ଏକ କଠିନ ଆକାରରେ ଛାଞ୍ଚ କରାଯାଏ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ପ୍ରାକୃତିକ ଏବଂ ଏଥିରେ କୌଣସି ରାସାୟନିକ ପଦାର୍ଥ ମିଶାଯାଏ ନାହିଁ।


### ବେଲଜିୟମ୍‌ରେ ମେହୁଲ ଚୋକ୍‌ସି

# ପ୍ରତ୍ୟର୍ପଣ ପାଇଁ ଭାରତର ଉଦ୍ୟମ



**ନୂଆଦିଲ୍ଲୀ, ୨୩।୩:** ପିଏନ୍‌ବି ମହାଘୋଟାଲାର ଅନ୍ୟତମ ଅଭିଯୁକ୍ତ ମେହୁଲ୍ ଚୋକ୍‌ସି ବେଲ୍‌ଜିୟମର ଅନ୍ତୱର୍ପ ସହରରେ ରହୁଛନ୍ତି। ତାଙ୍କ ସହିତ ପତ୍ନୀ ତଥା ବେଲଜିୟମର ନାଗରିକ ପ୍ରୀତି ଚୋକ୍‌ସି ମଧ ରହୁଛନ୍ତି ବୋଲି ଆସୋସିଏଟ୍‌ସ ଟାଇମ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ମେହୁଲଙ୍କୁ ପ୍ରତ୍ୟର୍ପଣ ପାଇଁ ଭାରତୀୟ କର୍ତ୍ତୃପକ୍ଷ ତାଙ୍କ ବେଲଜିୟମ ପ୍ରତିପକ୍ଷଙ୍କ ସହ ଯୋଗାଯୋଗ କରିଛନ୍ତି। ପିଏନ୍‌ବିକୁ ପ୍ରାୟ ୧୪ ହଜାର କୋଟି ଟଙ୍କା ଠକିଥିବା ଅଭିଯୋଗରେ ମେହୁଲ୍ ଉଭୟ ସିବିଆଇ ଓ ଇଡିର ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ପୂର୍ବରୁ ସେ କାରବୀୟ ଦେଶ ଆଣ୍ଟିଗୁଆ ଓ ବାରବୁଡାରେ ରହୁଥିବା ନେଇ ଅନୁମାନ କରାଯାଉଥିଲା। ମେହୁଲ ଯଦିଓ ଆଣ୍ଟିଗୁଆ ଓ ବାରବୁଡ଼ାର ନାଗରିକତା ନେଇଛନ୍ତି ତଥାପି ସେ ଚିକିତ୍ସା ପାଇଁ ବେଲଜିୟମ ଯାଇଛନ୍ତି ବୋଲି ଏହାର ବିଦେଶ ମନ୍ତ୍ରୀ ଇପି ସିଟ୍ ଗ୍ରିନି ଗତ ୧୯ ତାରିଖରେ ସୂଚନା ଦେଇଥିଲେ। 'ଏଫ୍ ରେସିଡେନ୍ସି କାର୍ଡ'ରେ ୬୫ ବର୍ଷୀୟ ମେହୁଲ ବେଲଜିୟମରେ ରହୁଛନ୍ତି। ୨୦୨୩ ନଭେମ୍ବର ୧୫ରେ ସେ ତାଙ୍କ ବେଲଜିୟମ ନାଗରିକ ପତ୍ନୀଙ୍କ ସହାୟତାରେ ଏହି କାର୍ଡ ହାତେଇଥିଲେ। ମେହୁଲ ଜାଲ୍ କାଗଜପତ୍ର ଜରିଆରେ ବେଲଜିୟମର ନାଗରିକତା ହାତେଇବା ପାଇଁ ଉଦ୍ୟମ କରିଥିବା କୁହାଯାଉଛି।

ମେହୁଲ ଭାରତୀୟ ନାଗରିକତା ଛାଡ଼ିନାହାନ୍ତି। କିନ୍ତୁ ଯଦି ବେଲଜିୟମରେ ଅସ୍ଥାୟୀ ଭାବେ ରହୁଥିବା ମେହୁଲ ସ୍ଥାୟୀ ନାଗରିକତା ପାଇଯାଆନ୍ତି ତାହେଲେ ସେ ୟୁରୋପ ସାରା ଯାତ୍ରା କରିବାର ସୁଯୋଗ ପାଇଯିବେ। ଏହାହେଲେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରିବା କଷ୍ଟକର ହୋଇପଡ଼ିବ। ତେବେ ଏହା ମଧ କୁହାଯାଉଛି ଯେ ଏକ କ୍ୟାନସର ହସ୍ପିଟାଲରେ ଚିକିତ୍ସା ପାଇଁ ମେହୁଲ ସ୍ୱିଜରଲାଣ୍ଡ ଯାଇପାରନ୍ତି। ପିଏନ୍‌ବି ମହାଘୋଟାଲାର ଅନ୍ୟତମ ଅଭିଯୁକ୍ତ ତଥା ମେହୁଲଙ୍କ ଭଣଜା ନିରବ ମୋଦୀ ଏବେ ଲଣ୍ଡନରେ ଜେଲ୍‌ରେ ଅଛନ୍ତି। ତାଙ୍କୁ ମଧ ଏପର୍ଯ୍ୟନ୍ତ ଭାରତ ଅଣାଯାଇ ପାରିନାହିଁ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଚୀନ୍‌ର ୫ ସାମଗ୍ରୀ ଉପରେ ଶୁଳ୍କ ଲଗାଇଲା ଭାରତ



ନୂଆଦିଲ୍ଲୀ,୨୩।୩: ସ୍ଥାନୀୟ ଶିଳ୍ପସଂସ୍ଥାଗୁଡ଼ିକର ସୁରକ୍ଷା ପାଇଁ ଭାରତ ସରକାର ଚାଇନାରୁ ଆମଦାନୀ ହେଉଥିବା ୫ଟି ସାମଗ୍ରୀ ଉପରେ ଆଣ୍ଟି-ଡମ୍ପିଙ୍ଗ୍ ଶୁଳ୍କ ଲଗାଇଛନ୍ତି। ଶୁଳ୍କ ଲାଗୁ କରାଯାଇଥିବା ସାମଗ୍ରୀଗୁଡ଼ିକ ହେଲା ସଫ୍ଟ ଫେରାଇଟ୍ କୋର୍, ଭାକ୍ୟୁମ ଇନ୍‌ସୁଲେଟେଡ୍ ଫ୍ଲାସ୍କ, ଆଲୁମିନିୟମ୍ ଫଏଲ୍, ଟ୍ରାଇକ୍ଲୋରୋ ଆଇସୋସ୍ୟାନୁରିକ୍ ଏସିଡ ଏବଂ ପଲିଭିନାଇଲ୍ କ୍ଲୋରାଇଡ୍ ପେଷ୍ଟ ରେସିନ୍। ଏଗୁଡ଼ିକ ଭାରତୀୟ ବଜାରରେ ସ୍ୱାଭାବିକ ବଜାର ଦରଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ବିକ୍ରି ହେଉଥିଲା। ଅସାଧୁ ଉପାୟରେ ନିମ୍ନ ଦରଯୁକ୍ତ ଆମଦାନୀରୁ ସ୍ଥାନୀୟ ଶିଳ୍ପକୁ ବଞ୍ଚାଇବା ନିମନ୍ତେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ନିୟମାବଳୀ ଅନୁଯାୟୀ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ବାଣିଜ୍ୟ ଉପଚାର ମହାନିର୍ଦ୍ଦେଶାଳୟର ସୁପାରିସ୍ କ୍ରମେ ଏହି ଶୁଳ୍କ ଲାଗୁ ହୋଇଛି। ଉପରୋକ୍ତ ସାମଗ୍ରୀର ଆମଦାନୀ ଉପରେ ୫ ବର୍ଷ ପାଇଁ ଏହି ଶୁଳ୍କ ଲାଗୁ ହେବ ବୋଲି କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ ବିଜ୍ଞପ୍ତିରେ କୁହାଯାଇଛି। ଆଲୁମିନିୟମ ଫଏଲ୍ ଆମଦାନୀ ଉପରେ ଟନ୍ ପ୍ରତି ୮୭୩ ଡଲାର ଅସ୍ଥାୟୀ ଆଣ୍ଟି ଡମ୍ପିଙ୍ଗ୍ ଡ୍ୟୁଟି ୬ ମାସ ପାଇଁ ଲାଗୁ ହେବ। ସେହିପରି ଜଳ ବିଶୋଧନ ପାଇଁ ବ୍ୟବହୃତ ରାସାୟନିକ ଟ୍ରାଇକ୍ଲୋରୋ ଆସୋସ୍ୟାନୁରିକ୍ ଏସିଡ୍ ଆମଦାନୀ ଉପରେ ଟନ୍ ପ୍ରତି ୨୭୬ରୁ ୯୮୬ ଡଲାର ଲାଗୁ କରାଯାଇଛି। ବିଦ୍ୟୁତ୍‌ଚାଳିତ ଯାନ, ଚାର୍ଜର ଏବଂ ଟେଲିକମ୍ ଉପକରଣ ପାଇଁ ବ୍ୟବହୃତ ସଫ୍ଟ ଫେରାଇଟ୍ କୋର୍ ଉପରେ ସିଆଇଏଫ୍ (ମୂଲ୍ୟ, ବୀମା, ପରିବହନ) ମୂଲ୍ୟର ୩୫% ଶୁଳ୍କ ଲାଗୁ ହେବ। ସେହିପରି ଭାକ୍ୟୁମ୍ ଇନୁଲେଟେଡ୍ ଫ୍ଲାସ୍କ ଉପରେ ଟନ୍ ପ୍ରତି ୧,୭୩୨ ଡଲାର, ପଲି ଭିନାଇଲ୍ କ୍ଲୋରାଇଡ୍ ପେଷ୍ଟ ରେସିନ୍ ଉପରେ ୮୯ରୁ ୭୦୭ ଡଲାର ଆଣ୍ଟି-ଡମ୍ପିଙ୍ଗ୍ ଶୁଳ୍କ ଲାଗୁ ହେବ। ଚାଇନା ସମେତ କୋରିଆ, ମାଲେସିଆ, ନରଓ୍ୱେ, ତାଇଓ୍ୱାନ୍ ଏବଂ ଥାଇଲାଣ୍ଡରୁ ଆସୁଥିବା ଏହିସବୁ ସାମଗ୍ରୀ ଉପରେ ଶୁଳ୍କ ୫ ବର୍ଷ ପାଇଁ ଲାଗିବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ଭାରତରେ ଅଟୋମେଟିକ କାର୍‌ର ଚାହିଦା ବଢ଼ୁଛି




**ନୂଆଦିଲ୍ଲୀ, ୨୩।୩:** ଭାରତରେ ସ୍ୱୟଂଚାଳିତ ଗିଅରବକ୍ସ ଥିବା କାରର ଚାହିଦା ବଢ଼ିବାରେ ଲାଗିଛି। ବିଶେଷକରି ଏଏମଟି (ଅଟୋ ମାନୁଆଲ୍ ଟ୍ରାନ୍ସମିସନ୍)କୁ ଲୋକମାନେ ପସନ୍ଦ କରୁଛନ୍ତି । ସେମାନଙ୍କର ମାଇଲେଜ୍ ମାନୁଆଲ୍ ଗିଅରବକ୍ସ ଅପେକ୍ଷା ଅଧିକ ଏବଂ ସେମାନଙ୍କର ମୂଲ୍ୟ ମଧ୍ୟ ବହୁତ ଅଧିକ ନୁହେଁ। ଏହି ସମୟରେ, ଲୋକମାନେ ମାନୁଆଲ୍ କାର ଅପେକ୍ଷା ସ୍ୱୟଂଚାଳିତ କାରକୁ ଅଧିକ ପସନ୍ଦ କରିବା ଆରମ୍ଭ କରିଛନ୍ତି ଏବଂ ବିକ୍ରୟ ବୃଦ୍ଧି ପାଉଛି। ଗୋଟିଏ ପଟେ, ସ୍ୱୟଂଚାଳିତ କାରଗୁଡ଼ିକ ଟ୍ରାଫିକ୍ ଏବଂ ରାଜପଥରେ ଡ୍ରାଇଭିଂ ଅଭିଜ୍ଞତାକୁ ମଜାଦାର କରିଥାଏ। କିନ୍ତୁ ଏହାର କିଛି ଦୁର୍ବଳ ଦିଗ ମଧ୍ୟ ଅଛି। ଆସନ୍ତୁ ଜାଣିବା ସ୍ୱୟଂଚାଳିତ କାରର ସୁବିଧା ଏବଂ ଅସୁବିଧା।

ସ୍ୱୟଂଚାଳିତ କାରଗୁଡ଼ିକରେ ଗିଅର ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନାହିଁ। ରାଜପଥରେ ଗାଡ଼ି ଚଲାଇବା ମଜାଦାର। ସ୍ୱୟଂଚାଳିତ ଗାଡିରେ, ଗତି ଅନୁସାରେ ଗିଅର ପରିବର୍ତ୍ତନ ହୁଏ, ଯାହା ଫଳରେ ଡ୍ରାଇଭର କୌଣସି ଚିନ୍ତା ବିନା ଗାଡି ଚଳାନ୍ତି । ସଂକୀର୍ଣ୍ଣ ଏବଂ ଖରାପ ରାସ୍ତାରେ ସାଧାରଣ କାର ଅପେକ୍ଷା ସ୍ୱୟଂଚାଳିତ କାରଗୁଡ଼ିକ ଚଲାଇବା ଏବଂ ପରିଚାଳନା କରିବା ସହଜ। ପ୍ରଥମ ଥର ପାଇଁ ଗାଡ଼ି ଚଲାଉଥିବା ଲୋକଙ୍କ ପାଇଁ, ମାନୁଆଲ୍ କାର ଅପେକ୍ଷା ସ୍ୱୟଂଚାଳିତ କାରଗୁଡ଼ିକ ଭଲ, କାରଣ ଏଥିରେ କ୍ଲଚ୍ ଏବଂ ଗିଅର୍ ପରିବର୍ତ୍ତନରୁ ମୁକ୍ତି ମିଳିଥାଏ ଏବଂ ଜଣେ ସହଜରେ ଗାଡ଼ି ଚଲାଇ ପାରିବ |

ମାନୁଆଲ୍ ଏବଂ ଏଏମଟି ତୁଳନାରେ ସ୍ୱୟଂଚାଳିତ ଟ୍ରାନ୍ସମିଶନରେ ଗିଅର୍ ପରିବର୍ତ୍ତନ ପାଇଁ କିଛି ସମୟ ଲାଗେ। ଏହାର ଅର୍ଥ ହେଉଛି ପରିବର୍ତ୍ତନ ହେବା ପାଇଁ କେବଳ କିଛି ସେକେଣ୍ଡ ସମୟ ଲାଗେ ଏବଂ ଯେତେବେଳେ ଗିଅର ପରିବର୍ତ୍ତନ ହୁଏ, ସେମାନଙ୍କର ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ। ସ୍ୱୟଂଚାଳିତ ଟ୍ରାନ୍ସମିସନର ରକ୍ଷଣାବେକ୍ଷଣ ମାନୁଆଲ୍ ଟ୍ରାନ୍ସମିସନ ଅପେକ୍ଷା ଅଧିକ ଏବଂ ସର୍ଭିସ ମୂଲ୍ୟ ମଧ ଅଧିକ। ମାନୁଆଲ୍ ଟ୍ରାନ୍ସମିସନ୍ ଥିବା କାର ଅପେକ୍ଷା ସ୍ୱୟଂଚାଳିତ ଟ୍ରାନ୍ସମିସନ୍ ଥିବା କାରଗୁଡ଼ିକ ଟ୍ରାଫିକରେ ଅଧିକ ଇନ୍ଧନ ବ୍ୟବହାର କରନ୍ତି।

## ସପ୍ତାହକୁ ୭୦ ଘଣ୍ଟାରୁ ଅଧିକ ପରିଶ୍ରମ ହେତୁ ହିଁ ଆଜି ଇନ୍‌ଫୋସିସ୍ ଛିଡ଼ା ହୋଇଛି: ସୁଧା ମୂର୍ତ୍ତି



**ନୂଆଦିଲ୍ଲୀ, ୨୩।୩:** ସପ୍ତାହକୁ ୭୦ ଘଣ୍ଟା କାମ କରିବା ଉଚିତ ବୋଲି ବୟାନ ଦେଇ ବିବାଦରେ ରହିଥିଲେ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି। ନିକଟରେ ତାଙ୍କ ପତ୍ନୀ ସୁଧା ମୂର୍ତ୍ତି ସେ ସଂପର୍କରେ କଥା ହୋଇଛନ୍ତି। ଲେଖିକା ମୂର୍ତ୍ତି ବିଶ୍ୱାସ କରନ୍ତି ଯେ ଲୋକମାନେ ଗମ୍ଭୀରତାର ସହିତ ଏବଂ ଆଗ୍ରହର ସହିତ କିଛି କରିବାକୁ ଚାହିଁଲେ ନିଶ୍ଚୟ କିଛି ବଡ଼ କରିପାରିବେ। ପ୍ରଥମ ଥର ପାଇଁ ସେ ତାଙ୍କ ସ୍ୱାମୀ ନାରାୟଣ ମୂର୍ତ୍ତିଙ୍କ ବିବାଦୀୟ ୭୦ ଘଣ୍ଟା କାର୍ଯ୍ୟ-ସପ୍ତାହ ପରାମର୍ଶ ଉପରେ ବକ୍ତବ୍ୟ ରଖିଛନ୍ତି। ଏକ ସାକ୍ଷାତ୍‌କାରରେ ସୁଧା କହିଛନ୍ତି କି ପାଖରେ କିଛି ଟଙ୍କା ନଥାଇ ବି ନିଜର ଉତ୍ସର୍ଗୀକୃତ ମନୋଭାବ ପାଇଁ ତାଙ୍କ ସ୍ୱାମୀ ଆଜି ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଏହା ସମ୍ଭବ ହୋଇପାରିଛି, କାରଣ ସେ ସପ୍ତାହକୁ ୭୦ ଘଣ୍ଟାରୁ ଅଧିକ ସମୟ ନିଜ କାମକୁ ଦେଇଛନ୍ତି ବୋଲି। ସେ ଦାବି କରିଛନ୍ତି କି ଏହା ଅନ୍ୟଥା ସମ୍ଭବ ହୋଇପାରି ନଥାନ୍ତା। ଏପରି କୌଣସି "ଯାଦୁ ବାଡ଼ି" ନଥିଲା ଯାହା ଇନଫୋସିସକୁ "ଏତେ ବଡ଼" କରିପାରିଛି। ଏହା ତାଙ୍କର କଠିନ ପରିଶ୍ରମର ଫଳ ବୋଲି ସୁଧା କହିଛନ୍ତି। ଯେତେବେଳେ ମୂର୍ତ୍ତିଙ୍କୁ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ପଚାରାଗଲା ତ ସେ କୁହନ୍ତି, "ମୁଁ ତାଙ୍କୁ ଇନ୍‌ଫୋସିସ୍‌ର ଯତ୍ନ ନେବାକୁ କହିଥିଲି। ମୁଁ ନିଜର ଓ ପରିବାରର ଯତ୍ନ ନେଉଥିଲି। ସ୍ୱାମୀ ଘରେ ନାହାନ୍ତି ବୋଲି କହି ଅଭିଯୋଗ କରିବାର କିଛି କାରଣ ନାହିଁ। କାରଣ ସେ କିଛି ବଡ଼ କାମରେ ଅଛନ୍ତି ବୋଲି ବୁଝିବା ଦରକାର।"

# ମଣିପାଲ ହସ୍ପିଟାଲ ସହଯୋଗରେ ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର, ୨୩।୩(ସଂଚାର ବ୍ୟୁରୋ):** ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ ଆଚାର୍ଯ୍ୟ ବିହାର ର ସ୍ଥାନୀୟ ବାସିନ୍ଦାମାନଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ଅଚାର୍ଯ୍ୟ ବିହାର ମହିଳା ସମିତି ଏବଂ ମଣିପାଲ ହସ୍ପିଟାଲ ର ମିଳିତ ସହଯୋଗରେ ଏକ ବୃହତ୍ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ଅଚାର୍ଯ୍ୟ ବିହାର ପରିଷଦ ଠାରେ ଆୟୋଜିତ ହୋଇଥିଲା ଏବଂ ଏଥିରେ ଏକ ବଡ଼ ସଂଖ୍ୟକ ଲୋକ ଉପସ୍ଥିତ ହୋଇ ନିଃଶୁଳ୍କ ଚିକିତ୍ସା ସୁବିଧା ଗ୍ରହଣ କରିଥିଲେ। ଏହି ଶିବିରର ଉଦ୍ଘାଟନ ବିଜେପିର ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ, ଆଚାର୍ଯ୍ୟ ବିହାର ମହିଳା ସମିତିର ସଭାପତି ପୂଜାରିନୀ ମହାନ୍ତି, ଉପସଭାପତି ରୀତା ମହାନ୍ତି, ସମ୍ପାଦକ ବବିତା ମହାନ୍ତି, ଆଚାର୍ଯ୍ୟ ବିହାର ମହିଳା ସମିତି ଓ ଜୟ ଓଡ଼ିଶାର ସଦସ୍ୟ ଉପସ୍ଥିତ ଥିଲେ। ଶିବିରରେ ମଣିପାଲ ହସ୍ପିଟାଲର ଏକ ଅଭିଜ୍ଞ ଡାକ୍ତର ଦଳ ଅଂଶଗ୍ରହଣ କରିବା ସହ ନିର୍ଦ୍ଦିଷ୍ଟ ବିଭାଗର ରୋଗୀମାନଙ୍କୁ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ଅନେକ ପ୍ରକାରର ନିଃଶୁଳ୍କ ଚେକଅପ ଏବଂ ପରୀକ୍ଷା ପ୍ରଦାନ କରାଯାଇଥିଲା, ଯେଉଁଥିରେ ହୃଦ୍‌ରୋଗ, ଅସ୍ଥିରୋଗ, ଦନ୍ତ ଚିକିତ୍ସା, ଅସ୍ଥି ଘନତା ପରୀକ୍ଷା ଓ ରକ୍ତସ୍ୱାଧୀନ ଚେକଅପ ସମ୍ପର୍କିତ ସୁବିଧା ପ୍ରଦାନ କରାଯାଇଛି। ଶିବିରରେ ସ୍ଥାନୀୟ ନାଗରିକ, ବୃଦ୍ଧ ବ୍ୟକ୍ତି ଏବଂ ଅନେକ ମହିଳା ଅଂଶଗ୍ରହଣ କରି ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଗ୍ରହଣ କରିଛନ୍ତି। ଅନେକ ଲୋକ ଏହି ପ୍ରୟାସକୁ ଏକ ସୁନ୍ଦର ଉଦ୍ୟମ ବୋଲି ବର୍ଣ୍ଣନା କରିଥିବା ବେଳେ ଏପରି ଶିବିର ପ୍ରତି ମାସରେ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ।

## ଶୌଚାଳୟ ଯନ୍ତ୍ରଣା

# ଅଧାରୁ ଅଧିକ ଶୌଚାଳୟରେ ଝୁଲୁଛି ତାଲା

**ହିଞ୍ଜିଳିକାଟୁ,୨୩ା୩(ସଂଚାର ବ୍ୟୁରୋ):** ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା ଲକ୍ଷ୍ୟ ନେଇ ହିଞ୍ଜିଳିକାଟୁ ପୌରପରିଷଦ ପକ୍ଷରୁ ସହରର ପ୍ରାୟ ୧୦ଟି ସ୍ଥାନରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ସେଥି ମଧ୍ୟରୁ ଅଧେ ଶୌଚାଳୟରେ ତାଲା ଝୁଲୁଥିବା ବେଳେ ଆଉ ଅଧେ ଶୌଚାଳୟ ଦୁର୍ଗନ୍ଧରେ ନାକ ଫାଟୁଛି । ଯାହା ଫଳରେ ସହରକୁ ଆସୁଥିବା ହଜାର ହଜାର ଲୋକ ବହୁ ଅସୁବିଧା ହେଉଛନ୍ତି । ଆଜି ବି ମହିଳା ହୁଅନ୍ତୁ କି ପୁରୁଷ ଶୌଚ ଲାଗିଲେ କାନ୍ଥ ବାଡ଼ କିମ୍ବା ଗଛ କଡ ଭରସା କରିଥାନ୍ତି ।




ସୂଚନା ପ୍ରକାରେ, ହିଞ୍ଜିଳି ସହରକୁ ପ୍ରତିଦିନ ହଜାର ହଜାର ଲୋକେ ବିଭିନ୍ନ କାମରେ ଆସୁଥାନ୍ତି । କୋର୍ଟ କାମ ହେଉ କି ମେଡ଼ିକାଲ କାମ ଅଥବା ବଜାରରେ ଅନ୍ୟ କିଛି କାମରେ ଆସୁଥିଲେ ମଧ୍ୟ ଶୌଚ ପାଇଁ ସୁବିଧା ନଥିବାରୁ ଲଜ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସହରର ଅଧା ଶୌଚାଳୟ ତାଲା ଝୁଲୁଥିବା ଦେଖି ଲୋକେ ବାହାରେ ଶୌଚ କରୁଛନ୍ତି। ପରିସ୍ରା କରିବା ମନା ଲେଖାଯାଇଥିଲେ ମଧ୍ୟ ବିକଳ୍ପ ନ ଥିବାରୁ ଲୋକେ ଏଠି ସେଠି ଶୌଚ କରିବାକୁ ବାଧ୍ୟ ହେଉଛନ୍ତି। ଯାହାଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ପୂରା ଅଂଚଳ। ତେବେ ମହିଳାମାନେ ନିରୁପାୟ ହୋଇ ଏଠି ସେଠି ପରିସ୍ରା କରୁଥିବା ବେଳେ ଲଜ୍ୟାଜନକ ପରିସ୍ଥିତିର ସାମ୍ନା କରୁଛନ୍ତି। ସହରର ଆଉ କିଛି ସ୍ଥାନରେ ଶୌଚାଳୟ ଖୋଲା ରହିଛି ସତ କିନ୍ତୁ ଭିତରକୁ ଗଲେ ଆବର୍ଜନାରେ ପରିପୂର୍ଣ୍ଣ ହୋଇରହିଥିବା ବେଳେ ପରିସ୍ରାଗାର ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବାରୁ ଦୁର୍ଗନ୍ଧରେ ନାକ ଫାଟୁଛି। ଶୌଚାଳୟ ଭିତରେ କୁଢ଼କୁଢ଼ ପ୍ଲାଷ୍ଟିକ ବୋତଲ, ମଦ ବୋତଲ ଭଳି ବର୍ଜ୍ୟବସ୍ତୁ ଭର୍ତ୍ତି ହୋଇଛି। ପରିସ୍ରା କରିବା ଲାଗି ବସାଯାଇଥିବା ବେସିନ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଉଛି। ଯାହା ଫଳରେ ଲୋକେ ଶୌଚାଳୟ ବାହାରେ ମଳତ୍ୟାଗ କରୁଛନ୍ତି । ତୁରନ୍ତ ଏହି ଶୌଚାଳୟଗୁଡ଼ିକ ଯେପରି ସାଧାରଣ ଲୋକଙ୍କ ପାଇଁ ବ୍ୟବହାର ହେଇପାରିବ ସେ ନେଇ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

# ୧୧କେଭି ବିଦ୍ୟୁତ୍ ତାରକୁ ନେଇ ଲୋକେ ଆତଙ୍କିତ

## ଅଭିଯୋଗ ପରେ ମଧ୍ୟ ନିରବଦ୍ରଷ୍ଟା ବିଦ୍ୟୁତ୍ ବିଭାଗ | ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି

**ସୁବର୍ଣ୍ଣପୁର,୨୩ା୩(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ହେଲା ମାରୁତି ନଗର ଭିତରେ ଟଣାଯାଇଛି ୧୧ କେଭି ବିଦ୍ୟୁତ୍ ତାର। ବିଭିନ୍ନ ସମୟରେ ପବନ ଯୋଗୁଁ ତାର ଛିଣ୍ଡିଯିବା ଆଶଙ୍କା ଥିବାରୁ ସୋନପୁର ସହର ଉପକଣ୍ଠ କୋଶଳ ଆବାସିକ ବିଦ୍ୟାଳୟ ନିକଟବର୍ତ୍ତୀ ମାରୁତି ନଗରବାସୀ ଆତଙ୍କିତ ଅବସ୍ଥାରେ ସବୁବେଳେ ରହୁଛନ୍ତି। ନବନିର୍ମିତ ହନୁମାନ ମୂର୍ତ୍ତି ପାଖରେ କେବୁଲ ତାର ସଂଯୋଗ ଥିବା ବିଦ୍ୟୁତ ଖୁଣ୍ଟ ରହିଥିବା ଯୋଗୁଁ ମନ୍ଦିର ଚାରିପାଖରେ ପେଣ୍ଡାଲ ନିର୍ମାଣରେ ବାଧାସୃଷ୍ଟି କରୁଛି। ସେହିପରି ଏହାର ନିକଟରେ ଏକ ୧୧ କେଭି ଲୁହା ବିଦ୍ୟୁତ୍ ଖୁଣ୍ଟରୁ ତା'ର ତଳକୁ ଓହ୍ଲାଇ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। ତାହା କେତେବେଳେ ଛିଣ୍ଡି ପଡ଼ି ଧନଜୀବନ ହାନି ହେବ ତାହା କହି ହେବନାହିଁ।

ଏହି ନଗର ଭିତରେ ଏକ ଟ୍ରାନ୍ସଫର୍ମର ସେନା କର୍ମଚାରୀ ପ୍ରଭାତ ଦେହୁରୀଙ୍କ ଘରକୁ ଲାଗି ରହିଛି। ଏଠାରେ ବିଭିନ୍ନ ସମୟରେ ସ୍ପାର୍କିଂ ହୋଇ ନିଆଁ ବାହାରିଥାଏ। ଫଳରେ ଭୟଭୀତ ଅବସ୍ଥାରେ ରହୁଛନ୍ତି



ମାରୁତି ନଗରବାସୀ। ଏହାର ସ୍ଥାୟୀ ପ୍ରତିକାର ପାଇଁ ଏମାନେ ବାରମ୍ବାର ରାଜନେତା ଠାରୁ ଆରମ୍ଭ କରି ସରକାରୀ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ତଥାପି ସମସ୍ୟାର ସମାଧାନ ହେଉ ନଥିବା ଅଭିଯୋଗ କରିଛନ୍ତି। ମାରୁତି ନଗରବାସୀଙ୍କ ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

## ଏକ କୁଇଣ୍ଟାଲ ଗଞ୍ଜେଇ ଜବତ, ମାଫିଆ ଗିରଫ




**ଫୁଲବାଣୀ,୨୩ା୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବର୍ତ୍ତମାନ ବେଆଇନ ଗଞ୍ଜେଇ ଚାଲାଣର ହବ ପାଲଟିଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ ରୀତିମତ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ସହ ନାମିଦାମୀ କମ୍ପାନୀର ଗାଡି ଜବତ କରିବା ସହ ମାଫିଆ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିଲେ ମଧ୍ୟ ଜିଲ୍ଲାରୁ ଗଞ୍ଜେଇ ଚାଲାଣ ଥମିବାର ନା ଧରୁନି ତେବେ ଏହି ପରିପେକ୍ଷୀରେ ଜିଲ୍ଲାର ଫୁଲବାଣୀ ସଦର ଅବକାରୀ ବିଭାଗ ଏକ ବୋଲେରୋ ସହ ଦୁଇଟି ଦାମୀ ମୋବାଇଲ ଓ ଏକ କୁଇଣ୍ଟାଲ ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଗାଡିର ଡ୍ରାଇଭର ସହ ଦୁଇଜଣ ଗଞ୍ଜେଇ ମାଫିଆକୁ ଗିରଫ କରିଥିବା ସୂଚନା ମିଳିଛି। ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ଗାଡିର ଡ୍ରାଇଭର ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଠିକାଯୋଡି ଗାଁର ଶୁଭ୍ରାଂଶୁ ସାହୁ ବୋଲି ଜଣାପଡିଥିବା ବେଳେ ଅନ୍ୟଜଣେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ଅଧୀନରେ ଥିବା ସାସୀପଦର ଗାଁର ଅଜୟ ଦିଗାଳ ବୋଲି ଜଣାପଡିଛି । ଅନ୍ୟପଟେ ଏହିଘାଟଣାରେ ସଦର ଅବକାରୀ ବିଭାଗ ରେ ୨୦୪/୨୦୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଜବତ ଗଞ୍ଜେଇ ସହ କୋର୍ଟ ଚାଲାଣ କରିଥିବା ବେଳେ ଏହି ଚଢ଼ାଉରେ ଅବକାରୀ ବିଭାଗର ଏଏସଆଇ ସମୀର ରଂଜନ ଭୋଇ, ମିଳନ କୁମାର ସାହୁ, ସଚିନ ଗୁରୁଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ ।

## ଦୋଳ ମେଳଣ ଉତ୍ସବ ପାଇଁ କୁଆଖିଆରେ ଭିଡ଼




**ଯାଜପୁର ରୋଡ଼, ୨୩ା୩ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କୁଆଖିଆ ଠାରେ ୪୭ତମ ପ୍ରସିଦ୍ଧ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇ ଉଦଯାପିତ ଯାଇଅଛି। ଶନିବାର ମଧ୍ୟ ରାତ୍ରିରୁ ଆରମ୍ଭ ହୋଇ ରବିବାର ଅପରାହ୍ନ ପର୍ଯ୍ୟନ୍ତ ଚାଲୁଥିବା ଏହି ମେଳଣରେ ପାଖାପାଖି ୩୩ ଗୋଟି ପଂଚାୟତର ହଜାର ହଜାର ସଂଖ୍ୟାର ଲୋକମାନଙ୍କ ଜନସମାଗମ ଦେଖିବାକୁ ମିଳିଥିଲା । ପ୍ରତିବର୍ଷ ଭଳି ଏବର୍ଷ ୪୦ରୁ ଉର୍ଦ୍ଧ ବିଭାନ ନିଜ ନିଜ କର୍ମକର୍ତ୍ତାଙ୍କ ସହ ବାଜା ବାଣ,ରୋଷଣୀ ଓ ନାଚ, ଗୀତ ସଂକୀର୍ତ୍ତନ ସହ ବିରାଟ ପଟୁଆରା ର ଆସି ସାରଙ୍ଗପୁର ପଡିଆ ନିକଟରେ ପହଂଚିଥିଲେ । ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଲିଉଡ଼ କଳାକାରଙ୍କ ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା। ସମସ୍ତ ବିଭାନ ଗୋଟେ ଜାଗାରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା ଭୋଗକରି, ଖାଇସାରିବା ପରେ ପୁଣି ନିଜ ନିଜ ଗ୍ରାମକୁ ଫେରିଯାନ୍ତି। ମେଳାରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ କୁଆଖିଆ ଆଇଆଇସି'ଙ୍କ ନେତୃତ୍ୟରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## 'ଦଣ୍ଡଥଳ ଲୋକକଳାର ଭୂମିକା' ଶୀର୍ଷକ ଆଲୋଚନାଚକ୍ର



**କନ୍ଧମାଳ,୨୩ା୩(ସଂଚାର ବ୍ୟୁରୋ):** ସକାଳ ୧୧ଘଟିକା ସମୟରେ, ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପାବୁରିଆ ଗ୍ରାମ ପଞ୍ଚାୟତ ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ବି.ଏନ.ଆଇ. ବାଙ୍ଗାଲୋରର ମିଳିତ ସହଯୋଗରେ ଟିକାବାଲି, କେ.ନୂଆଗାଁ ଏବଂ ଫିରିଙ୍ଗିଆ ବ୍ଲକ୍ ର ଦଣ୍ଡଥଳର ଅଧିକାରୀ, ପାଟଭୋକ୍ତା ଏବଂ ବୀଣାକାର ମାନଙ୍କୁ ନେଇ ଏକଦିବସୀୟ "ମାନସିକ ସ୍ୱାସ୍ଥ୍ୟ ସଚେତନତା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଦଣ୍ଡଥଳ ଲୋକକଳାର ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ସ୍ୱାତୀ ଅନୁଷ୍ଠାନର ପ୍ରଦୀପ୍ ସ୍ୱାଇଁ, ଛବି ଏବଂ ଲେଖା ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ମାନସିକ ରୋଗର ଲକ୍ଷଣ, ରୋଗ ପ୍ରତି ପରିବାର ଓ ସମାଜରେ ଥିବା ଭ୍ରାନ୍ତଧାରଣା, ଅସୁସ୍ଥ ବ୍ୟକ୍ତି ପ୍ରତି ରହୁଥିବା ଘୃଣା ଓ ଭେଦଭାବ ଏବଂ ଚିକିତ୍ସା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ପ୍ରକଳ୍ପ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ , ଆଇ.ଟି.ଡି.ଏ ବ୍ଲକ୍ ଜୀବନଜିବୀକା ବିଶେଷଜ୍ଞ ରୋହିମୁଦ୍ ନାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆଲୋକ ସାମନ୍ତରାୟ, ଦୀପେଶ ମହାକୁଡ , ସ୍ୱଧର୍ମ ରାଉତ, ରାଧାନାଥ ପଣ୍ଡା , ଫିଲିମିନା ପ୍ରଧାନ ଏବଂ ଲିପିମା ଦିଗାଲ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ ।

## ଶ୍ରୀରାମଚରିତ ମାନସ, ପ୍ରବଚନ ଓ ନାମଯଜ୍ଞ



**ନିଶ୍ଚିନ୍ତକୋଇଲି,୨୩ା୩(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ନିକଟସ୍ଥ ମାନସ ମଣ୍ଡପ ଠାରେ ଶ୍ରୀ ଶ୍ରୀ ରଘୁନାଥ ଅନୁକମ୍ପା ପରିଷଦ ଆନୁକୂଲ୍ୟରେ ଗୋସ୍ୱାମୀ ତୁଳସୀ ଦାସଙ୍କ କୃତ ୩୭ତମ ବାର୍ଷିକ ସାମ୍ବତ୍ସରିକ ନବାହ୍ନ ପାରାୟଣ, ଶ୍ରୀରାମଚରିତ୍ର ମାନସ ଓ ପ୍ରବଚନ ନାମଯଜ୍ଞ ଗୁରୁବାର ଦିନ ଶୁଭା ହୋଇଛି। ଏହି କାର୍ଯ୍ୟକ୍ରମ ୯ ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସନ୍ତା ୨୮ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ପରିଷଦ ପକ୍ଷରୁ ସଭାପତି ବଂଶୀଧର ପଣ୍ଡା ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ନାମ ମହାତ୍ମ୍ୟ ପ୍ରସଙ୍ଗରେ ପ୍ରବାଚିକା ସୁଶ୍ରୀ ମନସ୍ୱିନୀ ମିଶ୍ର ଶହ ଶହ ଭକ୍ତମାନଙ୍କୁ ପ୍ରବଚନ ପ୍ରଦାନ କରିଛନ୍ତି। ଏହି ମଞ୍ଚର ପୁରୋଧା ତଥା ବ୍ୟାସ ଭାବେ ବ୍ରହ୍ମପୁରର ସଚ୍ଚି ମହାରାଜ କାର୍ଯ୍ୟ ତୁଲାଉଛନ୍ତି। ପୂଜକ ଦୋଳଗୋବିନ୍ଦ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଅଶୋକ ମହାପାତ୍ର କାର୍ଯ୍ୟ ତୁଲାଉଛନ୍ତି।

# ବିଦ୍ୟୁତ ବିଭ୍ରାଟ ଯୋଗୁଁ ଗ୍ରାହକ ହନ୍ତସନ୍ତ

**ବେତନଟୀ,୨୩ା୩(ସଂଚାର ବ୍ୟୁରୋ):** ବେତନଟୀ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ବେତନଟୀ ଠାରେ ଏକ ୩୩/୧୧ ଗ୍ରୀଡ଼ ଥିବାବେଳେ ଏହା ନେସ୍କୋ ପାୱାର ପରେ ଟାଟା ପାୱାର ଉତ୍ତର ଓଡିଶା ନିୟନ୍ତ୍ରଣରେ ରହିଛି। ଏହା ସହିତ ଯେକୌଣସି ଅଭିଯୋଗ ବା ପାୱାର କାଟ ପାଇଁ ଟାଟା ପାୱାର ପକ୍ଷରୁ ନିଶୁଳ୍କ ଅଭିଯୋଗ ପାଇଁ ୯୮୨୭୮୬୭୪୧୧ ଯାହା ଦିଆଯାଇଛି ତାହା ଅନେକ ସମୟରେ ଚବିଶ ଘଣ୍ଟାରୁ ଷୋହଳ ଘଣ୍ଟା ବା କେବେକେବେ ଅଠର ଘଣ୍ଟା କାର୍ଯ୍ୟକ୍ଷମ ନଥାଏ । ରାତି ଆଠଟା ସୁଦ୍ଧା ଏହା ଅଚଳ ହୋଇଯାଇଥାଏ। ଏବେ କାଳ ବୈଶାଖୀ ଯୋଗୁଁ ବର୍ଷା ଆରମ୍ଭ ହୋଇଥିବାବେଳେ ପୁଣି ପଶ୍ଚିମବଙ୍ଗ ବା ଝାଡ଼ଖଣ୍ଡ ହାତୀପଲ ବେତନଟୀ ଫରେଷ୍ଟ ରେଞ୍ଜର ଗ୍ରାମାଞ୍ଚଳ ଦେଇ ପଡ଼ୋଶୀ ବାଲେଶ୍ୱର ଜିଲ୍ଲା ନୀଳଗିରି ଓ କୁଲଡିହା ଜଙ୍ଗଲକୁ ଖାଦ୍ୟ ଅନ୍ୱେଷଣରେ ଯାତାୟତ କରିବା ଯୋଗୁଁ ଲାଇନ କାଟ କରାଯାଉଛି। ବିନା ସୂଚନାରେ ଅଘୋଷିତ ବିଦ୍ୟୁତ କାଟ କରାଯିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାହାରି ଘରୋଇ ବିଦ୍ୟୁତ ସେବା ଅଚଳ ହେଲେ ସକାଳେ ଅଭିଯୋଗ କଲେ ସନ୍ଧ୍ୟା ସୁଦ୍ଧା ମଧ୍ୟ ମରାମତି ପାଇଁ କର୍ମଚାରୀମାନେ ଗ୍ରୀଡରୁ ଅଧ କିମି ବ୍ୟବଧାନରେ ବି ପହଞ୍ଚି ସେବା ଯୋଗାଇ ପାରୁନଥିବା ଭଳି ଅଭିଯୋଗ ଉପଭୋକ୍ତାମାନେ କଲେ ସୁଦ୍ଧା ସମସ୍ୟାର ସମାଧାନ କରାଯାଇ ପାରି ନଥାଏ। ଟାଟା ପାୱାର କୁ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ସାରା ରାଜ୍ୟ ଯାକର ବିଦ୍ୟୁତ ବିତରଣ, ରକ୍ଷଣାବେକ୍ଷଣ ଓ ରାଜସ୍ୱ ଆଦାୟ ନ୍ୟସ୍ତ କରିଦେଇଥିଲେ ହେଁ ଟାଟା ପାୱାର ଭଳି ଏକ ବୃହତ ଏବଂ ଖ୍ୟାତନାମା କମ୍ପାନୀର ସେବାରେ ତୃଟି ରହୁଥିଲେ ସୁଦ୍ଧା ଉପଭୋକ୍ତାର ଅଭିଯୋଗ ସମାଧାନ ପାଇଁ ଜିଲ୍ଲା ପ୍ରଶାସନର କ୍ଷମତା ନଥିବା ହେତୁ ରାଜ୍ୟବାସୀଙ୍କ ପାଇଁ ଏହା ଅଧିକ ବାଧକ ସାଜିଛି।

# ଟେଣ୍ଡର ବିଜ୍ଞପ୍ତି ବାତିଲ କରାନଯିବାରୁ ଗଣଧାରଣା ନିଷ୍ପତ୍ତି

**ପାଟଣାଗଡ,୨୩ା୩(ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ସ୍ୱାଲାଖି ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଜିଲ୍ଲା ସଭାପତି ତଥା ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗଙ୍କ ଅଧ୍ୟକ୍ଷତାରେ ହରିଶଙ୍କର ସ୍ଥିତ ମାଁ ବିନ୍ଧ୍ୟବାସିନୀ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଦେବୋତ୍ତର ବିଭାଗରୁ ପ୍ରକାଶ ପାଇଥିଲା ମାଁ ବିନ୍ଧ୍ୟ ବାସିନୀ ମନ୍ଦିର ସମ୍ମୁଖରେ ଥିବା ପଡିଆର ଟେଣ୍ଡର ବିଜ୍ଞପ୍ତି ପ୍ରକ୍ରିୟା ବାତିଲ କରାଯାଇନଥିବା ଯୋଗୁଁ ହରିଶଙ୍କର ବାବାଙ୍କ ମନ୍ଦିରକୁ ଛାଡି ଯେତେ ମନ୍ଦିର ରହିଅଛି ସମସ୍ତ ମନ୍ଦିର କମିଟି ପକ୍ଷରୁ ଗଣଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ବିଡ଼ିଓ, ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ସହ ଥାନା ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା ।

ଉକ୍ତ ପଡ଼ିଆର ଟେଣ୍ଡର ପାଇଥିବା ବ୍ୟକ୍ତିବିଶେଷଙ୍କ ସହ ଆପୋଷ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା।




ହରିଶଙ୍କରକୁ କୋଟି କୋଟି ଟଙ୍କାର ଅନୁଦାନ ଆସୁଥିଲେ ମଧ ପିଇବା ପାଣି ମିଳୁନଥିବାରୁ ବଣିକ ସଂଘ ସଭାପତି ପଞ୍ଚମ ପ୍ରଧାନ,ପଡ଼ିଆ ସୁରକ୍ଷା କରିବାପାଇଁ ସମସ୍ତେ ଏକଜୁଟ ହୋଇ ଲଢ଼େଇ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ୟୁନିକ୍ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ



**ଉଦଳା,୨୩ା୩(ସଂଚାର ବ୍ୟୁରୋ):** ଉଦଳା ୟୁନିକ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଉଦଳା-କପ୍ତିପଦା ରାଜ୍ୟ ରାଜପଥରେ ଥିବା ଆଶୀର୍ବାଦ ଧର୍ମଶାଳାରେ ରବିବାର ଅପରାହ୍ନ ୪ ଟାରେ ଆୟୋଜିତ ଏହି ବୈଠକରେ ଉଦଳା ଏନଏସି ଏବଂ ବ୍ଲକ ଅଂଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ରହିଥିଲେ। ବରିଷ୍ଠ ସାମ୍ବାଦିକ ଦିନବନ୍ଧୁ ବାରିକ, ସନ୍ତୋଷ କୁମାର ବାଛିନୀ, ଶଶିକାନ୍ତ ମିଶ୍ର ପ୍ରମୁଖ ମଂଚାସୀନ ହୋଇଥିବା ବେଳେ ଦିଲ୍ଲୀପ କୁମାର କଳିଆ ସଭାପତିତ୍ୱ କରିଥିଲେ। ପ୍ରଥମେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ସାମ୍ବାଦିକତାକୁ ନେଇ ମଂଚାସୀନ ଅତିଥିମାନେ ଆଲୋଚନା କରିଥିଲେ। ଏହା ପରେ ଉଦଳା ୟୁନିକ୍ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଦିନବନ୍ଧୁ ବାରିକ, ଉପସଭାପତି କୃଷ୍ଣଚୈତନ୍ୟ ସଦୁଆଳ, ସମ୍ପାଦକ ଦିଲ୍ଲୀପ କୁମାର କଳିଆ, ସହ ସମ୍ପାଦକ ମାନସ କୁମାର ପାଣି, କୋଷାଧ୍ୟକ୍ଷ ଭାବେ ଶଶିକାନ୍ତ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ, ସର୍ବେଶ୍ୱର ମହାପାତ୍ର, ଦୀପକ କୁମାର ପରିଡା, ଅତନୁ ତ୍ରିପାଠୀ, ଶୁଭାଶିଷ ପତି ଏବଂ ସନ୍ଦୀପ ମହାନ୍ତିଙ୍କୁ ଚୟନ କରାଯାଇଛି । ଏହା ସହିତ ସଂଘର ସୋସିଆଲ ମିଡିଆ ସଂଯୋଜକ ଭାବେ ଶ୍ରୀକାନ୍ତ ନାୟକଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ଏହି ସଂଘ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବ ତତସହିତ ସାମ୍ବାଦିକଙ୍କ ସମସ୍ୟା ନେଇ ଆଗାମୀ ଦିନରେ ଛିଡା ହେବ ବୋଲି ନୂତନ ଭାବେ ଚୟନ ହୋଇଥିବା ସଭାପତି ଦିନବନ୍ଧୁ ବାରିକ କହିଛନ୍ତି । ଖୁବଶୀଘ୍ର ଏକ ବୈଠକ ଆୟୋଜନ କରାଯାଇ ଆଗାମୀ ଦିନରେ ସଂଘର କାର୍ଯ୍ୟକାରିତା ଉପରେ ସବିଶେଷ ଆଲୋଚନା କରାଯିବ ବୋଲି ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ବାଛିନୀ ସୂଚନା ଦେଇଛନ୍ତି । ଏହି କର୍ମକର୍ତ୍ତା ଚୟନରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଅଭିଜିତ୍ ବେହେରା, ଅଭିଜିତ୍ ବିଶ୍ୱାଳ, ଶ୍ୱେତସୁନ୍ଦର ମଲ୍ଲିକ, ବସନ୍ତ ବେହେରା, ଦୀପକ କୁମାର ପାଣିଗ୍ରାହୀ, ଦୀପକ କୁମାର ମିଶ୍ର, ଅକ୍ଷୟ କୁମାର କର, ଯଶୋବନ୍ତ ପରିଡ଼ା, ଦେବଦତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସାମ୍ବାଦିକ ଅଭିଜିତ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର




**ଖଲ୍ଲିକୋଟ,୨୩ା୩(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା, ଆମ ଓଡ଼ିଶା ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ତଥା କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଗଣେଶ ହଲ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଏବଂ ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରଣତି କୁମାରୀ ରଥ ଏହି କାର୍ଯ୍ୟକ୍ରମର ପରିଚାଳନା କରିବା ସହ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ନିଜ ବକ୍ତବ୍ୟରେ କହିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ପ୍ରଫେସର ଡ. ଜୟନ୍ତ କୁମାର ମିଶ୍ର ରକ୍ତଦାନର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏମ୍. କେ. ସି. ଜି. ମେଡ଼ିକାଲ କଲେଜ ଓ ହସପିଟାଲର ରକ୍ତକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଓଜନ ଓ ହିମୋଗ୍ଲୋବିନ୍ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ। ମୋଟ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଶୁଭମ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ ଓ ଆଲୋଚନାଚକ୍ର

**ଭଦ୍ରକ,୨୩ା୩(ସଂଚାର ବ୍ୟୁରୋ):** ଜଳ ବିନା ଜୀବଜଗତ ବଂଚିବା ଅସମ୍ଭବ। ତେବେ ସେହି ଜଳ ଯଦି ପ୍ରଦୂଷିତ ହେବ ତାହା ଯିବ ଜଗତକୁ କ୍ଷତିରେ ପହଞ୍ଚାଇବ। ତେଣୁ ଜଳର ଶୁଦ୍ଧତା ଓ ସଂରକ୍ଷଣ ପ୍ରତି ସମସ୍ତେ ଯତ୍ନଶୀଳ ହୋଇ କାର୍ଯ୍ୟ କଲେ ନଦୀର ଜଳ ପ୍ରଦୂଷଣରୁ ମୁକ୍ତ ରହିବା ସହିତ ଜଳର ସୁବିନିଯୋଗ ହୋଇ ପାରିବ ବୋଲି ନେହେରୁ ଯୁବ କେନ୍ଦ୍ର ସହଯୋଗରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିୟ ବିଶ୍ୱ ଜଳ ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କହିଛନ୍ତି।

ଏହି ଉପଲକ୍ଷେ ଭଦ୍ରକ ସହରସ୍ଥିତ ମଦର୍ଶ ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ଜଳ ପ୍ରଦୂଷଣର ଭୟାବହତା ଓ ଏହାର ନିରାକରଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ




ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଏଲଖା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସେଠୀ, ଶିକ୍ଷାବିତ ତଥା ସମାଜସେବୀ ସୁରେନ୍ଦ୍ର ପଣ୍ଡା, ଆଇନଜୀବୀ କଳ୍ପତରୁ ପରିଡାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଜଳ ପ୍ରଦୂଷଣ ଦ୍ୱାରା କିପରି ଯିବ ଜଗତ ବିପଦ ଆଡକୁ ଗତି କରୁଛି ସେ ବିଷୟ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ଜଳର ଶୁଦ୍ଧତା ଓ ସଂରକ୍ଷଣ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରତ ଚନ୍ଦ୍ର ଜେନାଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ମେମୋଣ୍ଟ ଦିଆଯାଇ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେରେ ସଂଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ଅତିଥି ମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ହୃଷିକେଶ ବାରିକ ପ୍ରାରମ୍ଭିକ ସୂଚନା ଓ ଉପ ସଭାପତି ଆନନ୍ଦ ଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ମାତିଲେଣି ବାଲି ମାଫିଆ !

**ଜଗତସିଂହପୁର,୨୩ା୩(ସଂଚାର ବ୍ୟୁରୋ):** ବାଲିମାଫିଆଙ୍କ ଲୋଲୁପ୍ ଦୃଷ୍ଟି ଯୋଗୁଁ ବଛାଳ ପଞ୍ଚାୟତର ପୋକାମୂଳ ଏରେଡ଼ା ଓ ବଦରଘାଟ ଏହି ବାଲିଘାଟ ଅଞ୍ଚଳରେ ବିନା ଟ୍ରାଞ୍ଜିଟ ପାସ ସହ ଘାଟରୁ ଡ଼ଙ୍ଗୀ ସାହାଯ୍ୟରେ ବାଲି ଉତ୍ତୋଳନ ଚାଲିଛି। ବାଲିମାଫିଆମାନେ ତାଡ଼ି ବାଲି ଚୋରି କରିନେବା ପରେ ଏକାଧିକ ବିରାଟ କୃତ୍ରିମ ଜଳାଶୟ ସୃଷ୍ଟି ହୋଇଛି। ତୁରନ୍ତ ଏହା ଉପରେ ଅଙ୍କୁଶ ନ ଲାଗିଲେ ନିଶ୍ଚିହ୍ନ ହୋଇଯିବ ଜନବସତି। ଏଭଳି କିଛି ଆଶଙ୍କା ସୃଷ୍ଟି କଲାଣି ଦେବୀନଦୀ ଏରେଡ଼ା ପୋଲର ଆଖପାଖ ଅଞ୍ଚଳରେ।

ଜଗତସିଂହପୁର ଜିଲ୍ଲାର ନାଉଗାଁ ତହସିଲ ଅଧୀନରେ ବଛାଳ, ବଦରଘାଟ, ପୋକାମୂଳ, ଏରେଡ଼ା ବାଲିଘାଟରୁ ଡ଼ଙ୍ଗୀ ସାହାଯ୍ୟରେ ବାଲି ଉତ୍ତୋଳନ ଜୋରଦାର ପ୍ରୟାସ ଜାରି ରହିଛି। ବାଲି ମାଫିଆମାନେ ଚତୁରତାର ସହିତ ବାଲି ଉତ୍ତୋଳନ ସମୟ ବଦଳାଇ ଦେଇଛନ୍ତି। ସନ୍ଧ୍ୟା ୭ଟା ପରେ ଏହି କାମ ଚାଲୁଛି। ବାଲି ଉତ୍ତୋଳନ କାମରେ ଜେସିବି ସହ ଶହେ ବହୁ ସଂଖ୍ୟାରେ ଶ୍ରମିକ ନିୟୋଜିତ ରହୁଥିବା ଶୁଣିବାକୁ ମିଳୁଛି। ଏହି ବାଲି ଉତ୍ତୋଳନ କରାଯିବା ହେତୁ ନଦୀବନ୍ଧ କ୍ରମଶଃ ଦୁର୍ବଳ



ହେବାରେ ଲାଗିଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତି ଓ ସାମ୍ବାଦିକ ବାଲିମାଫିଆଙ୍କ ବଡ଼ିଗାର୍ଡ। ବାଲି ବୋହି ନେଇ ଗଛିତ କରି ରଖାଯାଉଥିବା ନଜରକୁ ଆସିଛି। ପରେ ସୁଯୋଗ ଦେଖି ଡ଼ମ୍ପରରେ ପାରାଦୀପ, ପୁରୀ, କାକଟପୁର ଅଞ୍ଚଳକୁ ବାଲି ଚୋରା ଚାଲାଣ ହେଉଛି। ଅନ୍ୟ ପକ୍ଷରେ ମାଫିଆମାନେ ସରକାରୀ ଗାଡି ଚାଳକ ତଥା ଅନ୍ୟ ଅଧିକାରୀଙ୍କୁ ହାତକରି ଏଭଳି ଚୋରାଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ମହଲରେ ଅଭିଯୋଗ ହେଉଛି। ଏଥିପାଇଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। କାହିଁକି ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ କଲ୍ ଡ଼ିଟେଲ ରେକର୍ଡ (ସିଡ଼ିଆର)ଯାଞ୍ଚ କରାଯାଉନି? ବାଲି ଉତ୍ତୋଳନ ସମୟରେ ବାଲିଘାଟ ଉପରେ କାହିଁକି ଜିଲ୍ଲା ପ୍ରଶାସନ ଚଢ଼ଉ କରୁନି? ପ୍ରତ୍ୟେକ ଦିନ ମୁଖ୍ୟରାସ୍ତାରେ ଖୋଲା ଖୋଲି ବାଲି ଚାଲାଣ କରୁଥିଲେ ମଧ୍ୟ୍ୟ ଖଣି ବିଭାଗ ପଧରୁ ଏହା ଉପରେ କାହିଁକି ଧରପଗଡ଼ କରାଯାଉନି? ଏହିଭଳି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି। ବାଲି ମାଫିଆଙ୍କ ଦୌରାତ୍ମ୍ୟ ଏତେ ଯେ ସ୍ଥାନୀୟ ଲୋକେ ମୁହଁ ଖୋଲିବାକୁ ଡ଼ରୁଛନ୍ତି। ସେପଟେ ଖଣିଅଧିକାରୀ ସତୀଶ କୁମାର ତରାଇ କର୍ମଚାରୀ ଅଭାବ କାରଣରୁ ଖଣି ବିଭାଗ ଏ ନେଇ ନିଜ ଅସହାୟତା ପ୍ରକାଶ କରିଛି।

## ଗଛ ପଡି ମହିଳା ମୃତ

**କଳାହାଣ୍ଡି,୨୩ା୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ ସହରର ବଜାରପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସୂଚନା ଅନୁଯାଇ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ହେବାରୁ ଜୁନାଗଡ ସହରର ବଜାର ପଡାରେ ରହୁଥିବା ସୁରେନ୍ଦ୍ର ବେହେରାଙ୍କ ଘର ପାଖରେ ଥିବା ଏକ ବିଶାଳ ତାଳ ଗଛ ଘର ଉପରେ ପଡି ଯାଇଥିଲା। ଏହି ସମୟରେ ସୁରେନ୍ଦ୍ରଙ୍କ ପତ୍ନୀ କୌସଲ୍ୟା (୨୬) ତାଙ୍କ ୪ ବର୍ଷର ଭଣଜାଙ୍କୁ ବଞ୍ଚାଇବାକୁ ଯାଇ ଭଣଜା ଉପରେ ଶୋଇପଡିଥିଲେ । ଏହି ସମୟରେ ଘରର କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା । ଘରେ ଥିବା ତାଙ୍କ ନଣନ୍ଦ ସାଇପଡ଼ିଶା ଲୋକଙ୍କୁ ଡାକି କୌସଲ୍ୟା ଓ ତାଙ୍କ ଭଣଜାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ସୁରେନ୍ଦ୍ରଙ୍କ ସ୍ତ୍ରୀ କୌସଲ୍ୟାକୁ ମୃତ ଘୋଷାଣୀ କରିଥିଲେ ଓ ଭଣଜା ଆହତ ହୋଇଥିବା ବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା କରି ଘରକୁ ଛାଡିଥିବା ଜଣାପଡିଛି । କୌସଲ୍ୟା ଦେଢ ବର୍ଷ ତଳେ ବିବାହ କରିଥିବା ବେଳେ ତିନି ମାସର ଗର୍ଭବତୀ ଥିବା ପରିବାର ପକ୍ଷରୁ କୁହାଯାଇଛି । ଜୁନାଗଡ ଥାନାରେ ଏକ ମାମଲା ରୁଜୁ କରାଯାଇ ଥିବା ବେଳେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଥିବା ସୂଚନା ମିଳିଛି।